

ସିନ୍ନର ଚାମ୍ପିଅନ

▶ ଖେଳ ପୃଷ୍ଠା ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-258 ◆TUESDAY ◆17 MARCH 2026 ◆PAGE-12 ◆₹ 7.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୨୫୮ ◆ମଙ୍ଗଳବାର ◆୧୭ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦






10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | SHRIRAM Finance | IDFC FIRST Bank | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ସଞ୍ଚୟ 31 ମାର୍ଚ୍ଚ 2026 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଲ୍ଲେଖିତ ମୋଟ ସଞ୍ଚୟ ହେଉଛି କ୍ୟାଶ୍ ବ୍ୟାକ୍ ଜନିତ ସଞ୍ଚୟ । ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 5 ମାଗଣା ସର୍ଭିସ୍ (3 ଷ୍ଟାଣ୍ଡାର୍ଡ ମାଗଣା ସର୍ଭିସ୍ ଓ 2 ଅତିରିକ୍ତ ମାଗଣା ସର୍ଭିସ୍) । ମାଗଣା ସର୍ଭିସ୍ ଙ୍କ ସଞ୍ଚୟସବୁ ନିର୍ଦ୍ଧାରିତ ଲେବର୍ ଚାର୍ଜେସ୍ ଉପରେ । ପ୍ରଯୁଜ୍ୟ ଅଫରସବୁ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ । ଶୂନ୍ୟ ପିଏଫ୍ ରେ ସଞ୍ଚୟ, ଫାଇନାନ୍ସର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଭିନ୍ନ ହୋଇପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ । ପଲ୍ସର 125 ଅଫର୍ ନିଅନ୍ ଓ କାର୍ବନ୍ ଫାଇବର୍ ମଡେଲ୍ ସହାଣେ । Pulsar N160 USD ସିଙ୍ଗଲ୍ ସିଟ୍ ଭାରିଆଣ୍ଟରେ ଇ-କମ ଅଫର୍, ସମ୍ପୃକ୍ତ ଇ-କମ୍ ପାର୍ଟନରଙ୍କ ସର୍ତ୍ତାବଳୀ ଉପରେ ନିର୍ଭର କରେ। ଇ-କମ୍ ଅଫର୍ ପାର୍ଟନରମାନଙ୍କ ମଧ୍ୟରେ ଭିନ୍ନ ହୋଇପାରେ।

**Authorised Dealers for BAJAJ Auto Ltd.: Jeypore:** DURRANI TRADERS 9124212491 • **Nabarangapur** DURRANI TRADERS 9124212490 , • Raighar DURRANI TRADERS 8260225498• **Bhawanipatna** KALINGA AUTO SERVICE 8763863692 • **Bolangir** URBASI BAJAJ 7381052046. • **Rayagada** SITA RAMA BAJAJ 7205631185, • **Gunupur** SITA RAMA BAJAJ 9437771070.



ନବନିର୍ବାଚିତ ରାଜ୍ୟସଭା ସଦସ୍ୟମାନେ ରିଟର୍ଣ୍ଣିଂ ଅଫିସରଙ୍କଠାରୁ ନିର୍ବାଚିତ ହେବାର ପ୍ରମାଣପତ୍ର ଗ୍ରହଣ କରୁଛନ୍ତି

# ‘ସ୍ୱାଧୀନ’ ବିଜୟ: ବିଜେପିର ପରାଜୟ !

ଭୁବନେଶ୍ୱର,୧୬।୩(ସମିସ): ବିଜେପି ପାଇଁ ଦିଲ୍ଲୀପ ରାୟ ପ୍ରଥମ ପସନ୍ଦ ନୁହନ୍ତି, ବିଜେପି ସ୍ପଷ୍ଟ ଭାବରେ ଏହି ବାର୍ତ୍ତା ଦେଇଛି। ଏହା ସତ୍ତ୍ୱେ ପୁଣିଥରେ ନିର୍ବାଚନ ରାଜନୀତିରେ ନିଜ ପାରଙ୍ଗମ ପଣିଆ ଦେଖାଇଛନ୍ତି ସ୍ୱାଧୀନ ଦିଲ୍ଲୀପ। ବିଜେପିର ସଦସ୍ୟ ଥିବା ସତ୍ତ୍ୱେ ଦଳ ତାଙ୍କୁ ପ୍ରାର୍ଥୀ ନ କରି ସ୍ୱାଧୀନ ଲଢ଼ିବାକୁ ଛାଡ଼ି ଦେଇଥିଲେ ସୁଦ୍ଧା ଦିଲ୍ଲୀପ ଖାଲି ବିରୋଧୀଙ୍କୁ ନୁହେଁ, ନିଜ ଦଳ ବିଜେପିକୁ ବି ଚକ୍‌ମା ଦେଇଛନ୍ତି । ଦ୍ୱିତୀୟ ପସନ୍ଦ ଭୋଟରେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ସାମ୍ପ୍ରତିକ ପରିପ୍ରେକ୍ଷୀରେ ବ୍ୟାପକ ଘୋଡ଼ା ବେପାର ଓ ୧୧ ବିଧାୟକଙ୍କ କ୍ରସ ଭୋଟିଂ ଦିଲ୍ଲୀପଙ୍କ ବିଜୟକୁ ସହଜ ଓ ସୁନିଶ୍ଚିତ କରିବା ବଦଳରେ ଦଣ୍ଡେଶ୍ୱରଙ୍କ ସହ ସମାନ ୨୩ ପ୍ରଥମ ପସନ୍ଦ ଭୋଟ ପାଇବା ବିଜେପି ରାଜନୀତିରେ କେଉଁଠି ନା କେଉଁଠି ରହିଥିବା ଛିଦ୍ରକୁ ପ୍ରମାଣିତ କରିଛି। ଦ୍ୱିତୀୟବାର ମତଦାନ ସୁଯୋଗ ପାଇଥିବା ବ୍ରହ୍ମଗିରି ବିଧାୟିକାଙ୍କ ଭୋଟ ଯଦି ସର୍ବୋଚ୍ଚ ଅଦାଲତରେ ଅସିଦ୍ଧ ହୁଏ, ତେବେ ରାଜନୀତି ଗଣିତ ପୁଣି ବଦଳି ଯାଇପାରେ ବୋଲି ଚାଲିଥିବା କଳ୍ପନାଜଳ୍ପନା କେତେ ବାସ୍ତବ ତାହା ଭିନ୍ନ କଥା; ମାତ୍ର ଦିଲ୍ଲୀପ ପୁଣିଥରେ ରାଜ୍ୟସଭାକୁ ନିର୍ବାଚିତ ହୋଇ ରାଜ୍ୟ ରାଜନୀତିରେ ହଲଚଲ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି ।

ବିଜେପି ନିକଟରେ ୭୯ ବିଧାୟକ ଓ ଦଳକୁ ୩ ଜଣ ବିଧାୟକଙ୍କ ସମର୍ଥନ ରହିଛି । ବିଜେପିର ଦୁଇ ପ୍ରାର୍ଥୀ ମନମୋହନ ସାମଲ ଓ ସୁଜିତ୍ କୁମାରଙ୍କୁ ପ୍ରଥମ ପସନ୍ଦରେ ୩୧ ଲେଖାଏଁ ୬୨ଟି ଭୋଟ ଯିବା ପରେ ବଳକା ୨୦ ବିଧାୟକଙ୍କ ପ୍ରଥମ ପସନ୍ଦ ଭୋଟ ଦିଲ୍ଲୀପଙ୍କୁ ମିଳିବା କଥା। ମାତ୍ର ନିର୍ବାଚନର ପରିସଂଖ୍ୟାନ ଭିନ୍ନ କଥା କହିଛି । ମନମୋହନ ସାମଲ ଓ ସୁଜିତ୍ କୁମାରଙ୍କୁ ୩୫ ଲେଖାଏଁ ପ୍ରଥମ ପସନ୍ଦ ଭୋଟ ଯିବା ପରେ ଦିଲ୍ଲୀପ ରାୟଙ୍କୁ ବିଜେପିର ୭ ଓ ୩ ସ୍ୱାଧୀନଙ୍କୁ ମିଶାଇ ମୋଟ ୧୩ଟି ପ୍ରଥମ ପସନ୍ଦ ଭୋଟ ମିଳିଛି।




ବିଜେଡିର ୮ ଜଣ ଓ କଂଗ୍ରେସର ୩ ଜଣ ବିଧାୟକ କ୍ରସ ଭୋଟିଂ କରି ଥିଲେ ବି ଦିଲ୍ଲୀପଙ୍କୁ ମାତ୍ର ୨୩ଟି ପ୍ରଥମ ପସନ୍ଦ ଭୋଟ ମିଳିଛି । ମିଳିତ ପ୍ରାର୍ଥୀ ଦଣ୍ଡେଶ୍ୱର ହୋତା ବି ସମାନ ୨୩ଟି ପ୍ରଥମ ପସନ୍ଦ ଭୋଟ ପାଇଛନ୍ତି । ବିଜେଡ଼ି ଓ କଂଗ୍ରେସରୁ ଗୋଟିଏ କ୍ରସ ଭୋଟିଂ କମ୍ ହୋଇଥିଲେ ବା ଉପାସନା ମହାପାତ୍ରଙ୍କ ଭୋଟ ନାକଚ ହୋଇଥିଲେ ଦିଲ୍ଲୀପଙ୍କ ବିଜୟ ସ୍ୱପ୍ନ ଅଧାରୁ ଭାଙ୍ଗି ଯାଇଥାଆନ୍ତା। ଦଳ ନିକଟରେ ଦିଲ୍ଲୀପଙ୍କ ପାଇଁ ବଳକା ୨୦ ପ୍ରଥମ ପସନ୍ଦ ଭୋଟ ଥିବା ସତ୍ତ୍ୱେ କାହିଁକି ଦିଲ୍ଲୀପଙ୍କୁ ୧୩ ପ୍ରଥମ ପସନ୍ଦ ଭୋଟ ଦେବାକୁ କିଏ ଓ କାହିଁକି ନିଷ୍ପତ୍ତି ନେଲା ତାହାର ଉତ୍ତର କାହାରି ନିକଟରେ ନାହିଁ। ଏପରିକି ଦଳ ଦିଲ୍ଲୀପ ବିଜୟୀ ହୁଅନ୍ତୁ ବୋଲି ଚାହୁଁ ନ ଥିଲା ନା ମନମୋହନ ଓ ସୁଜିତଙ୍କ ବିଜୟ ପାଇଁ ନିଶ୍ଚିତ ହୋଇ ନ ପାରି ୩୫ ଲେଖାଏଁ ପ୍ରଥମ ପସନ୍ଦ ଭୋଟ ସଂରକ୍ଷିତ ରଖିଥିଲା ବୋଲି ପ୍ରଶ୍ନ ଉଠିଛି ।

- ବିଜେପିର ୨୦ ପ୍ରଥମ ପସନ୍ଦ ପରିବର୍ତ୍ତେ ୧୨ ଭୋଟ ମିଳିଲା କିପରି
- ମନମୋହନ ଓ ସୁଜିତଙ୍କୁ ୩୫ ଲେଖାଏଁ ପ୍ରଥମ ପସନ୍ଦ ଭୋଟ କାହିଁକି
- ୧୧ କ୍ରସ ଭୋଟିଂ ହୋଇ ନ ଥିଲେ ପରାଜିତ ହୋଇଥାନ୍ତେ ଦିଲ୍ଲୀପ

ଦିଲ୍ଲୀପଙ୍କୁ ସମର୍ଥନ ଘୋଷଣା ସତ୍ତ୍ୱେ ବିଜେପି କାହିଁକି ତାଙ୍କ ବିଜୟ ପଥକୁ ସୁଗମ କଲା ନାହିଁ ତାହା ଅନେକଙ୍କୁ ବିସ୍ମିତ କରିଛି। ଦଳର ଆଭ୍ୟନ୍ତରୀଣ ରାଜନୀତି, ଗୋଷ୍ଠୀ ବିବାଦକୁ ଦେଖିଲେ ଦଳରେ ଥାଇ ବି ଦିଲ୍ଲୀପ ଅନେକ ସମୟରେ କୋଣଠେସା ହୋଇ ରହିଛନ୍ତି । ରାଉରକେଲା ବିକାଶ ପ୍ରତି କେନ୍ଦ୍ର ବିଜେପି ନେତୃତ୍ୱଙ୍କ ଉପେକ୍ଷା ମନୋଭାବକୁ ବିରୋଧ କରି ଦିଲ୍ଲୀପ ବିଜେପିରୁ ଇସ୍ତଫା ଦେଇଥିଲେ। ଏହାପରେ ଅଦାଲତୀ ମାମଲାକୁ ନେଇ ତତ୍କାଳୀନ ଦଳୀୟ ନେତୃତ୍ୱ ଓ ଅନ୍ୟାନ୍ୟ ନେତାମାନେ ଦିଲ୍ଲୀପଙ୍କ ବିରୋଧରେ ଯାବତୀୟ ବିଷୋଦଗାର କରିଥିଲେ । ମାତ୍ର ୨୦୨୪ରେ କୌଣସି କାରଣବଶତଃ ପୁଣି ବିଜେପି ଦିଲ୍ଲୀପଙ୍କୁ ଲୋଡ଼ିଥିଲା ଓ ସେ ରାଉରକେଲାରୁ ବିଧାୟକ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ରାଜ୍ୟସଭା ନିର୍ବାଚନ ସମୟରେ ବିଜେପି ୨ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା ଓ ବିଜେପି ତ୍ୟାଗ କରି ନ ଥିଲେ ସୁଦ୍ଧା ଦିଲ୍ଲୀପ ସ୍ୱାଧୀନ ଲଢ଼ିବାକୁ ନିର୍ଣ୍ଣୟ ନେଇଥିଲେ। ଦଳ ସମର୍ଥିତ ପ୍ରାର୍ଥୀ ହୋଇଥିବାରୁ ଦିଲ୍ଲୀପଙ୍କ ବିଜୟ ସୁନିଶ୍ଚିତ କରିବା ବିଜେପିର ଦାୟିତ୍ୱ ଥିଲେ ହେଁ ଦଳ ତାଙ୍କୁ ପୂର୍ଣ୍ଣ ସହଯୋଗ କରିଥିବା ମନେ ହେଉନାହିଁ। ନିଜ ଉଦ୍ୟମରେ ଘୋଡ଼ାମାନଙ୍କ ସହ ଦିଲ୍ଲୀପ ଓ ତାଙ୍କ ବିଶ୍ୱସ୍ତ ଲୋକମାନେ ଯୋଗସୂତ୍ର ସ୍ଥାପନ କରିଥିଲେ ହେଁ ତାହା ତାଙ୍କ ବିଜୟ ପଥକୁ ସହଜ କରିପାରି ନାହିଁ। ରାଜନୀତିରେ ଅନଭିଜ୍ଞ ଦଣ୍ଡେଶ୍ୱର ଅଭିଜ୍ଞ ଦିଲ୍ଲୀପଙ୍କ ପ୍ରଥମ ପସନ୍ଦ ଭୋଟ ସମାନ ହୋଇଛି ଏବଂ ଦ୍ୱିତୀୟ ପସନ୍ଦ ଭୋଟରେ ଦିଲ୍ଲୀପ ବିଜୟୀ ଘୋଷିତ ହୋଇଛନ୍ତି ।

## ସଂନ୍ତୃପ୍ତଙ୍କୁ ନବୀନଙ୍କ ଶୁଭେଚ୍ଛା

# ବିଜୁ ବାବୁଙ୍କ ଆଦର୍ଶରେ ଆମର ଲଢ଼େଇ ଜାରି ରହିବ



ଭୁବନେଶ୍ୱର,୧୬।୩(ସମିସ): ରାଜ୍ୟସଭା ନିର୍ବାଚନରେ ବିଜେଡିର ବିଜୟୀ ପ୍ରାର୍ଥୀ ଡ. ସଂନ୍ତୃପ୍ତ ମିଶ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ନବୀନ ପଟ୍ଟନାୟକ। ସେହିପରି କମନ୍ ପ୍ରାର୍ଥୀ ଥିବା ଡାକ୍ତର ଦଣ୍ଡେଶ୍ୱର ହୋତା ଯେଉଁଭଳି ଭାବେ ନୀତି, ଆଦର୍ଶ ଓ ନିଷ୍ଠାର ସହ ନିର୍ବାଚନ ଲଢ଼ିଲେ ସେଥିପାଇଁ ତାଙ୍କୁ ସାଧୁବାଦ ଜଣାଇଛନ୍ତି। କିଛି କୁଚକ୍ରୀ ଓ ସ୍ୱାର୍ଥପର ନେତାଙ୍କ ଯୋଗୁଁ ଫଳାଫଳ ଆମ ସପକ୍ଷରେ ଗଲାନାହିଁ, ତଥାପି ବିଜୁ ବାବୁଙ୍କ ଆଦର୍ଶରେ ଆମର ଲଢ଼େଇ ଜାରି ରହିବ ବୋଲି ନବୀନ ସାମାଜିକ ଗଣମାଧ୍ୟମରେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଘୋଡ଼ା ଓ ବେପାରୀଙ୍କୁ ନବୀନଙ୍କ କଡ଼ା ସମାଲୋଚନା

# କେତେଜଣଙ୍କ ବାପା ଜେଲ୍ ଯାଇଥିଲେ

ଭୁବନେଶ୍ୱର,୧୬।୩(ସମିସ): ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ବିଧାୟକଙ୍କୁ କଟୁ ଶବ୍ଦରେ ସମାଲୋଚନା କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ବିଜେପି ଓ ତାଙ୍କ ସାଥୀମାନେ ଘୋଡ଼ା ବେପାର କରିବେ ବୋଲି ମୁଁ ପୂର୍ବରୁ କହି ଆସୁଛି। ଯେଉଁମାନେ ତାଙ୍କ ପାଇଁ ଭୋଟ୍ ଦେଇଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଅପରାଧିକ ରେକର୍ଡ ରହିଛି। ସେମାନଙ୍କ ମଧ୍ୟରୁ କେତେଜଣ ବ୍ୟକ୍ତି ଜେଲ ଯାଇଥିଲେ ଓ କେଉଁ ବିଧାୟକଙ୍କ ବାପାମାନେ ଜେଲ ଯାଇଥିଲେ; ଆପଣମାନେ ତା’ର ଯାଞ୍ଚ କରିପାରିବେ ବୋଲି ନବୀନ ଗଣମାଧ୍ୟମ ପ୍ରତିନିଧିଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଗତକାଲି ବିଜେପି ବିଧାୟକଙ୍କୁ ପାରାଦୀପରେ ରଖାଯାଇଥିଲା। ସେହିପରି ନିକଟରେ ଜଣେ ଝିଅକୁ ଦୁଷ୍କର୍ମ କରାଯାଇଥିବା ବେଳେ ସେ ଆତ୍ମହତ୍ୟା କରିଥିବା ନେଇ ଆପଣମାନେ ଶୁଣିଥିବେ। ଓଡ଼ିଶା ପରି ଏକ ସୁନ୍ଦର ରାଜ୍ୟ ଏପରି ସମସ୍ୟା ସମ୍ମୁଖୀନ ହେବା ମୋତେ ବହୁତ କଷ୍ଟ ଦେଉଛି। ବିଜେଡି ପୂର୍ବରୁ ଓଡ଼ିଶାର ଗଣତାନ୍ତ୍ରିକ ଅଧିକାର ଏବଂ ଅର୍ଥନୈତିକ ବିକାଶ ପାଇଁ ଲଢ଼େଇ କରି ଆସିଛି। ଆଗକୁ ମଧ୍ୟ ବିଜେଡି ଏହି ପ୍ରସଙ୍ଗରେ ନିଜର ଲଢ଼େଇ ଜାରି ରଖିବ ବୋଲି ନବୀନ କହିଛନ୍ତି ।

**ଅଧିକାଂଶଙ୍କର ରହିଛି ଆପରାଧିକ ରେକର୍ଡ**

# ଛେଳି ମେଣ୍ଢା ଭଳି ନିଜକୁ ବିକ୍ରି କରିଦେଲେ ୩ ବିଧାୟକ: ଭକ୍ତ

ଭୁବନେଶ୍ୱର,୧୬।୩(ସମିସ): କଂଗ୍ରେସର ତିନି ଜଣ ବିଧାୟକ କ୍ରସ ଭୋଟିଂ କରିଛନ୍ତି। ରାଜ୍ୟସଭା ନିର୍ବାଚନରେ ମିଳିତ ପ୍ରାର୍ଥୀ ଭାବେ ଡାକ୍ତର ଦଣ୍ଡେଶ୍ୱର ହୋତାକୁ କଂଗ୍ରେସ ଦଳ ସମର୍ଥନ ଦେଇଥିଲା। ମାତ୍ର ବିଧାୟକ ରମେଶ ଜେନା, ଦାଶରଥି ଗମାଙ୍ଗ ଓ ସୋଫିଆ ଫିରଦୋସ କ୍ରସ ଭୋଟିଂ କରିଛନ୍ତି। ସେମାନେ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ୍ ଦେଇଛନ୍ତି। ରାଜ୍ୟସଭା ଭୋଟ୍ ପୂର୍ବରୁ ବିଧାୟକ ଦାଶରଥି ଗମାଙ୍ଗଙ୍କୁ ଭୂମିକାକୁ ନେଇ କଂଗ୍ରେସ ସନ୍ଦେହ ପ୍ରକଟ କରିଥିଲା। ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି ହୋଇଥିଲା। ହେଲେ ଏହି ବିଧାୟକଙ୍କ ସମେତ ଅନ୍ୟ ଦୁଇ ଜଣ ପ୍ରାର୍ଥୀ ମଧ୍ୟ କ୍ରସ ଭୋଟିଂ କରିଛନ୍ତି। ଏହି ୩ ଜଣ ବିଧାୟକ ଭୋଟ୍ ଦେଇ ଦଳୀୟ ଏଜେଣ୍ଟ ଭକ୍ତ ଚରଣ ଦାସଙ୍କୁ ଦେଖାଇବା ବେଳେ ଭକ୍ତ ଆପତ୍ତି ଉଠାଇଥିଲେ। ମାତ୍ର ରାଜ୍ୟସଭା ନିର୍ବାଚନରେ ସେମାନେ ଦଳୀୟ ଏଜେଣ୍ଟଙ୍କୁ ଦେଖାଇ କ୍ରସ ଭୋଟିଂ କଲେ ମଧ୍ୟ ଭୋଟ୍ ନାକଚ ନ ହେବାର ଥିବାରୁ ଭୋଟ୍‌କୁ ଗ୍ରହଣ କରାଯାଇଥିଲା।

ଦଳୀୟ ବିଧାୟକଙ୍କ କ୍ରସଭୋଟିଂକୁ ନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ସେ କହିଛନ୍ତି ଏହି ବିଧାୟକଙ୍କ କାର୍ଯ୍ୟକଳାପ ସମ୍ପର୍କରେ ଏଆଇସିସିକୁ ଜଣାଇ ଦିଆଯାଇଛି। ଏହାପରେ ଆମେ ଲିଖିତ ଭାବେ ଜଣାଇ ଦେବୁ। ରମେଶ ଜେନା କ୍ରସ୍ ଭୋଟିଂ କରିବେ ବିଶ୍ୱାସ କରୁ ନ ଥିଲି ବୋଲି ଭକ୍ତ କହିବା ସହ ସୋଫିଆ କ୍ରସ ଭୋଟିଂ କରି ତାଙ୍କର ରାଜନୈତିକ ଭବିଷ୍ୟତକୁ ନଷ୍ଟ କରିଦେଇଛନ୍ତି ବୋଲି ଭକ୍ତ କହିଛନ୍ତି। ଯେଉଁମାନଙ୍କର କଂଗ୍ରେସରେ ଲମ୍ବା ଭବିଷ୍ୟତ ଥିଲା, ସେମାନେ ଭୁଲ କରିବେ ଆମେ ଆଶା କରିନଥିଲୁ। ଦାଶରଥିଙ୍କ କଥା ଅଲଗା, ସେ ଗୋଟିଏ ଜିଲ୍ଲାରେ ସୀମିତ ଥିଲେ। ହେଲେ ଅନ୍ୟ ଦୁଇ ଜଣ ରମେଶ ଏବଂ ସୋଫିଆ ରାଜ୍ୟରେ ଜଣାଶୁଣା ନେତା। ଆମ ଆକଳନ ଭୁଲ ସାବ୍ୟସ୍ତ ହୋଇଗଲା। ଗଣମାଧ୍ୟମ ଆଗରେ ଏମାନେ ସିଂହ ଭଳି ବାହାସ୍ଫୋଟ ମାରୁଛନ୍ତି। ହେଲେ ନିଜକୁ ଛେଳି ମେଣ୍ଢା ଭଳି ବିକ୍ରି କରି ଦେଉଛନ୍ତି। କେତେ କୋଟି ଟଙ୍କାରେ ସେମାନେ ବିକ୍ରି ହୋଇଛନ୍ତି ସେ ସବୁ ଜିନିଷକୁ ଆମେ ଆଗାମୀ ଦିନରେ ଖୋଲିବୁ। ବିଜେଡି ସହ ମିଶି କଂଗ୍ରେସ ଏକ ସାଧୁ ଉଦ୍ୟମ କରିଥିଲା, ହେଲେ ଏମାନେ ଅତି ତଳ ସ୍ତରକୁ ଖସିଗଲେ। ଏମାନେ ବିବେକ ନ ଥିବା ଭଳି କାମ କରିଛନ୍ତି। ଦଳରୁ ସେମାନଙ୍କୁ ବହିଷ୍କାର କରାଯିବା ସହିତ ପାର୍ଟି ହ୍ୱିପ୍ ବିରୋଧରେ ଯାଇଥିବାରୁ ତାଙ୍କର ସଦସ୍ୟତା କିପରି ଯିବ ସେନେଇ ଉଦ୍ୟମ କରାଯିବ ବୋଲି ଭକ୍ତ କହିଛନ୍ତି।

## କ୍ରସ ଭୋଟିଂ କରିଥିବା ବିଧାୟକ



ସନାତନ ମହାକୁଡ଼ | ଅରବିନ୍ଦ ମହାପାତ୍ର | ସୌଭିକ ବିଶ୍ୱାଳ | ରମାକାନ୍ତ ଭୋଇ
ଚକ୍ରମଣି କହଁର | ଦେବୀ ରଞ୍ଜନ ତ୍ରିପାଠୀ | ନବ କିଶୋର ମଲ୍ଲିକ | ସୁବାସିନୀ ଜେନା
ରମେଶ ଜେନା | ସୋଫିଆ ଫିରଦୋସ | ଦାଶରଥୀ ଗମାଙ୍ଗୋ

## କ୍ରସ୍‌ଭୋଟିଂ କଲେ ବିଜେଡିର ୮ ବିଧାୟକ

# ନିଆଯିବ କଠୋର କାର୍ଯ୍ୟାନୁଷ୍ଠାନ: ପ୍ରତାପ ଦେବ

ଭୁବନେଶ୍ୱର,୧୬।୩(ସମିସ): ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ବିଜେଡି ବିଧାୟକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଦଳର ସଭାପତି ଠିକଣା ସମୟରେ ଏ ସଂକ୍ରାନ୍ତରେ ପଦକ୍ଷେପ ନେବେ ବୋଲି କହିଛନ୍ତି ବିଜେଡି ରାଜ୍ୟସଭା ନିର୍ବାଚନ ଏଜେଣ୍ଟ ପ୍ରତାପ ଦେବ। ଦଳ ନିକଟରେ ୫୦ ବେଇମାନ ରହିବାର ଆବଶ୍ୟକତା ନାହିଁ। ଦଳ ପାଖରେ ୧୦ ଜଣ ଠିକଣା ଲୋକ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି।

ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ଶ୍ରୀ ଦେବ କହିଛନ୍ତି ଯେ ରାଜ୍ୟସଭା ନିର୍ବାଚନରେ ବିଜେପି ଦ୍ୱାରା ଘୋଡ଼ା ବେପାର ପ୍ରସଙ୍ଗକୁ ନେଇ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୂଚାଇ ଥିଲେ। ଏହା ଆଜି ସତ୍ୟ ପ୍ରମାଣିତ ହୋଇଛି। ବିଜେଡିର ନିଲମ୍ବିତ ୨ ଜଣ ବିଧାୟକ ଯଥା ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ର କ୍ରସ ଭୋଟିଂ କରିଛନ୍ତି। ଏମାନଙ୍କ ବ୍ୟତୀତ ଚକ୍ରମଣି କହଁର, ସୁବାସିନୀ ଜେନା, ସୌଭିକ ବିଶ୍ୱାଳ, ନବ ଚରଣ ମଲ୍ଲିକ, ରମାକାନ୍ତ ଭୋଇ ଓ ଦେବୀ ରଞ୍ଜନ ତ୍ରିପାଠୀ ମଧ୍ୟ ବିପକ୍ଷ ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି। ଦଳର ନିର୍ଦ୍ଦେଶାବଳୀକୁ ଉଲ୍ଲଂଘନ କରି ଏହି ୮ ବିଧାୟକ କ୍ରସ ଭୋଟିଂ କରିଥିବାରୁ ଦଳୀୟ ଏଜେଣ୍ଟ ଭାବରେ ଏ ସଂକ୍ରାନ୍ତରେ ସେ ଅଭିଯୋଗ କରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

## ■ ରାଜ୍ୟସଭା ମତଦାନ ସମୟରେ ଅଭାବନୀୟ ଘଟଣା

# ବିଜେଡି ବିଧାୟକଙ୍କୁ ଗୋଡ଼େଇ ଧରିଲେ ମନ୍ତ୍ରୀ ଓ ଶାସକ ବିଧାୟକ

ଭୁବନେଶ୍ୱର,୧୬।୩(ସମିସ): ରାଜ୍ୟସଭା ନିର୍ବାଚନ ବିଜେପି ଘୋଡ଼ାବେପାର କରୁଥିବା ନେଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବାରମ୍ବାର କହି ଆସୁଥିଲେ। ଯାହା ଆଜି ସମସ୍ତେ ଦେଖିଛନ୍ତି । ବିଜେଡିର ଜଣେ ବିଧାୟକଙ୍କୁ ନେବା ପାଇଁ ଆଜି ଟଣା ଓଟରା ସ୍ଥିତି ସୃଷ୍ଟି ହୋଇଛି। ବିଜେପିର ଏକାଧିକ ବିଧାୟକଙ୍କ ସମେତ ଖୋଦ୍ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଜଣେ ବିଜେଡି ବିଧାୟକଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି ।

ସୋମବାର ବିଧାନସଭାରେ ରାଜ୍ୟସଭା ନିର୍ବାଚନ ଲାଗି ଭୋଟିଂ ଆରମ୍ଭରୁ ସୁରୁଖୁରୁରେ ଚାଲିଥିଲା। ଅପରାହ୍ଣରେ ଜୟଦେବ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ନବ ଚରଣ ମଲ୍ଲିକ ବିଧାନସଭାରେ ଭୋଟ୍ ଦାନ ପାଇଁ ପହଞ୍ଚିଥିଲେ। ଏହି ସମୟରେ ଧାଡ଼ିରେ ଠିଆ ହୋଇଥିବା ସମୟରେ ତାଙ୍କୁ ଜଣେ ଅଜଣା ବ୍ୟକ୍ତି ଟାଣି ନେବା ପରେ ବିଜେଡି ସଦସ୍ୟମାନେ ତୀବ୍ର ବିରୋଧ କରିଥିଲେ। ଏହାପରେ ବିଜେପିର ଉପସ୍ଥିତ ବିଧାୟକ ଓ ମନ୍ତ୍ରୀ ମଧ୍ୟ ନବଙ୍କୁ ନିଜ କବ୍‌ଜାକୁ ନେଇଯିବା ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ଦୌଡ଼ାଦୌଡ଼ି ସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ବିଜେପି ବିଧାୟକମାନେ ନବଙ୍କୁ ନେଇଯିବାରେ ସକ୍ଷମ ହେବା ହୋଇଥିଲେ ଓ ନବ ମଧ୍ୟ ବିଜେପି ସମର୍ଥିତ ପ୍ରାର୍ଥୀଙ୍କ ସପକ୍ଷରେ କ୍ରସ ଭୋଟିଂ କରିଥିଲେ ।

ନବ ମଲ୍ଲିକଙ୍କୁ ନେଇ ଦୁଇ ଦଳର ବିଧାୟକମାନେ ମୁହାଁମୁହିଁ ପରିସ୍ଥିତି ଓ ହୋହାଲ୍ଲା ହୋଇଥିଲେ। ଘଟଣା ସମ୍ପର୍କରେ ବିଜେଡି ବିଧାୟକ ତୁଷାରକାନ୍ତି ବେହେରା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଜଣେ ଅଜଣା ବ୍ୟକ୍ତି ତାଙ୍କ ହାତ ଧରି ଟାଣି ନେଲେ। ସେ ଭୋଟ ଦେବାକୁ ଲାଇନ୍ ରେ ଛିଡା ହୋଇଥିବା ବେଳେ ତାଙ୍କ ହାତକୁ ଧରି କିପରି ଜଣେ ଅଜଣା ବ୍ୟକ୍ତି ଟାଣିଲେ ବୋଲି ବିଜେଡି ସଦସ୍ୟମାନେ ପ୍ରତିବାଦ କରିଥିଲେ। ‘ଆମେ ତାଙ୍କୁ ଟଙ୍କା ଦେଇଛୁ, ସେ ଭୋଟ ଦେବେ’ ବୋଲି ସେଠାରେ କୁହାଯାଇଥିଲା। ବିଜେଡି ସଦସ୍ୟମାନେ ଏହି କଥାକୁ ନେଇ ଆପତ୍ତି ଉଠାଇଲେ। ଏହାକୁ ଗଣତନ୍ତ୍ରର ହତ୍ୟା ବୋଲି ବିଧାୟକ ତୁଷାରକାନ୍ତି ବେହେରା କହିଛନ୍ତି। ଏତେ ସୁରକ୍ଷା ଥିବା ସତ୍ତ୍ୱେ ବିଧାନସଭା ପରିସରକୁ ଜଣେ ଅଜଣା ବ୍ୟକ୍ତି ପଶିବା ଓ ଘୋଡ଼ା ବେପାର କଥା କହିବାକୁ ନେଇ ଶ୍ରୀ ବେହେରା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପଟେ ବିଜେପି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ କହିଛନ୍ତି, ବିଜେଡି ସଦସ୍ୟମାନେ ଜଣେ ବିଧାୟକଙ୍କୁ ଧମକ ଦେଉଥିଲେ ବୋଲି ଆମେ ସମ୍ପୃକ୍ତ ବିଧାୟକଙ୍କୁ ସୁରକ୍ଷା ଦେଇଥିଲୁ।

## ଦୁଇଥର ଭୋଟ ଦେଲେ ଉପାସନା

# ଭୋଟିଂ ରୁମ୍‌ରେ ଶାସକ ଓ ବିରୋଧୀ ଏଜେଣ୍ଟ କଥା କଟାକଟି

ଭୁବନେଶ୍ୱର,୧୬।୩(ସମିସ): ରାଜ୍ୟସଭା ମତଦାନ ସମୟରେ ବିଧାୟିକା ଉପାସନା ମହାପାତ୍ରଙ୍କ ଭୋଟ ସମୟରେ ଘଟିଛି ତୁମୁଳକାଣ୍ଡ। ମତଦାନ ସମୟରେ ପ୍ରଥମ ଥର ମତଦାନ ପରେ ‘ଓଭର ରାଇଟିଂ’ ଯୋଗୁଁ ତାଙ୍କୁ ଦ୍ୱିତୀୟବାର ବାଲାଟ ଦିଆଯିବା ଓ ସେ ଦ୍ୱିତୀୟବାର ମତଦାନ କରିବାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ତାଙ୍କୁ ଦ୍ୱିତୀୟବାର ମତଦାନ ସୁଯୋଗ ପ୍ରଦାନ ବିରୋଧ ସହ ତାଙ୍କ ଭୋଟକୁ ନାକଚ କରିବା ପାଇଁ ବିଜେଡି ଏଜେଣ୍ଟ, ପ୍ରାର୍ଥୀ ଓ ସଦସ୍ୟମାନେ ଅଡ଼ି ବସିଥିଲେ ହେଁ ତାହାକ ପ୍ରିଜାଇଡିଂ ଅଫିସର ଗ୍ରହଣ କରିନାହାନ୍ତି; ଯାହାକୁ ନେଇ ମତଦାନ ଗୃହରେ କିଛି ସମୟ ଅଚଳାବସ୍ଥା ସୃଷ୍ଟି ହୋଇଛି।

ରାଜ୍ୟସଭା ଭୋଟିଂ ବେଳେ ଉପାସନା ମହାପାତ୍ର ଭୋଟ ଦେବା ପାଇଁ ଆସିଥିଲେ। ପ୍ରଥମେ ସେ ନିର୍ବାଚନ ଅଧିକାରୀଙ୍କଠାରୁ ବାଲଟ ପେପର ନେଇ ମତଦାନ କରିଥିଲେ। ମାତ୍ର ଭୋଟ ବାକ୍ସରେ ବାଲଟ ପେପର ପକାଇବା ପୂର୍ବରୁ ଏଥିରେ ‘ଓଭର ରାଇଟିଂ’ ହୋଇଯାଇଥିବା ନେଇ ସମସ୍ତଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ। ତେଣୁ ତାଙ୍କୁ ଆଉ ଗୋଟିଏ ବାଲଟ ପେପର ଯୋଗାଇଦେବାକୁ କହିଥିଲେ। ଏହାକୁ ନେଇ ବିଜେଡି ଦଳୀୟ ଏଜେଣ୍ଟ ପ୍ରତାପ କେଶରୀ ଦେବ ଓ ପୋଲିଂ ଏଜେଣ୍ଟ ପ୍ରମିଳା ମଲ୍ଲିକ ବିରୋଧ କରିଥିଲେ। ରୁଲ ୪୧ ଅନୁଯାୟୀ ଜଣେ ଭୋଟରଙ୍କୁ ଦୁଇଟି ବାଲଟ ପେପର ଦିଆଯାଇପାରିବ ନାହିଁ ବୋଲି ସେମାନେ ଦର୍ଶାଇଥିଲେ। ବିଜେପି ପକ୍ଷରୁ ଭୋଟିଂ ରୁମ୍‌ରେ ପୋଲିଂ ଏଜେଣ୍ଟ ଥିବା ଇରାଶିଷ ଆଚାର୍ଯ୍ୟ ଓ ସନ୍ତୋଷ ଖଟୁଆ ଉପାସନାଙ୍କ ସପକ୍ଷରେ ଯୁକ୍ତି କରିବା ସହ ତାଙ୍କୁ ପୁନର୍ବାର ବାଲଟ ପେପର ଯୋଗାଇ ଦେବାକୁ ଦାବି କରିଥିଲେ। କଂଗ୍ରେସର ପ୍ରତିନିଧି ଅରବିନ୍ଦ ଦାସ ମଧ୍ୟ ଦ୍ୱିତୀୟ ବାଲଟ ପେପର ପ୍ରଦାନ ଉପରେ ଆପତ୍ତି ଉଠାଇଥିଲେ। ‘ଓଭର ରାଇଟିଂ’ ବିଷୟରେ ସର୍ବସମ୍ମୁଖରେ ପ୍ରକାଶ କରିଥିବାରୁ ଏହି ଭୋଟ ନାକଚ ହେବା ଉଚିତ୍ ବୋଲି ପ୍ରତାପ ଦେବ ଦାବି କରିଥିଲେ।

ପରେ ପରେ ବିଜେଡି ପ୍ରାର୍ଥୀ ସଂନ୍ତୃପ୍ତ ମିଶ୍ର ଓ ମିଳିତ ପ୍ରାର୍ଥୀ ଦଣ୍ଡେଶ୍ୱର ହୋତା ମଧ୍ୟ ଏହି ଭୋଟକୁ ନାକଚ କରିବାକୁ ଦାବି କରିଥିଲେ। ଏହି ଯୁକ୍ତିତର୍କ ଯୋଗୁଁ ଭୋଟ ଦାନ ପ୍ରକ୍ରିୟା ପ୍ରାୟ ୪୦ ମିନିଟ ଧରି ବନ୍ଦ ରହିବା ସହ ବିବାଦ ତୀବ୍ର ହୋଇଥିଲା। ଶେଷରେ ନିର୍ବାଚନ ଅଧିକାରୀ ଉପାସନାଙ୍କୁ ଦ୍ୱିତୀୟ ଥର ବାଲଟ ପେପର ଦେବାକୁ ନିଷ୍ପତ୍ତି ନେଇଥିଲେ। ପ୍ରମିଳା ମଲ୍ଲିକ ଏହାକୁ କଠୋର ସମାଲୋଚନା କରିବା ସହ ଭାରତ ବର୍ଷରେ କେବେ ଏଭଳି ଘଟଣା ଘଟି ନ ଥିଲା ବୋଲି କହିଥିଲେ।

## ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ: ନବୀନ

ବିଜେପି ବିଧାୟିକା ଉପାସନା ମହାପାତ୍ରଙ୍କୁ ରାଜ୍ୟସଭା ନିର୍ବାଚନରେ ଦୁଇଥର ବାଲଟ ପେପର ଦିଆଯିବା ଓ ଦ୍ୱିତୀୟବାର ତାଙ୍କୁ ମତଦାନ କରିବାକୁ ସୁଯୋଗ ପ୍ରଦାନକୁ ବିରୋଧ କରିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ସେ କହିଛନ୍ତି ଯେ ବ୍ରହ୍ମଗିରି ବିଧାୟିକାଙ୍କୁ ଦିଆଯାଇଥିବା ସୁଯୋଗ ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ସେ ତ୍ରୁଟିପୂର୍ଣ୍ଣର୍ ଭାବେ ଭୋଟ ଦେଇଥିଲେ। ଭୋଟ ଦାନ ପ୍ରକୋଷ୍ଠରେ ଥିବା ଅଧିକାରୀମାନେ ବେଆଇନ ଭାବେ ତାଙ୍କୁ ବାଲଟ ପେପର ଦେଇଛନ୍ତି। ଏହା ନିର୍ବାଚନ ନିୟମାବଳୀର ବିରୋଧାଚରଣ କରୁଛି। ଏହା ଗଣତାନ୍ତ୍ରିକ ବ୍ୟବସ୍ଥାର ସମ୍ପୂର୍ଣ୍ଣ ପରିପନ୍ଥୀ ଓ ନିର୍ବାଚନୀ ପ୍ରକ୍ରିୟାର ଉଲଂଘନ। ଆମେ ଏହାକୁ ତୀବ୍ର ବିରୋଧ କରୁଛୁ। ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାକୁ ସେମାନେ ଧ୍ୱଂସ କରୁଛନ୍ତି ଓ ନିର୍ବାଚନ ପ୍ରକ୍ରିୟାରେ ଏହା ସ୍ୱଚ୍ଛ ପରମ୍ପରା ନୁହେଁ ବୋଲି ନବୀନ କହିଛନ୍ତି ।

## ରାଜ୍ୟସଭାରେ ପ୍ରତିବାଦ

ରାଜ୍ୟସଭା ନିର୍ବାଚନରେ ବିଜେପି ବିଧାୟିକା ଉପାସନା ମହାପାତ୍ରଙ୍କୁ ଦ୍ୱିତୀୟବାର ମତଦାନ ସୁଯୋଗ ପ୍ରସଙ୍ଗକୁ ନେଇ ରାଜ୍ୟସଭାରେ ତୀବ୍ର ପ୍ରତିବାଦ କରିଛି ବିଜେଡି। ରାଜ୍ୟସଭାରେ ଦଳର ସଚେତକ ମାନସ ରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ ମୁନ୍ନା ଖାଁ, ସୁଲତା ଦେଓ, ନିରଞ୍ଜନ ବିଶି ଓ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ଏହି ପ୍ରସଙ୍ଗ ଉଠାଇ ଓଡ଼ିଶାରେ ରାଜ୍ୟସଭା ନିର୍ବାଚନରେ ଅନିୟମିତା ସଂକ୍ରାନ୍ତରେ ରାଜ୍ୟସଭା ଉପାଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସମ୍ପୃକ୍ତ ବିଧାୟିକା ମତଦାନ ପରେ ତାଙ୍କର ବାଲାଟ ପେପର ଓଭର ରାଇଟ ହୋଇଥିବା ସମସ୍ତଙ୍କୁ ଦେଖାଇଥିଲେ ଓ ନିୟମ ଅନୁସାରେ ଏହା ନାକଚ ହୋଇଯିବା କଥା । ମାତ୍ର ନୀତି ଓ ନିୟମକୁ ଜଳାଞ୍ଜଳି ଦେଇ ତାଙ୍କୁ ଦ୍ୱିତୀୟବାର ମତଦାନ ପାଇଁ ସୁଯୋଗ ଦିଆଯାଇଛି ବୋଲି ବିଜେଡି ସାଂସଦମାନେ ଅଭିଯୋଗ କରିଛନ୍ତି । ରାଜ୍ୟସଭା ଉପାଧ୍ୟକ୍ଷ ଏହି ପ୍ରସଙ୍ଗ ତାଙ୍କ ପରିସରଭୁକ୍ତ ନୁହେଁ ଓ ନିର୍ବାଚନ କମିଶନଙ୍କ ଅଧୀନସ୍ଥ ବୋଲି ଉଲ୍ଲେଖ କରିଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ବିଜେଡିର ସମସ୍ତ ରାଜ୍ୟସଭା ସାଂସଦ କକ୍ଷତ୍ୟାଗ କରିଥିବା ସୂଚନା ମିଳିଛି ।

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-258 ♦TUESDAY ♦17 MARCH 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୨୫୮ ♦ମଙ୍ଗଳବାର ♦୧୭ ମାର୍ଚ୍ଚ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

## ଅନ୍ତିମ ସଂସ୍କାର ବେଳେ ଚେଇଁ ଉଠିଲା ଶବ

■ ବାଲେଶ୍ୱର, ୧୬।୩ (ସମିସ): ଅନ୍ତିମ ସଂସ୍କାର ପାଇଁ ମଶାଣିରେ ସବୁ ବନ୍ଦୋବସ୍ତ ସରିଥିଲା। ଘର ଦୁଆର ମୁହଁରେ ବି କୋକୋଇ ବନ୍ଧା ସରିଥିଲା। ଖାଲି ଅପେକ୍ଷା ଥିଲା ଆମ୍ବୁଲାନ୍ସକୁ। ଭୁବନେଶ୍ୱରରୁ ଶବ ଫେରିବା ପରେ ମଶାଣିକୁ ନେବା ପାଇଁ ଘରଲୋକ ତରତର ହେଉଥିବା ବେଳେ ହଠାତ୍ ଚେଇଁ ଉଠିଲେ ମହିଳା। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଓଲମରା ପଞ୍ଚାୟତର ରାଜନଗର ଗାଁରେ ଏଭଳି ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମହିଳାଜଣଙ୍କ ହେଲେ, ଗାଁର ତାପସ କୁମାର ଅଠାଙ୍କ ସ୍ତ୍ରୀ ଅମିତା ଅଠା (୩୪)। ତାଙ୍କୁ ଗୁରୁତର ଅବସ୍ଥାରେ ରେମୁଣାସ୍ଥିତ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ଅମିତା ଗର୍ଭବତୀ ଥିଲେ। ଗତ ୧୩ ତାରିଖରେ ତାଙ୍କର ଗର୍ଭଯନ୍ତ୍ରଣା ହେବାରୁ ପରିବାରଲୋକେ ପ୍ରଥମେ ତାଙ୍କୁ ହାତୀଗଡ଼ସ୍ଥିତ ଏକ ମେଡିକାଲରେ ଭର୍ତ୍ତି କରାଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର ▶ପୃଷ୍ଠା-୭

**ରାଜ୍ୟ ସ୍ତବ୍ଧ**

# ଏସ୍‌ସିବିରେ ଜଳିଗଲେ ୧୦ ରୋଗୀ

### ୫ ସଂକଟାପନ୍ନ: ୮ ଗୁରୁତରଙ୍କ ଚାଲିଛି ଚିକିତ୍ସା

- ■ ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ରବିବାର ରାତି ୨ଟା୫୮ରେ କାଜୁଆଲଟି ଟ୍ରମା ଆଇସିୟୁରେ ଲାଗିଥିଲା ନିଆଁ
- ■ ଫେଲ୍ ମାରିଲା ଆଭ୍ୟନ୍ତରୀଣ ଅଗ୍ନି ନିର୍ବାପକ ବ୍ୟବସ୍ଥା
- ■ ସ୍ପ୍ରିଙ୍କଲର୍ ଓ ଫାୟାର୍ ଏକ୍ସଟିଙ୍ଗୁଇସର୍ ଅକାମୀ



■ କଟକ,୧୬।୩ (ସମିସ): ରାଜ୍ୟର ସର୍ବବୃହତ୍ ଓ ପ୍ରାଚୀନ ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଓ ହସ୍ପିଟାଲରେ ରବିବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୦ ରୋଗୀ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ୧୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ମୃତକମାନେ ହେଲେ, ଚୌଦ୍ୱାରର ରମେଶ ଚନ୍ଦ୍ର ପରିଡ଼ା (୪୫), କେନ୍ଦୁଝରର ଦାଶରୁ ମୁଣ୍ଡା (୬୫), ଭୁବନେଶ୍ୱର ଡୁମୁଡୁମାର ଏମ୍‌ଡି ନଇମ୍ (୩୫), କଟକ ମାହାଙ୍ଗା ଅଞ୍ଚଳର ଗୌରାଙ୍ଗ ଚନ୍ଦ୍ର ବାରିକ(୪୦), ବାଲେଶ୍ୱରର ମଧୁସୂଦନ ଦଳାଇ (୫୬), କେନ୍ଦ୍ରାପଡ଼ା ମାର୍ଶାଘାଇ ଅଞ୍ଚଳର ରବୀନ୍ଦ୍ର ଦାସ (୩୦), ଅନୁଗୋଳର ଚେରୁ ପରିଡ଼ା (୧୦୦), କେନ୍ଦ୍ରାପଡ଼ା ମହାକାଳପଡ଼ାର ମେନକା ରାଉତ(୭୦), କଟକର ଏସ୍.କେ ଅବଦୁଲ ସତାର୍(୮୦) ଏବଂ ଯାଜପୁର ଧର୍ମଶାଳାର କୃଷ୍ଣଚନ୍ଦ୍ର ବିଶ୍ୱାଳ (୭୫)। ସେହିପରି ସଂକଟାପନ୍ନ ରୋଗୀମାନେ ହେଲେ, ପଶ୍ଚିମବଙ୍ଗର ମହେଶ୍ୱର ମହାତୋ (୫୫), ଅନୁଗୋଳ ବଉଁରପାଳର ସୁମନ କୁମାର ସାହୁ (୩୦), ବାଲେଶ୍ୱରର ଦୟାନିଧି ମାଝୀ (୪୫), ଭଦ୍ରକର କଲ୍ୟାଣୀ ମଲ୍ଲିକ (୧୧) ଏବଂ କୋରାପୁଟର ପବିତ୍ର ତିଶାରୀ (୨୦)। ଗୁରୁତର ଆହତଙ୍କ ମଧ୍ୟରେ କେତେକ ଆଇସିୟୁ କର୍ମଚାରୀ ରହିଥିବା ସୂଚନା ମିଳିଛି। ବ୍ୟବଚ୍ଛେଦ ▶ପୃଷ୍ଠା-୭

## କିଏ ନେବ ନୈତିକ ଦାୟିତ୍ୱ?

### ମନ୍ତ୍ରୀ, ସଚିବ ନା ଡାକ୍ତରଖାନା ଅଧୀକ୍ଷକ

■ ଭୁବନେଶ୍ୱର,୧୬।୩(ସମିସ): ରାଜ୍ୟର ସବୁଠାରୁ ପ୍ରତିଷ୍ଠିତ କଟକସ୍ଥିତ ଏସ୍‌ସିବି ମେଡିକାଲ ଆଇସିୟୁରେ ନିଆଁ ଲାଗି ୧୦ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଅଗ୍ନିଦଗ୍ଧ ଆଉ ୧୦ଜଣ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏହି ଘଟଣାକୁ ନେଇ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଛି ଓ ଚଳିତ ଦଶନ୍ଧିରେ ଏହା ରାଜ୍ୟର ସବୁଠାରୁ ବଡ଼ ଦୁର୍ଘଟଣା ବୋଲି କୁହାଯାଉଛି। ଘଟଣାରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ମଧ୍ୟ ଶୋକ ଓ ଦୁଃଖ ପ୍ରକାଶ କରିଛନ୍ତି। ତେବେ ଏହି ଘଟଣାର ନୈତିକ ଦାୟିତ୍ୱ କିଏ ନେବ, ତାହାକୁ ରାଜ୍ୟବାସୀ ଚାହିଁ ରହିଛନ୍ତି। ସରକାର, ସ୍ୱାସ୍ଥ୍ୟମନ୍ତ୍ରୀ, ବିଭାଗୀୟ ସଚିବ, ଡାକ୍ତରଖାନା କର୍ତ୍ତୃପକ୍ଷ ଏ ପର୍ଯ୍ୟନ୍ତ ଘଟଣାରେ ଦୁଃଖ ଓ ଶୋକ ପ୍ରକାଶ କରିଥିଲେ ସୁଦ୍ଧା କେହି ଜଣେ ବି ନୈତିକ ଦାୟିତ୍ୱ ନେବା ପାଇଁ ମୁଣ୍ଡ ଦେଖାଇ ନାହାନ୍ତି।

ପ୍ରାୟ ଏକ ଦଶନ୍ଧି ତଳେ ରାଜଧାନୀର ଏକ ଘରୋଇ ଡାକ୍ତରଖାନାରେ ନିଆଁ ଲାଗି ୨୨ ଜଣ ପ୍ରାଣ ହରାଇଥିଲେ। ସେତେବେଳେ ବିରୋଧୀ ଦଳରେ ଥିବା ବିଜେପି ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ସହ ଡାକ୍ତରଖାନାର ମାଲିକଙ୍କ ଗିରଫ ଦାବି କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସେତେବେଳେ ▶ପୃଷ୍ଠା-୭

## ଏନଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

■ କଟକ,୧୬।୩ (ସମିସ): ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଅଗ୍ନିକାଣ୍ଡକୁ ଜାତୀୟ ମାନବାଧିକାର କମିସନ୍ (ଏନ୍‌ଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି। ମୃତ ଓ ପୀଡ଼ିତଙ୍କୁ କ୍ଷତିପୂରଣ ସହ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ହ୍ୟୁମାନ୍ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆର ଅଧ୍ୟକ୍ଷ ମନୋଜ ଜେନାଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଏନ୍‌ଏଚ୍‌ଆର୍‌ସି ସଦସ୍ୟ ଜଷ୍ଟିସ ବି.ଆର ଷଡ଼ଙ୍ଗୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୧୫ ଦିନ ଭିତରେ ଏ ସଂକ୍ରାନ୍ତରେ ସବିଶେଷ ରିପୋର୍ଟ ପ୍ରଦାନ ପାଇଁ ସେ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ଦର୍ଶାଇଥିଲେ ▶ପୃଷ୍ଠା-୭

## ମୃତକଙ୍କ ପରିବାରକୁ ୨୫ ଲକ୍ଷର ସହାୟତା ଓ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ



କଟକ ଏସସିବି ମେଡିକାଲର ଆଇସିୟୁରେ ବିଳମ୍ବିତ ରାତିରେ ଘଟିଥିବା ଅଗ୍ନିକାଣ୍ଡ ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ ହସ୍ପିଟାଲରେ ପହଞ୍ଚି ସ୍ଥିତିର ସମୀକ୍ଷା କରିବା ସହ ପ୍ରତ୍ୟେକ ମୃତକଙ୍କ ପରିବାର ପାଇଁ ୨୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏଥିସହ ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସେ ଏହାର ନ୍ୟାୟିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଜଷ୍ଟିସ୍ ଲକ୍ଷ୍ମୀଧର ବିଶ୍ୱାଳଙ୍କୁ ରାଜ୍ୟ ସରକାର ଏହି ଘଟଣାର ତଦନ୍ତ ପାଇଁ ନିଯୁକ୍ତି ଦେଇଛନ୍ତି। ସେ ଏହାର ନ୍ୟାୟିକ ତଦନ୍ତ କରି ଆସନ୍ତା ୬୦ ଦିନ ମଧ୍ୟରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ।

## ସହାୟତା ଘୋଷଣା କଲେ ପ୍ରଧାନମନ୍ତ୍ରୀ


ଏସସିବି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତାହତଙ୍କ ପରିବାରକୁ ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି। ପ୍ରତ୍ୟେକ ମୃତକଙ୍କ ନିକଟତମ ପରିବାରକୁ ପ୍ରଧାନମନ୍ତ୍ରୀ ରିଲିଫ ଫଣ୍ଡରୁ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ। ଆହତମାନଙ୍କୁ ୫୦,୦୦୦ ଟଙ୍କା ପ୍ରଦାନ କରାଯିବ," ବୋଲି 'ଏକ୍ସ'ରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି। କଟକ ଏସସିବି ମେଡିକାଲ ଟ୍ରମା କେୟାର ଅଗ୍ନିକାଣ୍ଡ ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍ ମଧ୍ୟ ଶୋକ ପ୍ରକାଶ କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।


## ଏସ୍‌ସିବିରେ ଆହତ ରୋଗୀଙ୍କୁ ଭେଟିଲେ ନବୀନ



ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ସନ୍ଧ୍ୟାରେ କଟକ ଯାଇ ଅଗ୍ନିକାଣ୍ଡ କ୍ଷତିଗ୍ରସ୍ତ ଏସ୍‌ସିବି ମେଡିକାଲ କଲେଜ ର ଆଇସିୟୁ ବୁଲି ଦେଖିବା ସହ ସ୍ଥାନାନ୍ତର ହୋଇଥିବା ଆହତ ରୋଗୀଙ୍କୁ ଭେଟିଛନ୍ତି। ଏହି ସମୟରେ ନବୀନ ସେମାନଙ୍କ ଚିକିତ୍ସା ସମ୍ପର୍କରେ ଡାକ୍ତର ମାନଙ୍କ ସହ ଆଲୋଚନା କରିଛନ୍ତି। କଟକ ବଡ଼ ଡାକ୍ତରଖାନା ପରି ଦେଶର ଏକ ପ୍ରତିଷ୍ଠିତ ସ୍ୱାସ୍ଥ୍ୟ ଅନୁଷ୍ଠାନର ଆଇସିୟୁରେ ଏଭଳି ଦୁର୍ଘଟଣାରେ ଶ୍ରୀ ପଟ୍ଟନାୟକ ଗଭୀର ଉଦବେଗ ପ୍ରକାଶ କରିଥିଲେ। ବିରୋଧୀ ଦଳ ନେତାଙ୍କ ସହ କଟକ ମେୟର ସୁବାସ ସିଂଙ୍କ ସମେତ ବିଜେଡିର ନେତୃବର୍ଗ କଟକ ମେଡିକାଲ କଲେଜକୁ ଯାଇଥିଲେ। ସକାଳେ ଦୁର୍ଘଟଟଣା ପରେ ନବୀନ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ। ଗୁରୁତର ଆହତଙ୍କ ଆରୋଗ୍ୟ କାମନା ସହ ସର୍ବୋତମ ଚିକିତ୍ସା ଦାବି କରିଥିଲେ। ଏହାସହିତ କଟକ ମେୟର ଓ ଟାଙ୍ଗୀ ଚୌଦ୍ୱାର ବିଧାୟକଙ୍କୁ ଘଟଣା ସ୍ଥଳରେ ପହଞ୍ଚି ସହାୟତା ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ।

## ଗିରିଜା ବଳୀୟାରସିଂହଙ୍କୁ ସାହିତ୍ୟ ଅକାଦେମି ପୁରସ୍କାର





**'ପାଦପୂରଣ' କବିତା ପୁସ୍ତକ ପାଇଁ ପୁରସ୍କାର**

■ ଭୁବନେଶ୍ୱର, ୧୬।୩ (ସମିସ): ୨୦୨୫ ମସିହା ପାଇଁ ମର୍ଯ୍ୟାଦାଜନକ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ନିମନ୍ତେ ବିଶିଷ୍ଟ କବି ଗିରିଜା କୁମାର ବଳୀୟାରସିଂହ ମନୋନୀତ ହୋଇଛନ୍ତି। ଆଜି ସାହିତ୍ୟ ଅକାଦେମି ପକ୍ଷରୁ ୨୪ଟି ଭାଷା ପାଇଁ ପୁରସ୍କାର ଘୋଷଣା କରାଯାଇଛି। ଏହି କ୍ରମରେ ଓଡ଼ିଆ ଭାଷା ପାଇଁ ଶ୍ରୀ ବଳୀୟାରସିଂହ ଏହି ପୁରସ୍କାର ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। 'ପାଦପୂରଣ' କବିତା ପୁସ୍ତକ ପାଇଁ ସେ ଏହି ପୁରସ୍କାର ପାଇବେ ବୋଲି ଅକାଦେମିର ସଚିବ ପଲ୍ଲବୀ ପ୍ରଶାନ୍ତ ହୋଲକର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ଆସନ୍ତା ୩୧ ତାରିଖରେ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ▶ପୃଷ୍ଠା-୭

### କାଳ ହେଲା ଜାତୀୟ ରାଜପଥରେ ମର୍ଣ୍ଣିଂୱାକ୍

## ପଛପଟୁ ଚାପିଦେଲା କାର୍; ୩ ମୃତ

■ ପିପିଲି, ୧୬।୩ (ସମିସ): କାଳ ହେଲା ଜାତୀୟ ରାଜପଥ କଡ଼ରେ ମର୍ଣ୍ଣିଂୱାକ୍। ଚାଲିଚାଲି ଯାଉଥିବା ବେଳେ ପଛପଟୁ ଏକ ଦ୍ରୁତଗାମୀ କାର୍ ଚାପିଦେବାରୁ ୨ ମହିଳାଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ କାର୍ ଚାଳକଙ୍କ ବି ମୃତ୍ୟୁ ହୋଇଛି। ଭୁବନେଶ୍ୱର ଉପକଣ୍ଠ ଉତ୍ତରା ନିକଟ କେଇସି କଲେଜ ସାମ୍ନାରେ ଆଜି ଭୋର୍‌ରେ ଏହି ଛାତିଥରା ଘଟଣା ଘଟିଛି। ମୃତକମାନେ ହେଲେ, ଧଉଳି ଥାନା ବସନ୍ତପୁର ଶାସନ ଗ୍ରାମର ସନ୍ତୋଷ କୁମାର ସାହୁଙ୍କ ଧର୍ମପତ୍ନୀ ବବିଲତା ସାହୁ (୬୦), ଯାଜପୁର ଅଧଳିଆ ଅଞ୍ଚଳର ଯଯାତି କେଶରୀ ରାଉତଙ୍କ ଧର୍ମପତ୍ନୀ ଦୀପାଳି ରାଉତ (୩୮) ଏବଂ କାର୍ ଚାଳକ ରାଜସ୍ଥାନର କଲାନି ଅଞ୍ଚଳର ରୋନକ। ବବିଲତା ଓ ଦୀପାଳି ପୂବାଶାସନ ଅଞ୍ଚଳରେ ରହୁଥିଲେ। ସେହିପରି ରୋନକଙ୍କ ବାପା ପାରାଦୀପରେ ଚାକିରି କରିଥିବା ବେଳେ ରୋନକ କିଟ୍ କଲେଜରେ ପାଠ ପଢୁଛନ୍ତି। ପୁଲିସ ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ

- ■ ୨ ମହିଳାଙ୍କ ସମେତ କାର୍ ଚାଳକ ମୃତ
- ■ ଜୀବନ ନେଉଛି ୩୧୬ନଂ ଜାତୀୟ ରାଜପଥ

ପଠାଇବା ସହ ନମ୍ବର ୧୭୬/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହାସହ ଦୁର୍ଘଟଣାଗ୍ରସ୍ତ କାର୍‌ଟିକୁ ଜବତ କରି ▶ପୃଷ୍ଠା-୭


### ରାଜ୍ୟସଭା ନିର୍ବାଚନ

## ମନମୋହନ, ସୁଜିତ୍, ସଂତୃପ୍ତଙ୍କ ସହଜ ବିଜୟ

### ଦିଲ୍ଲୀପଙ୍କ ସପକ୍ଷରେ ୧୧ ବିଧାୟକଙ୍କ କ୍ରସ ଭୋଟିଂ









■ ଭୁବନେଶ୍ୱର,୧୬।୩(ସମିସ): ସୋମବାର ଶେଷ ହୋଇଛି ରାଜ୍ୟର ୪ ରାଜ୍ୟସଭା ଆସନ ପାଇଁ ନିର୍ବାଚନ। ଆକଳନ ଅନୁସାରେ ୪ଟି ଆସନରୁ ବିଜେପିର ମନମୋହନ ସାମଲ, ସୁଜିତ୍ କୁମାର, ବିଜେଡିର ସଂତୃପ୍ତ ମିଶ୍ର ସହଜ ବିଜୟ ହାସଲ କରିଛନ୍ତି । ମାତ୍ର ୪ର୍ଥ ଆସନରେ ବିଜେଡି ଘୋଷିତ ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତା ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଛି । ଉଭୟ

- ■ ଦିଲ୍ଲୀପ ଓ ଦତ୍ତେଶ୍ୱରଙ୍କୁ ସମାନ ପ୍ରଥମ ପସନ୍ଦ ଭୋଟ
- ■ ଦ୍ୱିତୀୟ ପସନ୍ଦ ଭୋଟରେ ବିଜୟୀ ହେଲେ ଦିଲ୍ଲୀପ

ଦିଲ୍ଲୀପ ଓ ଦତ୍ତେଶ୍ୱର ପ୍ରଥମ ପସନ୍ଦରେ ୨୩ଟି ଲେଖାଏଁ ଭୋଟ ପାଇବାରୁ ଦ୍ୱିତୀୟ ପସନ୍ଦ ଭୋଟ ଗଣତି କରାଯାଇଛି । ଏଥିରେ ଦତ୍ତେଶ୍ୱରଙ୍କଠାରୁ ଦିଲ୍ଲୀପ ଯଥେଷ୍ଟ ଅଧିକ ଭୋଟ ପାଇ ୪ର୍ଥ ପ୍ରାର୍ଥୀ ଭାବରେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ବିଜେଡିର ୨ ନିଲମ୍ବିତ ସଦସ୍ୟଙ୍କ ସହ ୮ ଜଣ ବିଧାୟକ ଓ କଂଗ୍ରେସର ୩ ଜଣ ବିଧାୟକ ଦିଲ୍ଲୀପଙ୍କ ସପକ୍ଷରେ କ୍ରସ ଭୋଟିଂ କରିଥିବା ଜଣାପଡ଼ିଛି।

ବିଜେଡିର ଦୁଇ ନିଲମ୍ବିତ ବିଧାୟକ ସନାତନ ମହାକୁଡ଼, ଅରବିନ୍ଦ ମହାପାତ୍ର ଓ ନିକଟରେ ଦଳରୁ ନିଲମ୍ବିତ ପ୍ରଭାତ ବିଶ୍ୱାଳଙ୍କ ବିଧାୟକ ପୁତ୍ର ସୌଭିକ ବିଶ୍ୱାଳ କ୍ରସ ଭୋଟିଂ କରିପାରନ୍ତି ବୋଲି ପୂର୍ବରୁ ସବୁ ମହଲରେ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ବିଜେଡି ବୈଠକରେ ଚକ୍ରମଣି କହଁର ଓ ନବ ମଲ୍ଲିକଙ୍କ ଅନୁପସ୍ଥିତି କ୍ରସ ଭୋଟିଂକୁ ଇଙ୍ଗିତ କରିଥିଲା । ମାତ୍ର ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ବାଙ୍କି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବସ୍ତା ବିଧାୟିକା ସୁବାସିନୀ ଜେନା ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପଙ୍କ ସପକ୍ଷରେ କ୍ରସ ଭୋଟିଂ କରିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ କଂଗ୍ରେସ ଓ ଦଳର ସଭାପତିଙ୍କ ନିର୍ଦ୍ଦେଶ ଉଲ୍ଲଂଘନ କରି କଟକ ବିଧାୟିକା ସୋଫିଆ ଫିରଦୋସ, ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଓ ଦାଶରଥୀ ଗମାଙ୍ଗୋ କ୍ରସ ଭୋଟିଂ କରିଥିବା ପିସିସି ସଭାପତି ସୂଚନା ଦେଇଛନ୍ତି ।

ସୋମବାର ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ସକାଳ ୯ଟାରୁ ଭୋଟ ଆରମ୍ଭ ହୋଇ ଅପରାହ୍ନ ୪ଟା ଯାଏଁ ଜାରି ରହିଥିଲା। ସନ୍ଧ୍ୟା ୬ଟାରେ ଭୋଟ ଗଣତି ଆରମ୍ଭ ହୋଇଥିବା ବେଳେ ପ୍ରଥମ ପସନ୍ଦରେ ମନମୋହନ ସାମଲଙ୍କୁ ୩୫ଟି, ସୁଜିତ୍ କୁମାରଙ୍କୁ ୩୫ଟି, ଡ. ସଂତୃପ୍ତ ମିଶ୍ରଙ୍କୁ ୩୧ଟି ଡାକ୍ତର ଦତ୍ତେଶ୍ୱର୍ ହୋତାଙ୍କୁ ୨୩ଟି ଏବଂ ଦିଲ୍ଲୀପ ରାୟଙ୍କୁ ୨୩ଟି ଭୋଟ ମିଳିଥିଲା। ରାଜ୍ୟସଭା ନିର୍ବାଚନରେ ନିୟମ ଅନୁଯାୟୀ ପ୍ରତି ବିଧାୟକଙ୍କ ଭୋଟର ମୂଲ୍ୟ ୧୦୦ ହୋଇଥାଏ। ଅପରପକ୍ଷେ ଓଡ଼ିଶା ବିଧାନସଭାର ବିଧାୟକଙ୍କ ସଂଖ୍ୟାକୁ ବିଚାରକୁ ନେଲେ ପ୍ରତି ପ୍ରାର୍ଥୀଙ୍କୁ ବିଜୟୀ ହେବା ପାଇଁ ମୋଟ ୨୯୪୧ ମୂଲ୍ୟ ଭୋଟର ଆବଶ୍ୟକତା ପଡ଼ିଥିଲା। ଏହି ଅନୁସାରେ ମନମୋହନ ଓ ସୁଜିତଙ୍କୁ ୩୫୦୦ ଲେଖାଏଁ ଭୋଟ ମିଳିଥିବା ବେଳେ ସଂତୃପ୍ତଙ୍କୁ ୩୧୦୦ ଦତ୍ତେଶ୍ୱରଙ୍କୁ ୨୩୦୦ ଏବଂ ଦିଲ୍ଲୀପଙ୍କୁ ୨୩୦୦ ଭୋଟ ମିଳିଥିଲା। ଉଭୟ ଦତ୍ତେଶ୍ୱର ଏବଂ ଦିଲ୍ଲୀପଙ୍କୁ ସମାନ ଭୋଟ ମିଳିଥିବା ବେଳେ ଲଟେରୀରେ ବିଜେପି ପ୍ରାର୍ଥୀ ସୁଜିତ୍ କୁମାରଙ୍କ ବଳକା ଦ୍ୱିତୀୟ ପସନ୍ଦ ୫୫୯ ମୂଲ୍ୟର ଭୋଟ ଦିଲ୍ଲୀପ ରାୟଙ୍କ ଖାତାକୁ ଯାଇଥିଲା। ମନମୋହନଙ୍କ ଭୋଟ ମୂଲ୍ୟ ୩୫୦୦ ରହିଥିବା ବେଳେ ସୁଜିତ୍ କୁମାରଙ୍କ ଭୋଟ ସଂଖ୍ୟା ▶ପୃଷ୍ଠା-୭

### ରାଜ୍ୟସଭା ନିର୍ବାଚନରେ ବି 'ଭୋଟ ଚୋରି'

## ସବୁଠି କ୍ରସ୍‌ଭୋଟିଂ, ଅନୁପସ୍ଥିତି, ଅନିୟମିତତା

■ ନୂଆଦିଲ୍ଲୀ, ୧୬।୩: ବ୍ୟାପକ କ୍ରସଭୋଟିଂ, ଅନୁପସ୍ଥିତି ଏବଂ ଅନିୟମିତତା ଅଭିଯୋଗ ମଧ୍ୟରେ ଆଜି ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୧୦ଟି ରାଜ୍ୟ ପାଇଁ ଖାଲିପଡ଼ିଥିବା ୩୭ ଆସନ ମଧ୍ୟରୁ ୨୬ ଜଣ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିବା ବେଳେ ଆଜି ବିହାର, ଓଡ଼ିଶା ଏବଂ ହରିଆଣାରେ ୧୧ଟି ଆସନ ପାଇଁ ନିର୍ବାଚନ ହୋଇଛି। ବିଜେପି ମେଣ୍ଟ ବିହାରେ ସମସ୍ତ ୫ଟି ଯାକ ଆସନ ହାସଲ କରିଛି। ଓଡ଼ିଶାରେ ବିଜେପିର ଦୁଇ ଜଣ ନିର୍ବାଚିତ ହୋଇଥିବା ବେଳେ ବିଜେପି ସମର୍ଥିତ ପ୍ରାର୍ଥୀ କ୍ରସଭୋଟିଂ ସହାୟତାରେ ବିଜୟୀ ହୋଇଛନ୍ତି। ବିଜେଡିର ଜଣେ ପ୍ରାର୍ଥୀ ବିଜୟୀ ହୋଇଛନ୍ତି।

ବିହାରରେ ଖାଲି ପଡ଼ିଥିବା ୫ଟି ଆସନ ପାଇଁ ଆଜି ମତଦାନ ହୋଇଥିଲା। ବିଧାୟକଙ୍କ ସଂଖ୍ୟା ଦୃଷ୍ଟିରୁ ବିଜେପି ମେଣ୍ଟ ୪ଟି ଆସନ ପାଇବା କଥା। ମାତ୍ର ଘୋଡ଼ା ବେପାର ଏବଂ କିଛି ବିଧାୟକଙ୍କ ଅନୁପସ୍ଥିତି ଜରିଆରେ ଆଉ ଗୋଟିଏ ଆସନ ହାତେଇ ନେଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ବିଜେପି ସଭାପତି ନିତିନ ନବୀନଙ୍କ ସମେତ ୫ ଜଣ

- ■ ବିହାରରେ ସଂଖ୍ୟା ନ ଥାଇ ବିଜେପି ମେଣ୍ଟ ହାତେଇଲା ୫ଟି ଆସନ
- ■ ହରିଆଣାରେ ବିବାଦ ଯୋଗୁଁ ଫଳାଫଳ ବିଳମ୍ବିତ

ବିଜୟୀ ହୋଇଛନ୍ତି। ପଞ୍ଚମ ଆସନରେ ମହାମେଣ୍ଟ ପ୍ରାର୍ଥୀ ଜିତିବା କଥା। କିନ୍ତୁ କଂଗ୍ରେସର ତିନି ଏବଂ ଆରଜେଡିର ଜଣେ ବିଧାୟକ ଭୋଟ ଦେବାକୁ ଆସିନଥିଲେ।

ସେହିଭଳି ହରିଆଣାରେ ଦୁଇଟି ଆସନ ପାଇଁ ଆଜି ମତଦାନ ହୋଇଥିଲେ ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଫଳାଫଳ ଘୋଷଣା ହୋଇପାରି ନାହିଁ। ଉଭୟ କଂଗ୍ରେସ ଏବଂ ବିଜେପି ପରସ୍ପର ବିରୋଧରେ ଅଭିଯୋଗ କରିଛନ୍ତି। ସଂଖ୍ୟା ଦୃଷ୍ଟିରୁ ବିଜେପି ଏବଂ କଂଗ୍ରେସକୁ ଗୋଟିଏ ଲେଖାଏଁ ଆସନ ମିଳିବା କଥା। କିନ୍ତୁ ବିଜେପି ଆଉ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ମଇଦାନରେ ଓହ୍ଲାଇ କ୍ରସଭୋଟିଂ ପାଇଁ ସୁଯୋଗ ସୃଷ୍ଟି କରିଛି। ୯୦ ସଭ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାରେ ବିଜେପିର ୪୮ ସଭ୍ୟ ଥିବା ବେଳେ କଂଗ୍ରେସର ୩୭ ଜଣ ସଭ୍ୟ ଅଛନ୍ତି। ତିନି ଜଣ ପ୍ରାର୍ଥୀ ଥିବାରୁ ଜିତିବା ପାଇଁ ଜଣେ ପ୍ରାର୍ଥୀଙ୍କୁ ୩୧ ବିଧାୟକଙ୍କ ଭୋଟ ଦରକାର। ସଂଖ୍ୟା ଦୃଷ୍ଟିରୁ ବିଜେପି ଏବଂ କଂଗ୍ରେସକୁ ଗୋଟିଏ ଆସନ ସହଜରେ ମିଳିବା କଥା। କିନ୍ତୁ କଂଗ୍ରେସ ଭୋଟ ହାତେଇ ସ୍ୱାଧୀନ ପ୍ରାର୍ଥୀଙ୍କୁ ବିଜୟୀ କରିବା ଲାଗି ବିଜପି ଉଦ୍ୟମ କରିଥିବାରୁ କଂଗ୍ରେସ ଏହାର ସମାଲୋଚନା କରି ଏହାକୁ ଭୋଟ ଚୋରି ବୋଲି କହିଛି।

**ଚୋରି ଡ଼କାୟତି ଭୟ**

# ଗାଁରେ ପହରା ଦେଉଛନ୍ତି ଗ୍ରାମବାସୀ

ରାୟଗଡ଼ା,୧୬।୩ (ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଶେଷଖାଲ ଥାନା ଅନ୍ତର୍ଗତ ଗ୍ରାମାଞ୍ଚଳରେ ଦିନକୁ ଦିନ ଚୋରି ଓ ଡକାୟତି ଘଟଣା ବଢୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ଏହି କାରଣରୁ ଗ୍ରାମବାସୀମାନେ ରାତି ସମୟରେ

> ପୁଲିସ ପାଟ୍ରୋଲିଂ ଶୂନ୍
> ପୁଲିସ ଫାଣ୍ଡି ସ୍ଥାପନା ଦାବି



ଠେଙ୍ଗାବାଡି ଧରି ଦଳ ଦଳ ହୋଇ ଗ୍ରାମରେ ପହରା ଦେଉଥିବା ଦେଖିବାକୁ ମିଳିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ପିପିଲିଗୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜାଙ୍ଗିଲି ଗ୍ରାମରେ। ଗତକାଲି ଭଳି ଆଜି ମଧ ଗ୍ରାମବାସୀ ଚୋରି, ଡକାୟତି ରୋକିବାକୁ ଗାଁ ଦାଣ୍ଡରେ ଏବଂ ଚର୍ତୁପାଶ୍ୱର୍ରେ ହାତରେ ଠେଙ୍ଗାବାଡି ଧରି ଗାଁକୁ ସୁରକ୍ଷା ଦେଉଛନ୍ତି। ଗତ ଦୁଇ ଦିନ ତଳେ ଅର୍ଥାତ ଶନିବାର ଦିନ ଗ୍ରାମର ରମେଶ ମାଣ୍ଡାଙ୍ଗିଙ୍କ ମା'ଆପେଲି ମାଣ୍ଡାଙ୍ଗି(୬୨) ଗାଁ ଠାରୁ ଅଧା କିମି ଦୂର ବାଟ ନିଜ ଜମିରେ ଥିବା କୁଡିଆରୁ ଅପରାହ୍ଣ ୪ଟାରୁ ୫ସମୟ ମଧ୍ୟରେ ଘରକୁ ଫେରୁଥିବା ବେଳେ ଏକ ବାଇକ୍‌ରେ ଅଜଣା ଦୁଇ ଜଣ ଦୁର୍ବୃତ୍ତ ଆସି ଜୋର ଜବରଦସ୍ତି ତାଙ୍କର ଦୁଇଟି କାନଫୁଲ ଛିଣ୍ଡାଇ ନେଇଥିଲେ। ୬୨ବର୍ଷିୟ ବୃଦ୍ଧା ଦୁର୍ବୃତ୍ତମାନଙ୍କୁ ରୋକିବାକୁ ଚେଷ୍ଟା କରିଥିଲେ ମଧ ଏକାକୀ ଥିବାର ସୁଯୋଗ ନେଇ ସେଠାରୁ ସେମାନେ ଚମ୍ପଟ ମାରିଥିଲେ। ଏହି ଘଟଣା ସମ୍ପର୍କରେ ଆପେଇ ନିଜ ପୁଅ ଓ ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମବାସୀମାନେ ଏକତ୍ରିତ ହୋଇ ଗାଁକୁ ସୁରକ୍ଷା ଦେବା ପାଇଁ ନିଷ୍ପତି ନେଇଛନ୍ତି। ଆଜି ସଂଧ୍ୟା ୬ଟା ସମୟରେ ଜାଙ୍ଗିଲ ବଡ଼ ଆଲୁବାଡି ମୁଖ୍ୟ ରାସ୍ତାରେ ଦୁଇଟି ବାଇକ୍‌ରେ ତିନି ଜଣ ଅଜଣା ଯୁବକ ଗାଁ ମୁହାଁ ହେଉଥିବା ବେଳେ ଗ୍ରାମବାସୀଙ୍କୁ ଦେଖି ଦୂର ବାଟରୁ ଫେରି ଯାଇଥିବା ବେଳେ ରାସ୍ତା ମଝିରେ ଗୋଟିଏ ବାଇକ୍ ଛାଡି ଚାଲିଯାଇଥିବା ଜଣାପଡିଛି। ଗ୍ରାମବାସୀ ବାଇକ୍‌କୁ ଜବତ କରି ନିଜ ହେପାଜତରେ ରଖିଥିବା ଜଣାପଡିଛି। ଗତ କିଛି ଦିନ ଧରି ନିକଟସ୍ଥ ଅଞ୍ଚଳରେ ଅଜଣା ଲୋକମାନେ ଘୁରୁଥିବା ଦେଖାଯାଉଥିବାରୁ ଗ୍ରାମବାସୀଙ୍କ ମନରେ ଚୋରି, ଡକାୟତିର ସନ୍ଦେହ ସୃଷ୍ଟି ହୋଇଛି। ରାତିରେ ଚୋରି ଘଟିପାରେ ବୋଲି ଭୟରେ ଯୁବକ ଓ ବୟସ୍କ ମାନେ ପାଳି କରି ପହରା ଦେଉଛନ୍ତି। ଚୋରି ଭୟରେ ରାତିରେ ନ ଶୋଇ ଗ୍ରାମବାସୀ ଏଭଳି ପାହାରା ଦେଉଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ପିପଲଗୁଡା ଠାରୁ ଦୀର୍ଘ କିମି ଦୂର ବାଟରେ ଥିବା ଶେଷଖାଲ ଥାନା ରହିଥିବାରୁ ଉକ୍ତ ଅଞ୍ଚଳରେ ଏକ ପୁଲିସ ଆଉଟ୍ ପୋଷ୍ଟ ସ୍ଥାପନା କରିବାକୁ ଅଞ୍ଚଳବାସୀଙ୍କ ଦୀର୍ଘ ଦିନ ଦାବି ରହିଥିଲେ ମଧ ପୋଲିସ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଅଞ୍ଚଳରେ ଚୋରି ,ଡକାୟତି ବୃଦ୍ଧି ପାଇବା ସହ ଗ୍ରାମବାସୀମାନେ ଭୟରେ ଦିନ କାଟୁଛନ୍ତି ବୋଲି ରାୟଗଡ଼ା ବିଧାୟକ ପ୍ରତିନିଧି ତଥା ଅଞ୍ଚଳର ସମାଜସେବୀ ସତ୍ୟବାନ ମାଣ୍ଡାଙ୍ଗି ପ୍ରକାଶ କରିଛନ୍ତି। ତେବେ ଜାଙ୍ଗିଲି ଅଞ୍ଚଳରେ ପୁଲିସ ପାଟ୍ରୋଲିଂ କରିବା ସହ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ ଯାଞ୍ଚ କରି ପୁଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ଜାଙ୍ଗିଲି ଗ୍ରାମର ବାସିନ୍ଦା ତଥା ପିପଲଗୁଡା ଗ୍ରାମପଞ୍ଚାୟତର ନାଏବ ସରପଞ୍ଚ ସିନାବାବୁ ଜିଲାକାରା, ରମେଶ ମାଣ୍ଡାଙ୍ଗି, ଅମିତ ଜିଲାକାରା, ରାଜେଶ ଜିଲାକାରା ଓ ଅନ୍ୟମାନେ ଦାବି କରିଛନ୍ତି।

## କୁଆପଥର ସହ ପ୍ରବଳ ପବନ, ବର୍ଷା





ପଟ୍ଟାଙ୍ଗି,୧୬।୩(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକର ବିଭିନ୍ନ ସ୍ଥାନରେ କାଳ ବୈଶାଖୀ ବର୍ଷାର ପ୍ରଭାବ ଦେଖିବାକୁ ମିଳିଛି। ଫଳରେ ଖରାଟିଆ ପରିବା ଚାଷ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ଆଜି ଅପରାହ୍ଣ ସମୟରେ କଳାବାଦଲ ପଟ୍ଟାଙ୍ଗିର ବିଭିନ୍ନ ସ୍ଥାନରେ ଆସି ଅନ୍ଧକାର କରିଥିଲା। ଏହାପରେ ପ୍ରବଳ ମାତ୍ରାରେ ପବନ ବର୍ଷା ସହ କୁଆପଥର ବର୍ଷା ହୋଇଥିବା ଦେଖିବାକୁ ମିଳିଛି। ଫଳରେ ସ୍ଥାନେ ସ୍ଥାନେ ଉକ୍ତ ଅଞ୍ଚଳର ଚାଷୀ ମାନେ କରିଥିବା ଖରାଟିଆ ପରିବା ଚାଷ ଜମିରେ କୁଆ ପଥର ଭର୍ତ୍ତି ରହିବା ସହ ଚାଷ ଗୁଡ଼ିକୁ ନଷ୍ଟ କରିଛି। ଫଳରେ ଚାଷୀ ମାନେ ଚିନ୍ତା ଗ୍ରସ୍ତ ହେବା ସହ ସରକାରଙ୍କ ନିକଟରେ ସହାୟତା ନିମନ୍ତେ ନିବେଦନ କରିଛନ୍ତି। ଉକ୍ତ ବର୍ଷାର ପ୍ରଭାବ ପଟ୍ଟାଙ୍ଗି, ମାଳିପୁଟ, ଦେଓପଟ୍ଟାଙ୍ଗି, କୁନ୍ଦୁଲି ଏବଂ ବିଭିନ୍ନ ପଞ୍ଚାୟତରେ ଦେଖିବାକୁ ମିଳିଥିଲା।

● ହିଣ୍ଡାଲ୍‌କୋକୁ ବିରୋଧ

## ନଦୀରୁ ପାଣି ଉଠାଇବା ଅନୁମତି ବାତିଲ କରିବାକୁ ଦାବି



କୋରାପୁଟ,୧୬।୩(ସମିସ): ହିଣ୍ଡାଲକୋ ଦ୍ୱାରା କଂସାରୀଗୁଡା ଠାରେ ନୂତନ ପ୍ରକଳ୍ପ ନିର୍ମାଣ ପାଇଁ କୁଟିଙ୍ଗଗୁଡା କରଘାଟ ନଦୀରୁ ପ୍ରତ୍ୟେକ ପାଣି ଉଠାଇବାକୁ ଯେଉଁ ଅନୁମତି ଦିଆଯାଇଛି ତାହାକୁ ବାତିଲ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ୨୦୦୬ ଫେବୃଆରୀ ୭ ତାରିଖରେ ଅନୁମତି ପ୍ରଦାନ କରାଯାଇଥିଲା ବୋଲି ବିଭୂତି କୁମାର କରକରା କହିଛନ୍ତି। ଓଡିଶା ଷ୍ଟେଟ୍ ୱାଟର ୨୦୦୭ ପଲିସି ଅନୁଯାୟୀ ପେୟଜଳ, ଗୃହସ୍ଥଳୀ ବ୍ୟବହାର ଏବଂ ପରିସ୍ଥିତିକୁ ସର୍ବୋଚ୍ଚ ଅଧିକାର ଦିଆଯାଇଛି, ଯେତେବେଳେ ଉଦ୍ୟୋଗକୁ ନିମ୍ନ ଅଧିକାର ଦିଆଯାଇଛି ବୋଲି ସେ କହିଛନ୍ତି। କଂପାନୀ ଦ୍ୱାରା ନଦୀରୁ ପାଣି ଉଠାଇଲେ କୋରାପୁଟ ଜିଲ୍ଲାର କୁଟିଙ୍ଗଗୁଡା, ସିଆଲମାଳା, ବାରିଗୁଡ଼ା, ପିପଲପଦର ଏବଂ ରାୟଗଡା ଜିଲ୍ଲାର କରଝଲା, ଝଡ଼କଝଡି, ତଯାପୁଟ ପ୍ରଭୃତି ଗ୍ରାମର ଗ୍ରାମବାସୀ ମାନେ ଜଳ ସଙ୍କଟର ସମ୍ମୁଖୀନ ହେବେ ବୋଲି କାଶୀପୁର ବ୍ଲକର ଚିନ୍ତାମଣି ମାଝୀ କହିଛନ୍ତି। ନଦୀରୁ ପାଣି ଉଠାଇବା ପାଇଁ କମ୍ପାନୀ ଏବେ କାର୍ଯ୍ୟ ଆରମ୍ଭ କରୁଥିବା ବେଳେ ଏହାକୁ ବନ୍ଦ କରିବାକୁ ସେ ଦାବି କରିଛନ୍ତି। ଏଥିସହ ଅନୁମତିକୁ ତୁରନ୍ତ ବାତିଲ କରିବା ସହ ଜନଶୁଣାଣି କରିବାକୁ ଦାବି କରିଛନ୍ତି।

## ପୌରସଂସ୍ଥାର ଜବରଦଖଲ ଉଚ୍ଛେଦ



ଜୟପୁର୧୬ ।୩(ସମିସ): ଜୟପୁର ପୌରସଂସ୍ଥା ପକ୍ଷରୁ ଲିଙ୍ଗରାଜ ନଗର ରାସ୍ତା ପାଶ୍ୱର୍ରେ ଜବରଦଖଲରେ ନିର୍ମାଣ ହୋଇଥିବା ବସ୍ତିର ଓ ଖ୍ରୀଷ୍ଟିଆନପେଟା ୪ର୍ଥ ଲାଇନରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଲିଙ୍ଗରାଜ ନଗରରେ ପୌରସଂସ୍ଥାର ଜମିକୁ ଜବରଦଖଲ କରାଯାଇ ବସ୍ତି ଗଢି ଉଠିଥିବା ବେଳେ ଏହାର ପଛପାଖରେ ରହିଥିବା ଜମିକୁ ଗୃହ ନିର୍ମାଣ କରାଯାଇ ରାସ୍ତା ଅବରୋଧ କରାଯାଇଥିଲା। ଏଥିନେଇ ଉକ୍ତ ଜମିର ମାଲିକ ଆବେଦନ କରିବା ପରେ ଗତ ମାସରେ ପୌରସଂସ୍ଥା ପକ୍ଷରୁ ଜବରଦଖଲରେ ଥିବା ୩ଟି ଗୃହ ଭାଙ୍ଗିବାକୁ ଯାଇଥିଲେ। କିନ୍ତୁ ବସ୍ତି ବାସିନ୍ଦାମାନେ ପ୍ରବଳ ବିରୋଧ କରିବା ସହିତ କିଛି ସମୟ ମାଗିଥିଲେ। ଏଥିନେଇ ପୌରସଂସ୍ଥା କର୍ତ୍ତୃପକ୍ଷ ସମୟ ପ୍ରଦାନ ପରେ ଆଜି ଉକ୍ତ ୪ଟି ବସ୍ତି ଗୃହକୁ ପୋକଲିନ ମେସିନ ସହାୟତାରେ ଭଙ୍ଗା ଯାଇଥିଲା। ସେହିପରି ସ୍ଥାନୀୟ ଖ୍ରୀଷ୍ଟିଆନପେଟା ୪ର୍ଥ ଲାଇନରେ ପୌରସଂସ୍ଥାର ଏକ ଜମିକୁ ଜବରଦଖଲ କରାଯାଇ ନୂତନ ଭାବେ ଗୃହ ନିର୍ମାଣ କାର୍ଯ୍ୟ ଚାଲୁଥିବା ନେଇ ସାହି ବାସିନ୍ଦା ଅଭିଯୋଗ କରିଥିଲେ। ଏହି ଅଭିଯୋଗକ୍ରମେ ପୌରସଂସ୍ଥା ପକ୍ଷରୁ ଆଜି ଜବରଦଖଲ ନିର୍ମାଣ ଗୃହକୁ ଭାଙ୍ଗିବା ସହିତ ପୁନଃର୍ବାର ନିର୍ମାଣ ନ କରିବାକୁ ଜବରଦଖଲକାରୀଙ୍କ ତାଗିଦ କରିଥିଲେ। ଏହି ଉଚ୍ଛେଦ ବେଳେ ପୌର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରି ପୂଜା ରାଉତ, ପୌର ଯନ୍ତ୍ରୀ ଅଜୟ ଜାନୀ, ଅମିନ ଅବିନାଶ ସାନ୍ତାପାତ୍ର, ଶୁଭସ୍ମିତା ଜେନା, ପରିମଳ ନିରୀକ୍ଷକ ସତ୍ୟ ନାରାୟଣ ପାତ୍ର, କର୍ମଚାରୀ ସଞ୍ଜୟ ମାର୍ଥା, ଦେବବ୍ରତ ମହାନ୍ତି ଓ ଜମାଦାର ପି ଜଗଦିଶ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ସେମିଳିଗୁଡା,୧୬।୩ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଭାରତମାଳା ରାସ୍ତାରେ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେମିଳିଗୁଡା ପୁଲିସ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ସୋରିଷ ପଦର ଗ୍ରାମର ଅର୍ଜୁନ ପାଙ୍ଗି (୬୦) ନିଜ ବ୍ୟାଙ୍କ କାମରେ ସେମିଳିଗୁଡାକୁ ଆସିଥିଲେ। କାମ ସାରି ନିଜ ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ବାଙ୍ଗୁରୁଗୁଡା ଛକ ନିକଟସ୍ଥ ଭାରତମାଳା ରାସ୍ତାରେ ପତର କଣ୍ଟି କାମ ପାଇଁ ଲାଗିଥିବା ଲୁହା ତାରରେ ବାଇକ୍ ଲାଗିଯିବାରୁ ତଳ ପଡ ଅର୍ଜୁନ ଗୁରୁତର ଆହତ ହୋଇ ଘଟଣା ସ୍ଥଳରେ ପ୍ରାଣ ହରାଇଥିଲେ। ଖବର ପାଇ ସେମିଳିଗୁଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି କୋରାପୁଟ ମେଡିକାଲ କଲେଜ ପଠାଇଥିଲେ। ପୁଲିସ ଘଟଣାର ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**୪ ମାସ ଦରମା ମିଳିନି**

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବନ୍ଦ କଲେ ଆଉଟସୋର୍ସିଂ କର୍ମଚାରୀ




ବନ୍ଧୁଗାଁ,୧୬।୩ (ସମିସ): ବନ୍ଧୁଗାଁ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ସମସ୍ତ ଆଉଟସୋର୍ସିଂ କର୍ମଚାରୀ ନିଜର ଦାବିକୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨ ଘଣ୍ଟା ଧରି ବସିରହି ବନ୍ଦ କରିଥିଲେ। ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ ଆଜି ବନ୍ଧୁଗାଁ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ କାର୍ଯ୍ୟରତ କର୍ମଚାରୀ ନିଜର ଦାବିକୁ ନେଇ ୨ ଘଣ୍ଟା ଧରି ବନ୍ଦ କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ରଶ୍ମି ରଞ୍ଜନ ସାମଲଙ୍କୁ ଲିଖିତ ଚିଠା ପ୍ରଦାନ କରିଥିଲେ। ଆଜି ପର୍ଯ୍ୟନ୍ତ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀ ମାନେ ୪ ମାସ ଧରି ଦରମା ପାଇ ନାହାନ୍ତି। ଏଥିସହ କାର୍ଯ୍ୟରତ ଆଉଟସୋର୍ସିଂ ମାନଙ୍କୁ ସ୍ଥାୟୀ ନିଯୁକ୍ତି କରିବା, ସମାନ କାମକୁ ସମାନ ଦରମା, ଛୋଟେଇ ବନ୍ଦ, ଇପିଏଫ ସଠିକ ସୂଚନା, ଇଏସଆଇକୁ ଚାଲୁ କରିବା ଓ ପ୍ରତି ମାସରେ ଦରମା ପ୍ରଦାନ କରିବା ପାଇଁ ଦାବି ରହିଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡ଼ା ରଶ୍ମି ରଞ୍ଜନ ସାମଲଙ୍କୁ ୪ ମାସର ଦରମା ବନ୍ଦ ଥିବାକୁ ନେଇ ଯୋଗାଯୋଗ କରିବାରୁ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନଙ୍କ ବକେୟା ଥିବା ୪ ମାସର ଦରମା ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଜିଲ୍ଲା ସ୍ତରକୁ ପଠାଇଲେ ମଧ ସେମାନେ କରୁନାହାନ୍ତି। ମାର୍ଚ୍ଚ ମାସରେ ସେମାନଙ୍କ ବକେୟା ଥିବା ଦରମା କରିବା ପାଇଁ ଜଣାଇଛନ୍ତି।

## ଜିଲ୍ଲାରେ କୁଆପଥର ସହ ପ୍ରବଳ ବର୍ଷା



ସେମିଳିଗୁଡ଼ା,୧୬।୩(ସମିସ): କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ସୋମବାର ସନ୍ଧ୍ୟାରୁ ପ୍ରବଳ ବର୍ଷା ହୋଇଛି। ପ୍ରାୟ ଦୁଇ ଘଣ୍ଟା ଧରି କୁଆପଥର ସହିତ ତାଣ୍ଡବ ସୃଷ୍ଟି କରିଛି। ସେମିଳିଗୁଡା ବ୍ଲକର ଦୁଧାରୀ, ପାକଦ୍ୱାଳା, ଉପର୍ ଖାଣ୍ଟି ପଞ୍ଚାୟତିରେ ବିଭିନ୍ନ ଗ୍ରାମରେ କୁଆପଥର ସହିତ ପ୍ରବଳ ବର୍ଷା ହୋଇଥିବା ଦେଖିବାକୁ ମିଳିଛି। ଚାଷ ଜମିରେ ଅନେକ ସ୍ଥାନରେ ବଡ଼ କୁଆପଥର ପଡ଼ିଛି। ସବୁଠି କୁଆପଥର ଗଦା ଦେଖିବାକୁ ମିଳିଥିଲା। ପ୍ରବଳ କୁଆପଥର ସହିତ ପ୍ରବଳ ବର୍ଷା ଚାଷକୁ ବ୍ୟାପକ କ୍ଷତି ପହଞ୍ଚାଇଛି। ତଥାପି କ୍ଷୟକ୍ଷତିର ବିବରଣୀ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଚାଷୀମାନେ ଏହି ନେଇ ଚିନ୍ତିତ ହୋଇଛନ୍ତି।



## ବିଜେଡି ନେତାଙ୍କ ବିୟୋଗରେ ଶୋକସଭା



କୋରାପୁଟ,୧୬।୩(ସମିସ): ଅବସରପ୍ରାପ୍ତ ହାଲ କର୍ମଚାରୀ, କୋରାପୁଟ ଜିଲ୍ଲା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ତଥା ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ବରିଷ୍ଠ ସଦସ୍ୟ ତ୍ରିନାଥ ପାତ୍ରଙ୍କର ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ଝିନ ହିକ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭାରେ ପୂର୍ବତନ ବିଧାୟକ ରଘୁରାମ ପଡାଲ, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ମହିଳା ବିଜେଡି ସଭାନେତ୍ରୀ ପାର୍ବତୀ ମସ୍ତି, କୋରାପୁଟ ବ୍ଲକ ସଭାପତି ମଣ୍ଟୁ ବେନିଆ ଏବଂ କୋରାପୁଟ ପୌର ପରିଷଦର କାଉନସିଲର ମାନଙ୍କ ସହ ଅନେକ ବିଜେଡି ନେତା ଓ କର୍ମୀ ଉପସ୍ଥିତ ରହି ସ୍ୱର୍ଗତ ପାତ୍ରଙ୍କର ସ୍ମୃତି ଚାରଣ କରିଥିଲେ। ତାଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସେହିପରି ମନ୍ଦିର ପ୍ରଶାସନ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ପାତ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

**ବାପା ପୁଅ ଖାଇଗଲେ ହିତାଧିକାରୀଙ୍କ ସହାୟତା ରାଶି !**

# ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

କୋରାପୁଟ,୧୬।୩(ସମିସ): ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ଦଳପୂର ଗ୍ରାମର ଚନ୍ଦ୍ର ଶେଖର ରଥ ଏବଂ ତାଙ୍କ ପୁଅ ନିରାକାର ରଥ ୫୦୦ରୁ ଅଧିକ ହିତାଧିକାରୀଙ୍କ ସରକାରୀ ସହାୟତା ରାଶି ହଡ଼ପ କରିଥିବା ଅଭିଯୋଗ କରି ମାଠପଡ଼ା ଗ୍ରାମର ଶତାଧିକ ମହିଳା ଓ ପୁରୁଷ ହାତରେ ପ୍ଲାକାର୍ଡ ଧରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ ଭାରତୀୟ ଜନତା ପାର୍ଟି କୋରାପୁଟ ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ର ଶେଖର ରଥ ଏବଂ ତାଙ୍କ ପୁଅ ନିରାକାର ରଥ ଗ୍ରାମାଞ୍ଚଳ ଲୋକଙ୍କୁ ବ୍ୟାଙ୍କ ସେବା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇ ୨୦୧୮ ମସିହାରେ କାନାରା ବ୍ୟାଙ୍କ ଓ ବରଦା ବ୍ୟାଙ୍କ ଜୟପୁର ଶାଖାରେ ପ୍ରାୟ ୫୦୦ ଲୋକଙ୍କ ଜମା ଖାତା ଖୋଲି ଏଟିଏମ୍ ଆବେଦନ କରିଥିଲେ। ସରକାରଙ୍କ ତରଫରୁ ହିତାଧିକାରୀ ମାନଙ୍କୁ ଦିଆ ଯାଉଥିବା ଆବାସ ଯୋଜନା, ମନରେଗା ମଜୁରୀ, କାଳିଆ, ପିଏମ କିଶନ, ଏଲପିଜି ସବସିଡି ଇତ୍ୟାଦି ଉକ୍ତ ବ୍ୟାଙ୍କ ଖାତାରେ



ଆସିବା ବ୍ୟବସ୍ଥା କରିଥିଲେ। ଏଟିଏମ୍ ଆସିବା ପରେ ତାହା ଲୋକଙ୍କୁ ଦେବା ବଦଳରେ ସେମାନେ ନିଜ ପାଖେ ରଖିଲେ। ପରବର୍ତ୍ତୀ ସମୟରେ ଉପରୋକ୍ତ ସହାୟତା ରାଶି ଆସିବା ପରେ ବାପା ପୁଅ ସବୁ ଟଙ୍କା ଉଠାଇ ଆତ୍ମସାତ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨୦୧୮ ଠାରୁ ୨୦୨୫ ପର୍ଯ୍ୟନ୍ତ ଯାହା ବ୍ୟାଙ୍କ ଖାତାରେ ପୈଠ ହେଲା ସବୁ ଟଙ୍କା ହଡ଼ପ କରିଥିଲେ। ଗ୍ରାମବାସୀ ସେମାନଙ୍କ ପ୍ରାପ୍ୟ ସମ୍ପର୍କରେ ପଚାରିବାରୁ ଓଲଟା ଧମକ ଦେଇ କୌଣସି ଟଙ୍କା ଆସିନଥିବା ଚନ୍ଦ୍ର ଶେଖର ରଥ କହିଥିଲେ। ଗ୍ରାମବାସୀ ବ୍ୟାଙ୍କକୁ ଯାଇ ପଚାରିବା ପରେ ସତ ଜଣା ପଡିଥିଲା। ଏହା ପରେ ହିତାଧିକାରୀ ମାନେ ବୈପାରିଗୁଡ଼ା ଥାନା, ଏସ୍‌ପି ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବାରୁ ମାତ୍ର ଅଳ୍ପ କିଛି ଟଙ୍କା ଫେରାଇ ପରେ ସମସ୍ତ ଟଙ୍କା ଫେରାଇବାକୁ କହିଥିଲେ। କିନ୍ତୁ ବର୍ତ୍ତମାନ ଆଉ ସେ ଟଙ୍କା ଫେରାଇବା ନା ଧରୁ ନାହାନ୍ତି। ତେଣୁ ଶ୍ରୀ ରଥ ଓ ତାଙ୍କ ପୁଅ ନିରାକାର ରଥଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

# ଶୁଖିଲା ଭାସ୍କେଲ ନଦୀ, ଚିନ୍ତାରେ ଚାଷୀ



କୋଷାଗୁମୁଡା,୧୬।୩(ସମିସ): ଦିନ ଥିଲା ଭାସ୍କେଲ ନଦୀର ପାଣିକୁ ଉପଯୋଗ କରି ଅଞ୍ଚଳର ଚାଷୀମାନେ ହଜାର ହଜାର ହେକ୍ଟର ଜମିରେ ଚାଷକରି ଭଲ ଅମଳ ପାଉଥିଲେ । ହେଲେ ବର୍ତମାନ କୋଷାଗୁମୁଡ଼ାର ଜୀବନ ରେଖା ଭାସ୍କେଲ ନଦୀ ଶୁଖିଲା ପଡିଛି । ନଦୀର ଉଭୟ ପାଶ୍ୱର୍ରେ ଧାନ, ମକା, ପନିପରିବା ଆଦି ଚାଷ କରିଥିବା ଚାଷୀମାନେ ଚାଷ ପାଇଁ ପାଣି ନମିଳିବାରୁ ମୁଣ୍ଡରେ ହାତଦେଲେଣି ଚାଷୀ ଛପାଣି ଅଭାବ ଯୋଗୁଁ କିଛି ଚାଷୀଙ୍କ ବିଲର ଗଛ ସବୁ ଶୁଖିଗଲାଣି ତ ଆଉ କିଛି ଚାଷୀଙ୍କ ବିଲରେ ଥିବା ଶସ୍ୟଗଛର ପତ୍ରସବୁ ଝାଉଁଳି ଗଲାଣି। ଏପ୍ରିଲ ମାସ ପୂର୍ବରୁ ଶୁଖିଗଲା ଭାସ୍କେଲ ନଦୀର ପାଣି। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ଜୀବନରେଖା କୁହାଯାଉଥିବା ଭାସ୍କେଲ ନଦୀ ଏବେ ସମ୍ପୂର୍ଣ୍ଣ ଶୁଷ୍କ । ଆଗରୁ ନଦୀରେ ଭରପୁର ପାଣି ରହୁଥିଲା ଓ ନଦୀର ଉଭୟପାଶ୍ୱର୍ରେ ଜମିଥିବା ଚାଷୀମାନେ ଖରାଟିଆ ଚାଷ କରି ଭଲ ଅମଳ ପାଉଥିଲେ । ହଜାର ହଜାର ହେକ୍ଟର ଜମିରେ ଖରାଟିଆ ଚାଷ ହେଉଥିଲା ଛହେଲେ ଚଳିତ ବର୍ଷ ନଦୀରେ ପାଣି ମୁହାଁଏ ନାହିଁ । ପୂର୍ବରୁ ଲୋକେ ଚାଷ ବ୍ୟତୀତ କୌଣସି ସାମାଜିକ କାର୍ଯ୍ୟ ଯେମିତି କି କାହାର ମୃତ୍ୟୁ ହେଲେ ଦଶାହ କ୍ରିୟା କରିବା, ଗାଈ, ମଇଁଷି, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁମାନଙ୍କୁ ପାଣି ପିଆଇବା, ଗାଧୋଇବା ଭଳି ସମସ୍ତ କାର୍ଯ୍ୟ ପାଇଁ ଏହି ନଦୀ ପାଣି ହିଁ ଏକମାତ୍ର ଭରସା ଥିଲା । ହେଲେ ନଦୀପଠାରୁ ବାରମ୍ବାର ବାଲି କାଟିବା ଦ୍ୱାରା ନଦୀର ଏଭଳି ଅବସ୍ଥା ହୋଇଥିବା ଚାଷୀମହଲରେ ଚର୍ଚ୍ଚା ହେଉଛି । ବାଲି ମାଫିଆମାନେ ପ୍ରତିଦିନ ନଦୀରୁ ଶହ ଶହ ଟିପର ବାଲି ଉଠାଉଛନ୍ତି । ଫଳରେ ନଦୀର ଜଳ ଶୁଖିଯାଉଥିବା ଚଟାଣ ସବୁ ବାହାରି ଆସିଥିବା ଚାଷୀମାନେ ଅଭିଯୋଗ ଆଣୁଛନ୍ତି । ନଦୀ ଜଳକୁ ଭରସା କରି ଯେଉଁ ଚାଷୀମାନେ ନିଜ ନିଜ ଜମିରେ ଧାନ, ମକା ଓ ବିଭିନ୍ନ ପନିପରିବା ଚାଷ କରିଥିଲେ। ଏବେ ଜଳାଭାବ ଦେଖା ଦେବାରୁ ମୂଳ ବୁଡିଯିବା ଆଶଙ୍କାରେ ଚିନ୍ତାରେ ପଡିଛନ୍ତି । ଶହ ଶହ ହେକ୍ଟର ଜମିର ଚାଷ ଏବେ ନଷ୍ଟ ହେବା ଅବସ୍ଥାରେ। ପ୍ରଶାସନିକ ବାଲି ମାଫିଆ ମାନଙ୍କ ଉପରେ ଅଙ୍କୁଶ ଲଗାଇବା ସହ ନଦୀରେ କେତୋଟି ଚେକଡ୍ୟାମ କରିଦେଲେ, ହୁଏତ ଅଞ୍ଚଳର ଚାଷୀମାନେ ଉପକୃତ ହୋଇପାରନ୍ତେ ବୋଲି ଚାଷୀମହଲରେ ଦାବି ହେଉଛି । ଭାସ୍କେଲ ନଦୀର ନାମ ଇତିହାସ ପୃଷ୍ଠାରେ ରହିଯିବକି ବୋଲି ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅନେକ ଥର ଏହି ଭାସ୍କେଲ ନଦୀର ସୁରକ୍ଷାକୁ ନେଇ ସ୍ଥାନୀୟ ସଂଗଠନ ଓ ଯୁବନେତା ,ସମାଜସେବୀ ବିଭିନ୍ନ ସରକାରୀ କାର୍ଯ୍ୟର ବୈଠକରେ ଆଲୋଚନା କରିଥିଲେ ସୁଦ୍ଧା ସରକାରଙ୍କ ପକ୍ଷରୁ କୌଣସି ନଦୀର ସୁରକ୍ଷା ବ୍ୟବସ୍ଥା ଉପରେ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଦୁଃଖର ବିଷୟ ଯେ, ୧୦ବର୍ଷ ତଳେ ଶସ୍ୟ ଶ୍ୟାମଳା ଦୁଇ କୂଳ ଚିରସ୍ରୋତା ଭାସ୍କେଲ ଏବେ ଶୁଷ୍କ ହୋଇଯାଇଛି। ସରକାର ଯଥାଶୀଘ୍ର ଉଚିତ ପଦକ୍ଷେପ ଗ୍ରହଣ କରି ଭାସ୍କେଲ ନଦୀକୁ ଉଦ୍ଧାର କରିବା ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ଅଞ୍ଚଳବାସୀ ଓ ଚାଷୀ ସମୂହ ଦାବି କରିଛନ୍ତି।

● ପାଣି ନେବାକୁ ନେଇ ବଚସା ଘଟଣା

# ସ୍କୁଲରେ ଜିଲ୍ଲା ଅଧିକାରୀଙ୍କ ତଦନ୍ତ



ରାଇଘର, ୧୬।୩(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ଠାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଣି ପିଇବା ପାଇଁ ନେବା ସମୟରେ ଛାତ୍ରଙ୍କ ମଧ୍ୟରେ ବଚସା ହୋଇ ଗାଳି ଦେବା ଫଳରେ ଅନ୍ୟ ଜଣେ ଛାତ୍ର ଭିଡିଓ ଉଠାଇ ଭାଇରଲ କରିବା ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ ଗତ ମାର୍ଚ୍ଚ ୮ ତାରିଖ ରାତ୍ର ସମୟରେ ପିଇବା ପାଇଁ ପାଣି ନେବାକୁ ଆସିଥିଲେ। ସେହି ସମୟରେ ଅନ୍ୟ ଦୁଇ ଜଣ ଯୁବକ ଆମେ ଆଗ ନେବୁ କହିବାରୁ ଅନ୍ୟ ଜଣେ ଛାତ୍ର ସେହି ଦୁଇ ଜଣକୁ ଗାଳି ଦେଇଥିଲା। ସେହି ଦୁଇ ଜଣ ଛାତ୍ର ଗାଳି ଦେଇଥିବା ଛାତ୍ରକୁ ମାଡ଼ ମାରିଥିଲେ। ପାଟି ଶୁଣି ସ୍କୁଲର ପ୍ରଧାନ ଶିକ୍ଷକ ଆସି ଦେଖି ମାଡ଼ ହୋଇଥିବା ଛାତ୍ରକୁ ମେଡିକାଲକୁ ନେଇ ତାର ଚିକିତ୍ସା କରିଥିଲେ। ସେ ପିଲାର ଅବସ୍ଥା ଗୁରୁତର ନ ଥିବା ପ୍ରଧାନ ଶିକ୍ଷକ କହିଛନ୍ତି। କିନ୍ତୁ ଛାତ୍ରଛାତ୍ରୀଙ୍କୁ ମୋବାଇଲ ରଖିବାକୁ ବାରଣ କରି କିଛି ମୋବାଇଲ୍ ବି ସିଜ୍ କରି ରଖିଥିବା ପ୍ରଧାନ ଶିକ୍ଷକ କହିଛନ୍ତି। ମୋବାଇଲ୍ ବାରଣ ସତ୍ତ୍ୱେ ମୋବାଇଲ୍ କେମିତି ଆସିଲା ଏବଂ ଭିଡ଼ିଓ ଉଠାଇ ସୋସିଆଲ ମିଡିଆରେ ଭାଇରଲ ହେବା ସାଧାରଣରେ ଚର୍ଚ୍ଚା ହେଉଥିବା ଜଣାଯାଇଛି। ସୂଚନା ପାଇ ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ଓ ଶିଶୁ କଲ୍ୟାଣ ଅଧିକାରୀ ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରି ଯେଉଁ ଦୁଇ ଜଣ ଛାତ୍ର ମାରପିଟ କରିଥିଲେ, ତାଙ୍କର ଘରେ ଏହି ବିଷୟରେ ଜଣାଇବା ସହ ସାର୍ଟିଫିକେଟ ନେଇ ଯିବାକୁ କହିଥିବା ଜଣାପଡ଼ିଛି। ଏହି ଘଟଣା ପରେ ରାଇଘର ମଙ୍ଗଳ ଅଧିକାରୀ ଶ୍ୟାମ ସୁନ୍ଦର ଧରୁଆଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ଗତ ୮ ତାରିଖ ଦିନ ଘଟିଥିଲା। ସେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟରେ ପରୀକ୍ଷା ଚାଲିଥିବାରୁ ଜିଲ୍ଲା ଅଧିକାରୀ ୧୨ ତାରିଖ ଦିନ ଆସି ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଭାବକଙ୍କୁ ଏହି ବିଷୟରେ ଅବଗତ କରି ସ୍କୁଲରୁ ସାର୍ଟିଫିକେଟ୍ ନେବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

# ଜନଗଣନା କ୍ଷେତ୍ର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ନବରଙ୍ଗପୁର, ୧୬।୩(ସମିସ): ଆଜି ସ୍ଥାନୀୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଜନଗଣନା କ୍ଷେତ୍ର ପ୍ରଶିକ୍ଷକ ଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ ଡ ମହେଶ୍ୱର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜନଗଣନା କାର୍ଯ୍ୟକୁ କିଭଳି ସୁଚାରୁରୂପେ ପରିଚାଳନା କରାଯିବ ତା ଉପରେ ଉପସ୍ଥିତ ସମସ୍ତ ତାଲିମଦାତାଙ୍କୁ ମାର୍ଗଦର୍ଶନ କରିଥିଲେ।ଏହି ପ୍ରଶିକ୍ଷଣ କର୍ମଶାଳା ରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ବିଶ୍?ଜିତ ଚନ୍ଦ୍ର ବର୍ମନ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ,ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ଜନଗଣନା ଅଧିକାରୀ ପ୍ରକାଶ କୁମାର ମିଶ୍ର,ତହସିଲଦାର ତେନ୍ତୁଳିଖୁଣ୍ଟି ତଥା ପ୍ରମୁଖ ତାଲିମଦାତା ପୁଷ୍ପାଞ୍ଜଳି ଦଣ୍ଡପାଟ,ତହସିଲଦାର ଉମରକୋଟ ତଥା ପ୍ରମୁଖ ତାଲିମ ଦାତା ମାଧବନ ବାଗ,ଡେପୁଟୀ କଲେକ୍ଟର ନିବେଦିତା ଶତପଥୀ,ସହକାରୀ ଜିଲ୍ଲାପାଳ ଶିବ ଶଙ୍କର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମରେ ମୋଟ ୩୬ ଜଣ କ୍ଷେତ୍ର ପ୍ରଶିକ୍ଷକ ଉପସ୍ଥିତ ଥିଲେ। ସୂଚନା ଅନୁସାରେ ଆସନ୍ତା ଏପ୍ରିଲ ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ମୋବାଇଲ ଆପ ଜରିଆରେ ଜନ ସାଧାରଣ ୩୩ଟି ପ୍ରଶ୍ନର ସ୍ୱୟଂ ଜନଗଣନା ତଥ୍ୟ ପ୍ରଦାନ କରିବେ ଏବଂ ଏପ୍ରିଲ ୧୬ ରୁ ମେ ୧୫ ପର୍ଯ୍ୟନ୍ତ ଘରକୁ ଘର ଯାଇ ଜନ ଗଣନାକାରୀ ତଥ୍ୟ ସଂଗ୍ରହ କରିବେ। ଆଜି ଶେଷ ଦିନ ତାଲିମ କାର୍ଯ୍ୟକ୍ରମ ପରେ ପ୍ରଶିକ୍ଷକ ମାନେ କ୍ଷେତ୍ର ପରିଦର୍ଶନ କରି ପ୍ରାୟୋଗିକ ଅଭିଜ୍ଞତା ହାସଲ କରିବା ସହ ବାସ୍ତବ ସ୍ଥିତିରେ ଆସୁଥିବା ସମସ୍ୟାର ସମାଧାନ ଶିଖିଥିଲେ।ଏହି ପ୍ରଶିକ୍ଷଣ ପାଇଥିବା କ୍ଷେତ୍ର ପ୍ରଶିକ୍ଷକ ମାନେ ନିଜ ନିଜ ଚାର୍ଜ ଅଞ୍ଚଳରେ ପ୍ରଶିକ୍ଷଣ ଦେଇ ଜନଗଣନା କାର୍ଯ୍ୟକୁ ଆଗେଇ ନେବେ। ତାଲିମ କାର୍ଯ୍ୟକ୍ରମ ଶେଷରେ ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ କ୍ଷେତ୍ର ପ୍ରଶିକ୍ଷକଙ୍କ ସାର୍ଟିଫିକେଟ୍ ଓ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ।

# ଜିଲ୍ଲା ଚିକିତ୍ସାଳୟରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନେଇ ସମୀକ୍ଷା

ଜୟପୁର,୧୬ ।୩(ସମିସ)



ଆଜି କଟକ ସ୍ଥିତ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ନିଆଁ ଲାଗିବା ଯୋଗୁଁ ପ୍ରାୟ ୧୦ ଜଣ ମୃତ୍ୟୁ ହୋଇଥିବା ବେଳେ ରାଜ୍ୟର ଅନ୍ୟାନ୍ୟ ସରକାରୀ ଓ ଘରୋଇ ଚିକିତ୍ସାଳୟର ଅଗ୍ନି ନିର୍ବାପକ ବ୍ୟବସ୍ଥା କେତେ ସୁରକ୍ଷିତ ରହିଛି ସେଥିନେଇ ସମୀକ୍ଷାର ଆବଶ୍ୟକ ରହିଛି। ଏହି ପରିପ୍ରେକ୍ଷୀରେ କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ଚିକିତ୍ସାଳୟର ଅଗ୍ନି ନିର୍ବାପକ ବ୍ୟବସ୍ଥା କେତେ ସୁଦୃଢ ସେଥିନେଇ ସମୀକ୍ଷାର ଆବଶ୍ୟକତା ରହିଛି। ଏହିପରି ଗତ ୨ ମାସ ପୂର୍ବରୁ ଅଗ୍ନିଶମ ବିଭାଗ ପକ୍ଷରୁ ସ୍ଥାନୀୟ ଜିଲ୍ଲା ଚିକିତ୍ସାଳୟରେ ସମୀକ୍ଷା କରିବା ସହିତ କିଛି ଅଗ୍ନି ନିର୍ବାପକରେ ରହିଥିବା କିଛି ତ୍ରୁଟି ସମ୍ପର୍କରେ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଅବଗତ କରିବା ସହିତ ଏହାର ପ୍ରତିକାର କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଏଥିନେଇ ଚିକିତ୍ସାଳୟରେ କୌଣସି ସୁଧାର ହୋଇପାରିନାହିଁ। ଏହିପରି ଆଜି କଟକ ଏସସିବି ମେଡିକାଲ କଲେଜରେ ଅଘଟଣ ଘଟିବା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ଏଥିନେଇ ଆଜି ଚିକିତ୍ସାଳୟ କର୍ତ୍ତୃପକ୍ଷ ଅଗ୍ନି ଜନିତ ଅଘଟଣ ଏଡାଇବା ପାଇଁ ଅଗ୍ନିଶମ ବିଭାଗ ସହିତ ବୈଠକ ମାଧ୍ୟମରେ ଆଲୋଚନା କରିଛନ୍ତି। ଅଗ୍ନିଶମ ବିଭାଗର ସମୀକ୍ଷା ପରେ ତ୍ରୁଟି ଠାବ କରିବା ପରେ ଏହାର ସୁଧାର ପାଇଁ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଏଥିନେଇ ଚିକିତ୍ସାଳୟ କର୍ତ୍ତୃପକ୍ଷ ନିର୍ମାଣକାରୀ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ମଧ୍ୟ ଏହାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି। କିନ୍ତୁ ଆଜି ସୁଦ୍ଧା କୌଣସି ସୁଧାର ହୋଇନଥିବା ବେଳେ ଆଜି କଟକର ଅଘଟଣ ପରେ ପ୍ରଶାସନ ଓ ଚିକିତ୍ସାଳୟ କର୍ତ୍ତୃପକ୍ଷର ନିଦ ଭାଙ୍ଗିଥିବା ବେଳେ ଏଥିନେଇ ତତ୍ପରତା ପ୍ରକାଶ ପାଇଛି। ଜୟପୁର ଜିଲ୍ଲା ଚିକିତ୍ସାଳୟର ମୁଖ୍ୟ ଭବନ ୫ ମହଲା ବିଶିଷ୍ଟ ହୋଇଥିବା ବେଳେ ଗ୍ରାଉଣ୍ଡ ମହଲାରେ କାର୍ଯାଳୟ ପ୍ରଥମ ମହଲାରେ ରୋଗିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବହିଃ ବିଭାଗ, ରକ୍ତ ଯାଞ୍ଚ, ଟିକଟ କାଉଣ୍ଟର, ରକ୍ତ ଭଣ୍ଡାର ରହିଛି। ଦ୍ୱିତୀୟ ମହଲାରେ ଫିଜିଓଥୋରପି ଏବଂ ଅନ୍ୟାନ୍ୟ ବିଭାଗ ରହିଛି। ତୃତୀୟ ମହଲାରେ ଶଲ୍ୟ ବିଭାଗ, ଅସ୍ଥିଶଲ୍ୟ ବିଭାଗ ଏବଂ ଏହାର ଅସ୍ତ୍ରପୋଚାର ଗୃହ ରହିଛି। ୪ର୍ଥ ମହଲାରେ ମହିଳା ଓ କ୍ୟାନସ ରୋଗିଙ୍କ ୱାର୍ଡ, ପଞ୍ଚମ ମହଲାରେ ପୁରୁଷ ରୋଗି ୱାର୍ଡ ଏବଂ ଷଷ୍ଠ ମହଲାରେ ରୋଗି ମାନଙ୍କ କ୍ୟାବିନ ରହିଛି। ତେଣୁ ଉପର ତିନୋଟି ମହଲା ରୋଗି ମାନେ ରହୁଥିବା ଯୋଗୁଁ କୌଣସି ଅଘଟଣ ହେଲେ ସେମାନଙ୍କ ଉଦ୍ଧାର କରିବା ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ସହିତ ତୁରନ୍ତ କିଭଳି ଅଗ୍ନିକୁ ନିୟନ୍ତ୍ରଣ କରାଯିବ ସେଥିନେଇ ଜରୁରୀ କାଳୀନ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ଅନ୍ୟ ପକ୍ଷରେ ମୁଖ୍ୟ ଭବନ ପାଶ୍ୱର୍ରେ ମାତୃ ଓ ଶିଶୁ ଚିକିତ୍ସାଳୟ ଏବଂ ଔଷଦ ସମେତ ଅନ୍ୟାନ୍ୟ ଗୋଦାମ ରହିଛି। ତେଣୁ ଏଥିରେ ରହିଥିବା ଲିଫ୍ଟ ଓ ଅନ୍ୟାନ୍ୟ ଅଗ୍ନି ନିର୍ବାପକ ନେଇ ସଦୃଢ ବ୍ୟବସ୍ଥାର ମଧ୍ୟ ଆବଶ୍ୟକ ରହିଛି। ଜୟପୁର ସହକାରୀ ଅଗ୍ନିସମ ଅଧିକାରୀ ସୁରେଶ ବାରିକ କହିଛନ୍ତି ଯେ, ଅଗ୍ନି ନିର୍ବାପର ବ୍ୟବସ୍ଥାର ତୃଟି ପାଇଁ ବିଭାଗକୁ ପୂବାରୁ ଅବଗତ କରାଯାଇଥିଲା। ଆଜି ପୁଣି ଜିଲ୍ଲା ଚିକିତ୍ସାଳୟରେ ପହଞ୍ଚି ସମୀକ୍ଷା କରାଯାଇଥିବା ବେଳେ ଚିକିତ୍ସାଳୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିବା ନେଇ କହିଛନ୍ତି। ଜିଲ୍ଲା ଚିକିତ୍ସାଳୟ ଅଧିକାରୀ ତଥା ଅଧିକ୍ଷକ ଡା. ଅକ୍ଷୟ କୁମାର ରଥ କହିଛନ୍ତି ଯେ, ଅଗ୍ନିସମ ବିଭାଗର ପରାମର୍ଶ କ୍ରମେ ନିର୍ମାଣକାରୀ ସଂସ୍ଥାକୁ ଜିଲ୍ଲା ଚିକିତ୍ସାଳୟରେ ରହିଥିବା ବିଭିନ୍ନ ତୃଟିର ସମାଧାନ ନେଇ ନିର୍ମାଣ କରିବାକୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ନିର୍ମାଣକାରୀ ବିଭାଗ ପକ୍ଷରୁ ଏହାର ସୁଧାର କରାଯିବା ନେଇ ପ୍ରକ୍ରିୟା ତୁରନ୍ତ ଆରମ୍ଭ କରିବେ ବୋଲି ଆଶା କରାଯାଉଛି।

# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଧାରଣା



କୁନ୍ଦୁରା, ୧୬।୩(ସମିସ): ୩ ଦଫା ଦାବି ନେଇ କୁନ୍ଦୁରା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଫାଟକ ଆଗରେ ଧାରଣାରେ ବସିଥିଲେ ମେଡିକାଲର ଆଉଟ୍ ସୋର୍ସିଙ୍ଗ କର୍ମଚାରୀ । ଓଡ଼ିଶା ସରକାରୀ ଆଉଟ ସୋର୍ସିଙ୍ଗ କର୍ମଚାରୀ ମହାସଂଘର ନିଷ୍ପତ୍ତି ପ୍ରକାରେ ଜିଲ୍ଲା ସଭାପତି ସଦାଶିବ ନାୟକଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ଛଟେଇ କରାଯାଇଥିବା କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦେବା, କର୍ମଚାରୀଙ୍କ ଦୀର୍ଘ ଅଭିଜ୍ଞତା ଓ ସନ୍ତୋଷଜନକ ସେବାକୁ ବିଚାରକରି ସ୍ଥାୟୀ ନିଯୁକ୍ତି ଦେବା ଓ ତୃତୀୟ ପକ୍ଷ ଦ୍ୱାରା ନିଯୁକ୍ତ ଆଉଟସୋର୍ସିଂ ଓ ଡେଲିୱେଜେସ ଭଳି ଦୁଇ ପ୍ରକାର ବ୍ୟବସ୍ଥାକୁ ଏକ କରି ସମାନ ନ୍ୟାୟ ଦେବା ଆଦି ତିନୋଟି ଦାବି କଲେ କର୍ମଚାରୀ । ଏଥିରେ ବ୍ଲକର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଷ୍ଟାଫ୍‌ନର୍ସ, ଏଲଟି, ଏମଆର, ଆଟେଡାଣ୍ଡ, ସୁଇପର, ଗାର୍ଡେନର ଓ ସିକ୍ୟୁରିଟି ଗାର୍ଡ ପମୁଖ ୩୫ ଜଣ ସାମିଲ ହୋଇଥିଲେ। ସରକାର ଦାବି ଗୁଡ଼ିକ ପୂରଣ ନ କଲେ ଆସନ୍ତା କାଲି ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ସୂଚନା ଦେଇଛନ୍ତି ଜିଲ୍ଲା ସଭପତି ଶ୍ରୀ ନାୟକ।

# ଜଳ ହିଁ ଜୀବନ ନେଇ ସଚେତନତା ଶୋଭାଯାତ୍ରା

ଜୟପୁର, ୧୬ ।୩ (ସମିସ): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ଜଳର ସଞ୍ଚୟ ଓ ସଦ୍‌ବିନିଯୋଗ ନିମନ୍ତେ 'ଜଳ ହିଁ ଜୀବନ' ସଚେତନ ଶୋଭାଯାତ୍ରା ଆଜି ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ସ୍ନାତକ ଶ୍ରେଣୀର ଜାତୀୟ ସେବା ଯୋଜନା ପକ୍ଷରୁ ଏହି ଶୋଭାଯାତ୍ରାରେ ମହାବିଦ୍ୟାଳୟର ଯୁକ୍ତ ଦୁଇ ଜାତୀୟ ସେବା ଯୋଜନା ଅଧିକାରୀ ସୀମା ମହାପାତ୍ର ଓ ସ୍ନାତକ ଶ୍ରେଣୀ ସେବା ଯୋଜନା ଅଧିକାରୀ ସୁନୀତା କୁମାରୀ ପ୍ରଧାନ, ବିଦ୍ୟାଧର ମାଳି,ବର୍ଷା ରାଣୀ ନାୟକ,ସ୍ୱନ୍ଦନ ରାଓ,ଦୀପକ କୁମାର ଦାସ,ରାଜେନ୍ଦ୍ର ରଣା, କାହ୍ନୁ ଚରଣ ବରଡ଼,ରୂପାଲି ନାଗ, ରୂପା ମିସ୍ତ୍ରୀ,ସତ୍ୟ ନାରାୟଣ କାଣ୍ଡ,ଭୀମସେନ ସୁନା,ବନ୍ଦନା ମହାରଣା,ସୁରଜ୍ ପାତ୍ର,ସନ୍ତୋଷ କୁମାର ପଟ୍ଟନାୟକ, ସୁକାନ୍ତି କୁମାରୀ ବେନୀୟା, ଅଜୟ ପାତ୍ର, ଅଭିପସା ମହାପାତ୍ର ସମେତ ଅଧ୍ୟାପକ ଅଧ୍ୟାପିକାମାନେ ଯୋଗ ଦେଇଥିଲେ। ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ଯୋଗଦେଇ ସ୍ଲୋଗାନ, ପୋଷ୍ଟର, ପ୍ରଚାର ପତ୍ର ମାଧ୍ୟମରେ ଲୋକମାନଙ୍କୁ ଜଳର ଅପଚୟ ନକରିବା ନିମନ୍ତେ ସଚେତନ କରିବା ସହ ବର୍ଷା ଜଳ ସଂରକ୍ଷଣ, ଜଳର ସଞ୍ଚୟ, ଆବଶ୍ୟକତା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିଥିଲେ।

# ବାଛୁରୀକୁ ସେବା ଯୋଗାଇଲେ ଯନ୍ତ୍ରୀ ଓ ଡାକ୍ତର




ତେନ୍ତୁଳିଖୁଣ୍ଟି,୧୬।୩(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା କଲୋନୀ ଠାରେ ଏକ ବାଛୁରୀ ଯନ୍ତ୍ରଣାରେ ଛଟପଟ ହୋଇ ମୂର୍ମୂଷୁ ଅବସ୍ଥାରେ ପଡିରହିଥିଲା। ଏହା ଦେଖି ନିକଟରେ ରହୁଥିବା ଯୁବ ଯନ୍ତ୍ରୀ ଇଂ.ଅନୁରାଗ ବେହେରା ଏବଂ ବରିଷ୍ଠ ଡାକ୍ତର ଡ. ପ୍ରଦୀପ୍ତ କୁମାର ପ୍ରହରାଜ ସେଠାରେ ପହଞ୍ଚି ପ୍ରାଥମିକ ସେବା ଯୋଗାଇ ଦେଇଥିଲେ। ଏହାପରେ ତେନ୍ତୁଳିଖୁଣ୍ଟି ପଶୁ ଚିକିତ୍ସା ଅଧିକାରୀ ଡ. ମହେନ୍ଦ୍ର କୁମାର ସମରଥଙ୍କୁ ଖବର ଦେଇଥିଲେ। ଡ. ସମରଥ ତୁରନ୍ତ ବିଭାଗୀୟ ପଶୁ ଚିକିତ୍ସାକ ସୌମ୍ୟ ରଞ୍ଜନ ସେଠୀଙ୍କୁ ଘଟଣା ସ୍ଥଳକୁ ପଠାଇ ପ୍ରାଥମିକ ଚିକିତ୍ସା ଯୋଗାଇ ଦେଇଥିଲେ। ଉଭୟ ଯନ୍ତ୍ରୀ ଏବଂ ଡାକ୍ତରଙ୍କ ଏହିଭଳି ତ୍ୱରିତ ପଦକ୍ଷେପ ପାଇଁ ବାଛୁରୀର ଜୀବନ ରକ୍ଷା ହୋଇପାରିଥିଲା। ଖାତିଗୁଡା ଗ୍ରାମର ଟଙ୍କ କୁମାର ଏବଂ କୁମାରୀ ଖିଲ ମଧ୍ୟ ବାଛୁରୀକୁ ସେବା ଯୋଗାଇବାରେ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ପୋଡ଼ାଗଡ଼,୧୬।୩(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ମହକୁମା ସ୍ଥିତ ପଞ୍ଚାୟତର ରାଜୀବ ଗାନ୍ଧି ସେବାକେନ୍ଦ୍ରରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାୟ ୧୧ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୮ ଅଭିଯୋଗ ଗୋଷ୍ଠୀଗତ ହୋଇଥିବାବେଳେ ୩ଟି ବ୍ୟକ୍ତିଗତ ବୋଲି ସୂଚନା ଦେଇଛନ୍ତି ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିକାଶ। ସେଥି ମଧ୍ୟରୁ ପ୍ରାୟ ପାନୀୟ ଜଳ ଓ ରାସ୍ତା ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଏହି ଅଭିଯୋଗ ଶୁଣାଣି ଶିବିର ପରିଚାଳନା କରିଥିଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିକାଶ। ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ଯେତିକି ଅଭିଯୋଗ ଆସିଥିଲା, ତାହାର କପି ଜିଲ୍ଲା ପ୍ରଶାସନକୁ ଅବଗତ କରି ସମସ୍ୟାର ସମାଧାନ ଅତିଶିଘ୍ର କରାଯିବ ବୋଲି କହିଛନ୍ତି। ଏହି ଅଭିଯୋଗ ଶୁଣାଣି ଶିବିରରେ ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି କୋରାପୁଟ ସଦର ବ୍ଲକ ଅଧିନସ୍ଥ ମାଷ୍ଟିପୁଟ ପଞ୍ଚାୟତର ରାଜୀବଗାନ୍ଧୀ ସେବାକେନ୍ଦ୍ର ରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସ୍ଥାନୀୟ ବ୍ଲକ ଅଧକ୍ଷା ନମିତା ମାଝୀଙ୍କ ସମେତ ସମସ୍ତ ବ୍ଲକସ୍ତରୀୟ ଜନ ପ୍ରତନିଧି ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶୁଣାଣୀ ଶିବିରରେ ସର୍ବମୋଟ ୨୭ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ଗୋଷ୍ଠୀଗତ ୨୬, ଓ ବ୍ୟକ୍ତିଗତ ୧ ଟି ଆସିଥିବା ସୂଚନା ଦେଇଛନ୍ତି ସ୍ଥାନୀୟ ଏଡିଓ ମନୋଜ କୁମାର ହିଆଲ। ସେଥିମଧ୍ୟରୁ ପ୍ରାୟ ପାନୀୟ ଜଳ ସମସ୍ୟା ସହ ରାସ୍ତାଘାଟ ସମସ୍ୟା ଥିବା ଦେଖା ଦେଇଛି। ଅଭିଯୋଗ ଶୁଣାଣି କାର୍ଯ୍ୟ ପରିଚାଳନା କରିଥିଲେ ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୁବନ ନାୟକ। ସମସ୍ତ ଅଭିଯୋଗ ଶୁଣାଣି ପରେ ଏହାର ସମାଧାନ କରିବା ନିମନ୍ତେ ପଦକ୍ଷେପ ନିଆଯିବା ନେଇ ଉପସ୍ଥିତ ଅଧିକାରୀମାନେ କହିଛନ୍ତି। ଶେଷରେ ଏଡିଓ ମନୋଜ କୁମାର ହିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଷ୍ଠୀ ଶୌଚାଳୟ କାର୍ଯ୍ୟକ୍ଷମ ପାଇଁ ଦାବି



ବୈପାରୀଗୁଡ଼ା,୧୬।୩(ସମିସ): ଗୋଷ୍ଠୀ ଶୌଚାଳୟ କାର୍ଯ୍ୟକ୍ଷମ ପାଇଁ ବିଡିଓଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ । ଆଜି ସକାଳେ ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ ସାହୁଙ୍କୁ ଭେଟି ଗୋଷ୍ଠୀ ଶୌଚାଳୟ କାର୍ଯ୍ୟକ୍ଷମ ପାଇଁ ଦାବିପତ୍ର ପ୍ରଦାନ କଲେ ଗ୍ରାମବାସୀ। ଦାବି ଅନୁଯାୟୀ, ଗତ ୨୧ ତାରିଖ ଦିନ ଜନ ସାଧାରଣଙ୍କ ସୁବିଧା ନିମନ୍ତେ ସହିଦ ଲକ୍ଷ୍ମଣ ନାୟକ ମୁଖ୍ୟ ଛକ ନିକଟରେ ରାଞ୍ଚି ବିଜୟୱାଡା ୩୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ ହେଲା। ଅଞ୍ଚଳବାୀଙ୍କ ମନରେ ଖୁସିର ଲହରୀ ଖେଳିଗଲା । ବିଶେଷ କାରି ଦୂରଦୂରାନ୍ତରୁ ଆସୁଥିବା ପଥଚାରୀ ଏବଂ ମହିଳାମାନଙ୍କ ସୁବିଧା ହେବ ବୋଲି ଆଶା କରିଥିଲେ । ହେଲେ ଗ୍ରାମବାସୀଙ୍କ ଆଶା ଆଶାରେ ରହିଗଲା। ଦୀର୍ଘ ୩ ବର୍ଷ ବିତିଲା ତଥାପି ଦିନେ ହେଲେ ବି ଶୌଚାଳୟ ବ୍ୟବହାର ହୋଇପାରିଲା ନାହିଁ । ସରକାରୀ ଅର୍ଥରେ ନିର୍ମିତ ଶୌଚାଳୟ ଅତି ଶୀଘ୍ର କାର୍ଯ୍ୟକ୍ଷେମ ପାଇଁ ଦାବୀ କରିଛନ୍ତି ଗ୍ରାମବାସୀ କ୍ଷ ସେପଟେ ବିଡ଼ିଓ ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇଛନ୍ତି ଯେ , ଏଥିପ୍ରତି ଦୃଷ୍ଟି ଦେଇ ଅତି ଶୀଘ୍ର ଶୌଚାଳୟ କାର୍ଯ୍ୟକ୍ଷେମ କରାଯିବ

# ୩୮ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ



ନାରାୟଣପାଟଣା,୧୬।୩(ସମିସ): ଆଜି କୋରାପୁଟ ଜିଲ୍ଲାପାଳ ମନୋଜ୍ ସତ୍ୟବାନ୍ ମହାଜନ ନାରାୟଣପାଟଣା ବ୍ଲକ ସଭାଗୃହରେ ଜନ ଅଭିଯୋଗ ଶୁଣାଣି କରିଛନ୍ତି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡାକ୍ତର ରୋହିତ ବର୍ମା , ଜିଲ୍ଲା ମୁଖ୍ୟ ଉନୟନ ଅଧିକାରୀ ବେଣୁଧର ଶବର , ଉପଜିଲ୍ଲାପାଳ ମୋନଜ ହିଆଲ , ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ରବି ନାରାୟଣ ମିଶ୍ର , ବିଡିଓ ବିକ୍ରମ କୁମାର ଦୋରା,ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଙ୍କ ଉପସ୍ଥିତିରେ ଜନସାଧାରଣ ଙ୍କ ଅଭିଯୋଗ ଶୁଣାଣି ହୋଇଥିଲା। ଯେଉଁ ଥିରେ ସର୍ବୋମୋଟ ୩୮ ଗୋଟି ଅଭିଯୋଗ ଶୁଣାଣି କରି ତୁରନ୍ତ ସମାଧାନ ଦିଗରେ ବିହିତ ପଦକ୍ଷେପ ନେଇ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ୟକ୍ତିଗତ ୧୫ ଓ ସାମୁହିକ ୨୩ ଟି ଅଭିଯୋଗ ଶୁଣାଣି କରିଥିଲେ ଜିଲ୍ଲାପାଳ ।ବୋରିଗି ପଞ୍ଚାୟତର କେଲୁବାଡି ଗାଁକୁ ପକ୍କା ରାସ୍ତା ସହ ବ୍ରିଜ୍ ନିର୍ମାଣ ପାଇଁ ସରପଞ୍ଚ ସୁରେନ୍ଦ୍ର ପାଙ୍ଗି ଦାବି କରିଛନ୍ତି। ୨୨ କୋଟି ଟଙ୍କା ବିନିମୟରେ ତିଆରି ହେବାକୁ ଥିବା ନୂତନ ସିଏଚ୍‌ସି ବିଳମ୍ବ ଯୋଗୁଁ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଶୀଘ୍ର ଯୁକ୍ତ ତିନି ଡାଗ୍ରୀ କଲେଜ ନିର୍ମାଣ କରିବାକୁ ବି ଅନୁରୋଧ କରିଥିଲେ ସ୍ଥାନୀୟ ଲୋକେ। ଲଙ୍ଗଲବେଡା ଫଚାୟତରେ ସାନ୍ତା କେସଲା ଠାରେ ନୁତନ ଏମ୍ ଆଇ ପି କେନାଲ କରିବାକୁ ପୁବତନ ସରପଞ୍ଚ ପାପେୟା ପିଡିକା ଦାବି କରିଥିଲେ। ତେନ୍ତୁଳିପଦର ,ବିଜାଘାଟି ,ଲଙ୍ଗଲବେଡା ,ବାଲିପେଟାପଞ୍ଚାୟତର ଅଧିକାରୀ ପାହାଡ଼ିଆ ଅଞ୍ଚଳରେ ସବୁଦିନିଆ ବିଜୁଳି ପହଞ୍ଚି ନଥିବାରୁ ଯଥାଶୀଘ୍ରେ ଜିଲ୍ଲାପାଳ ହସ୍ତକ୍ଷେପ କରି ବିଜୁଳି ସଂଯୋଗ କରିବାକୁ ଗୁହାରି କରିଥିଲେ ସରପଞ୍ଚ ଓ ଗ୍ରାମବାସୀ।ସ୍ଥାନୀୟ ବାସିନ୍ଦା ପଞ୍ଚାୟତ ପରିସରରେ ଏକ ଶିଶୁ ଉଦ୍ୟାନ ନିର୍ମାଣ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଯେଉଁ ସବୁ ପ୍ରକଳ୍ପ ରହିଛି, ତୁରନ୍ତ ସାରିବା ସହ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଲୋ କେସଲା ଗାଁରେ ପ୍ରଧାନମନ୍ତ୍ରୀ ଆବାସ ଘର ନିର୍ମାଣ କରିବାକୁ କହି ଜଣେ ଠିକାଦାର ୩୦ରୁ ଅଧିକ ହିତାଧିକାରୀଙ୍କ ଅର୍ଥ ହଡ଼ପ କରି ବର୍ଷ ବର୍ଷ ଧରି ନ କରିବା ଘଟଣାରେ ଜିଲ୍ଲାପାଳ କ୍ଷୋଭ ପ୍ରକାଶ କରିଥିଲେ। ଅଭିଯୋଗ ଥାନାରେ ଦେବାକୁ ହିତାଧିକାରୀଙ୍କୁ କହିଥିଲେ। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହିତାଧିକାରୀଙ୍କୁ କହିଥିଲେ। ନିର୍ମାଣଧିନ ଜଗନ୍ନାଥ ମନ୍ଦିର କାର୍ଯ୍ୟ ତଦାରଖ କରିଥିଲେ। କାମ ମନ୍ଥର ଗତିରେ ଚାଲୁଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ତୁରନ୍ତ କାମ ସାର, ନଚେତ ଅନୁଦାନ ବନ୍ଦ କରାଯିବ ବୋଲି ରୋକ୍‌ଠୋକ କହିଥିଲେ ଜିଲ୍ଲାପାଳ। ପରେ କୁମ୍ଭାରୀ ପଞ୍ଚାୟତ ଗ୍ରସ୍ତ କରି ଦୁରୁଗୁଣ୍ଡା ଘାଟି ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ କରି ସ୍କୁଲର ଭିତ୍ତିଭୂମି ନୂତନ ସ୍କୁଲ କୋଠା ଦେଖିବା ସହ ଛାତ୍ରଛାତ୍ରୀଙ୍କୁ ପାଠ ପଢାଇ ଥିଲେ। ଜଣେ ଶିକ୍ଷୟିତ୍ରୀ ଅନୁପସ୍ଥିତ ଦୀର୍ଘ ଦିନ ଧରି ରହିଥିବାରୁ କାର୍ଯାନୁଷ୍ଠାନ ପାଇଁ ସୁପାରିଶ କରିଥିଲେ। ଦୁଇ ଦିବ୍ୟାଙ୍ଗଙ୍କୁ ସାଇକେଲ ପ୍ରଦାନ କରିଥିଲେ। ଦୁଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫ ଲକ୍ଷ ଟଙ୍କାର ଚେକ୍ ବି ପ୍ରଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଥାନା ଅଧିକାରୀ ମମତା ପଣ୍ଡା ଉପସ୍ଥିତ ରହି ଶାନ୍ତିଶୃଙ୍ଖଳ ପାଇଁ ପୁଲିସ ମୁତୟନ କରାଯାଇଥିଲା।

# ସମ୍ପାଦକୀୟ



ବିଶ୍ୱର ୪୦ ପ୍ରତିଶତ ଲୋକଙ୍କ ଅର୍ଦ୍ଧାଧିକ ପାନୀୟ ଜଳ ଚାହିଦା ହିମାଳୟ ଦ୍ୱାରା ପୂରଣ ହେଉଛି । ତେଣୁ ହିମାଳୟର ସୁରକ୍ଷା ସର୍ବାଗ୍ରେ ।
-ଅଲ୍ ଗୋରେ

ସକାଳ
THE SAKALA

## ବିହଙ୍ଗ ମୁକ୍ତ

ବାଂଲାଦେଶ ପରେ ପରେ ନେପାଳରେ ଉପୁଜିଥିବା ଜେନ-ଜେଡ୍ ଆନ୍ଦୋଳନ ସମଗ୍ର ଉପମହାଦେଶରେ ଆତଙ୍କର ବାତାବରଣ ସୃଷ୍ଟି କରିଥିଲା । ବ୍ୟାପକ ହିଂସାକାଣ୍ଡ ଓ ଜଳାପୋଡ଼ାକୁ ନିୟନ୍ତ୍ରଣ କରି ନ ପାରି ଦୁଇଦେଶର କ୍ଷମତାସୀନ ସରକାର ଭୁଶୁଡ଼ି ପଡ଼ିଥିଲା । ଏହାର ସମ୍ଭାବ୍ୟ ପ୍ରଭାବ ଉପରେ ଆମ କ୍ଷମତା କେନ୍ଦ୍ର ସତର୍କ ଦୃଷ୍ଟି ରଖିଥିବା ବେଳେ ଲଦାଖ ହିଂସାକାଣ୍ଡକୁ କଠୋର ଦମନମୂଳକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ନିୟନ୍ତ୍ରଣ କରିବାର ବାଧ୍ୟବାଧକତା ଉପୁଜିଥିଲା । ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଆଦିବାସୀ ଅଧ୍ୟୁଷିତ ଲେହ୍. ଅଞ୍ଚଳକୁ ଜିଲ୍ଲା ପରିଷଦ ମାଧ୍ୟମରେ ସ୍ୱୟଂ ଶାସନ କ୍ଷମତା ପ୍ରଦାନ ପ୍ରସଙ୍ଗ ଜୋର ଧରିଥିଲା । ଏହି ଦାବି ଯେ ହଠାତ୍ ଉତ୍‌ଥାପିତ ହୋଇଥିଲା ତାହା ନୁହେଁ । ଏନେଇ ପରିବେଶ ବିଜ୍ଞାନୀ ସୋନମ ୱାଙ୍ଗଚୁକ୍ ଏକାଧିକ ବାର କେନ୍ଦ୍ର ସହ ଆପୋସ ଆଲୋଚନା କରିବାକୁ ଚାହିଁଥିଲେ ମଧ୍ୟ ତାହା ସଫଳ ହୋଇନଥିଲା । ଏପରିକି ଜାମ୍ମୁ-କାଶ୍ମୀର ନିର୍ବାଚନ ବେଳେ ଦିଆଯାଇଥିବା ପ୍ରତିଶ୍ରୁତିରୁ ମଧ୍ୟ ସରକାର ଓହରି ଯାଇଥିଲେ । ପ୍ରତିବାଦରେ ୱାଙ୍ଗଚୁକ୍‌ଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଅନଶନ ଧର୍ମଘଟ ଜାରି ରଖିଥିଲେ ହେଁ ତାହାର କୌଣସି ପ୍ରଭାବ ପଡ଼ି ନ ଥିଲା । ଏକଥା ସତ ଯେ ଉପୁଜିଥିବା ପଡ଼ୋଶୀ ଦେଶର ଆନ୍ଦୋଳନ ସ୍ଥାନୀୟ ଯୁବ ସମାଜକୁ ପ୍ରୋତ୍ସାହିତ କରିଥିଲା । ହଠାତ୍ ଯୁବକର୍ମୀଙ୍କ ଅନ୍ଦୋଳନ ହିଂସାତ୍ମକ ରୂପ ନେବାରୁ ସେଠାରେ ଯେଉଁ ପରିସ୍ଥିତି ଉପୁଜିଲା ସେଥିରେ ୪ ଜଣ ପ୍ରାଣହାନି ଘଟିଥିବା ବେଳେ ପ୍ରାୟ ୧୫୦ ଆହତ ହୋଇଥିଲେ । କ୍ରମାଗତ ହିଂସାକୁ ବିରୋଧ କରିଆସିଥିବା ନେତୃତ୍ୱ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନରେ ବଳି ପଡ଼ିଥିଲା । ଗତବର୍ଷ ସେପ୍ଟେମ୍ବର ୨୬ ରେ ୱାଙ୍ଗଚୁକ୍‌ଙ୍କୁ ଗିରଫ କରାଯାଇଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ(ଏନ୍‌ଏସ୍‌ଏ) ଲାଗୁ କରାଯାଇ ରାଜସ୍ଥାନର ଯୋଧପୁର ଜେଲକୁ ପଠାଇଦିଆଗଲା ।

ପାକିସ୍ତାନ ଓ ଚୀନର ଏହା ସୀମାବର୍ତ୍ତୀ ଅଞ୍ଚଳ । ଚୀନ ସହ ସୀମା ବିବାଦକୁ କେନ୍ଦ୍ର କରି ୨୦୨୦ରେ ଘଟିଥିବା ସଂଘର୍ଷରେ ୨୦ ଭାରତୀୟ ଓ ଚୀନ ସୈନ୍ୟ ନିହତ ହୋଇଥିଲେ । ଏହା ଯେ ଏକ ସମ୍ବେଦନଶୀଳ ଅଞ୍ଚଳ ଏଥିରେ କାହାର ଦ୍ୱିମତ ହେବାର ନାହିଁ । ଏହି ଅଞ୍ଚଳବାସୀ ହେଲେ ବିବାଦୀୟ ସୀମାନ୍ତର ସ୍କାଉଟ ବାହିନୀ । ଯେଉଁ ସୀମାନ୍ତ ଅଞ୍ଚଳବାସୀ ଜଟିଳ ପରିସ୍ଥିତିରେ ଭାରତୀୟ ସେନାବାହିନୀକୁ ସହାୟତା ଦେଇ ଆସିଛନ୍ତି ସେମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦେବା ଉଚିତ ହୋଇନାହିଁ । ସେମାନଙ୍କ ଦାବିକୁ ଆପୋସ ଆଲୋଚନା ମାଧ୍ୟମରେ ସହାନୁଭୂତିର ସହ ବିଚାର କରାଯିବାର ଆବଶ୍ୟକତା ରହିଛି । କିନ୍ତୁ ସେନାବାହିନୀର ସେମାନଙ୍କ ଉପରେ ନିର୍ଭରଶୀଳତା କେତେ ତାହା ଦିଲ୍ଲୀର କ୍ଷମତାକେନ୍ଦ୍ର ବୁଝିବାକୁ ବୋଧହୁଏ ଅସମର୍ଥ । ଅବଶ୍ୟ ଏକଥା ସତ ଯେ ପଡ଼ୋଶୀ ରାଷ୍ଟ୍ରର ପରିସ୍ଥିତି ନେଇ ଉଦ୍‌ବିଗ୍ନ ସରକାରଙ୍କ ପକ୍ଷରେ ତ୍ରୁଟିବିଚ୍ୟୁତି ଘଟିବାରେ କିଛି ବିଚିତ୍ରତା ନାହିଁ । କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରେ ପରେ ପ୍ରଶାସନ ନିଜର ତ୍ରୁଟି ସୁଧାରିବା ପରିବର୍ତ୍ତେ ତାହାର ଯଥାର୍ଥତା ଦର୍ଶାଇବାକୁ ଯାଇ ସତ ମିଛ କାହାଣୀ ଯୋଖି ମାମଲାକୁ ମଜଭୁତ କରିଥାଏ । ଏକ୍ଷେତ୍ରରେ ମଧ୍ୟ ତାହା ହିଁ ଘଟିଥିଲା । ସେତେବେଳେ ୱାଙ୍ଗଚୁକଙ୍କ ଶିକ୍ଷାନୀତିରେ ପରିବର୍ତ୍ତନ ପାଇଁ ସହଯୋଗ, ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ମାଧ୍ୟମରେ ପରିବେଶ ଗତ ସନ୍ତୁଳନ ରକ୍ଷା ଭଳି ପ୍ରଶଂସିତ ଦିଗ କାହା ନଜରକୁ ଆସିଲାନାହିଁ । ସବୁଠାରୁ ଥଣ୍ଡା ପରିବେଶରେ ଜୀବନ ଅତିବାହିତ କରି ଆସିଥିବା ଏହି ମର୍ଯ୍ୟାଦାବନ୍ତ ବ୍ୟକ୍ତିତ୍ୱଟିଙ୍କୁ ନିର୍ବିଚାରରେ ରାଜସ୍ଥାନର ଯୋଧପୁର ଜେଲ ଭଳି ଏକ ଉଷ୍ମ ପରିବେଶକୁ ପଠାଇଦିଆଗଲା । ଅନଶନରେ ବସିଥିବା ୱାଙ୍ଗଚୁକ୍‌ଙ୍କ ବକ୍ତବ୍ୟର ରେକର୍ଡିଂ ସରକାରଙ୍କ ନିକଟରେ ମହଜୁଦ ଅଛି । ତାହାର ଯେ ସରକାର ତର୍ଜମା କରିନଥିବେ ଏକଥା ନୁହେଁ । ତେବେ ଏତେ ବ୍ୟକ୍ତିନିଷ୍ଠ ବିଦ୍ୱେଷ କାହିଁକି?

ୱାଙ୍ଗଚୁକ୍‌ଙ୍କୁ ଏନ୍‌ଏସ୍‌ଏ ବଳରେ ଅଟକ ରଖାଯିବା ବିରୋଧରେ ତାଙ୍କ ପତ୍ନୀ ଗୀତାଞ୍ଜଳି ଆଙ୍ଗମୋ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ତାହାର କ୍ରମାଗତ ଶୁଣାଣି ଚାଲିଥିଲା । ୱାଙ୍ଗଚୁକ୍‌ଙ୍କ ପ୍ରତି ବିଚାରପତିଙ୍କ ସମ୍ବେଦନଶୀଳତା ବାରି ହୋଇ ପଡୁଥିଲା । ସରକାରଙ୍କ ପକ୍ଷରୁ ତାଙ୍କ ବକ୍ତବ୍ୟର ଯେଉଁ ଅନୁବାଦ ଅଦାଲତରେ ଉପସ୍ଥାପନ କରାଯାଇଥିଲା ସେଥିରେ ମଧ୍ୟ କିଛି ଅନାବଶ୍ୟକ ଅଂଶ ଯୋଡ଼ାଯାଇଥିବା ଘଟଣା ଦୃଷ୍ଟିକୁ ଆସିଥିଲା । ଏନଏସଏ ବ୍ୟବସ୍ଥା ଅନୁଯାୟୀ ଯେକୌଣସି ବ୍ୟକ୍ତିଙ୍କୁ ନିର୍ବିଚାରରେ ବର୍ଷକ ପର୍ଯ୍ୟନ୍ତ ଅଟକ ରଖାଯାଇପାରିବ । ଏଭଳି କଠୋର ବ୍ୟବସ୍ଥା ସତ୍ତ୍ୱେ ପ୍ରଶାସନ ଚାର୍ଜସିଟ ଦାଖଲ କରିଛି ଯଥେଷ୍ଟ ପୂର୍ବରୁ, ଯାହାକି ବିଚାର ପ୍ରକ୍ରିୟାକୁ ଆଗେଇ ନେବାରେ ସହାୟକ ହୋଇଛି । ୱାଙ୍ଗଚୁକ୍ ଅଟକ ରହିବାର ୬ ମାସ ମଧ୍ୟରେ ତାଙ୍କ ଉପରୁ ସରକାର ଏନଏସଏ ପ୍ରତ୍ୟାହାର କରିନେଇଛନ୍ତି । ସରକାରଙ୍କ ଏହି ବିରଳ ଆଭିମୁଖ୍ୟ ମଧ୍ୟ ପ୍ରଶଂସନୀୟ । ଗତ ଶନିବାର ତାଙ୍କୁ ଯୋଧପୁର ଜେଲରୁ ମୁକ୍ତ କରାଯାଇଛି । ସୁପ୍ରିମକୋର୍ଟ ମାମଲାର ଚୂଡ଼ାନ୍ତ ଶୁଣାଣି ପୂର୍ବରୁ ସରକାରଙ୍କ ସକାରାତ୍ମକ ମନୋଭାବ ବିଚାର ପ୍ରକ୍ରିୟାରେ ଏକ ନ୍ୟାୟିକ ଉପସଂହାର ପାଇଁ ସୁଯୋଗ ସୃଷ୍ଟି କରିଛି ।

ସେ କେବଳ ଜଣେ ପରିବେଶବିତ୍ ଓ ସମାଜକର୍ମୀ ନଥିଲେ, ଶୀତ ଦିନରେ ଜଳ ସଂରକ୍ଷଣ ସକାଶେ ସ୍ତୂପୀକୃତ ବରଫରେ କୃତ୍ରିମ ଗ୍ଲାସିୟର ସୃଷ୍ଟି ତାଙ୍କର ଏକ ଅଭିନବ ଅବଦାନ । ସେଠାରେ କାର୍ଯ୍ୟରତ ଆମ ସେନାବାହିନୀ ପାଇଁ ଏହା ଏକ ବରଦାନ କହିଲେ ଭୁଲ ହେବ ନାହିଁ । ଏସଇସିଏମଓଏଲ ପରିସରରେ ସୌରଚାଳିତ ଶକ୍ତି କେନ୍ଦ୍ର ପ୍ରତିଷ୍ଠା କରି ସମଗ୍ର ବ୍ୟବସ୍ଥାରେ ତାହା ଉପଯୋଗ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ତାଙ୍କ ନବସୃଜନର ଚମତ୍କାରିତା ସ୍ଥପତି ବିଜ୍ଞାନରେ ମଧ୍ୟ ଅନୁଭୂତ ହୋଇଥିଲା । ୨୦୧୮ ରେ ରମନ ମାଗାସେସେ ପୁରସ୍କାର ତାଙ୍କର ଯୋଗ୍ୟତା ଓ ଦକ୍ଷତାକୁ ସମଗ୍ର ବିଶ୍ୱରେ ପରିଚିତ କରିଥିଲା । ଜୀବନର ଏହି ଦୁର୍ଦ୍ଦଶାକୁ ଏକ ଦୁଃସ୍ୱପ୍ନ ଭାବି ସେ ଭୁଲିଯାଇ ପୁଣି ତାଙ୍କର ଅଧ୍ୟବସାୟରେ ନିମଗ୍ନ ରହିବେ ବୋଲି ଆମେ ଆଶାକରୁ । ଯୋଧପୁର ଜେଲରୁ ମୁକ୍ତି ପାଇବା ପରେ ୱାଙ୍ଗଚୁକ୍ କହିଛନ୍ତି ଯେ ଲଦାଖ ଓ ଲେହବାସୀଙ୍କ ପାଇଁ ତାଙ୍କର ଜୀବନ ସମର୍ପିତ । ସେ ଯେଉଁ ଆଦର୍ଶରେ ବିଶ୍ୱାସ କରନ୍ତି ସେଥିରୁ ତାଙ୍କର ବିଚ୍ୟୁତି ଘଟିନାହିଁ କି ଆଗକୁ ଘଟିବ ନାହିଁ ।

ଏନ୍‌ଏସ୍‌ଏ ପ୍ରତ୍ୟାହୃତ ହୋଇଥିଲେ ମଧ୍ୟ ୱାଙ୍ଗଚୁକ୍‌ଙ୍କ ବିରୋଧରେ ଥିବା ଅଭିଯୋଗଗୁଡ଼ିକର ଭବିଷ୍ୟତ କ'ଣ ତାହା ସ୍ପଷ୍ଟ ହୋଇନାହିଁ । ଲଦାଖବାସୀଙ୍କ ଦାବି ପ୍ରତି ସରକାର ଆଗକୁ ସକାରାତ୍ମକ ଆପୋସ ଆଲୋଚନା ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯିବାର ସୂଚନା ଦିଆଯାଇଛି । ୨୦୨୫ ସେପ୍ଟେମ୍ବର ପରିସ୍ଥିତିରେ ବହୁ ପରିବର୍ତ୍ତନ ଘଟିଛି । ସରକାର ନୂଆ ମନ ନେଇ ସ୍ଥିତିକୁ ସମ୍ଭାଳିବେ ବୋଲି ଆଶା କରାଯାଏ ।

# ନିର୍ବାଚନୀ ଅବଗଣନା

ସୌଭାଗ୍ୟ ସୁନ୍ଦରାୟ

ଆସନ୍ତା ମାସ ୯ ତାରିଖରୁ ଦେଶର ୫ଟି ରାଜ୍ୟ ପଶ୍ଚିମବଙ୍ଗ, ଆସାମ, କେରଳ, ତାମିଲନାଡୁ ଓ ପୁଡୁଚେରୀରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଏହି ନିର୍ବାଚନ ପୂର୍ବରୁ ଭାରତୀୟ ଜନତା ପାର୍ଟି (ଭାଜପା) ନୂତନ ରାଷ୍ଟ୍ରୀୟ ସଭାପତି ଭାବେ ନୀତିନ ନବୀନଙ୍କୁ ନିଯୁକ୍ତି କରିଛି । ତେବେ ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ବିଭିନ୍ନ ରାଜ୍ୟ ଗସ୍ତ କରି ଏକପ୍ରକାର ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରିଥିବା କୁହାଯାଉଛି । ଭାଜପାର ଦୁଇ ବରିଷ୍ଠ ନେତା ଯଦିଓ ସରକାରୀ କାର୍ଯ୍ୟକ୍ରମରେ ରାଜ୍ୟ ଗସ୍ତ କରୁଛନ୍ତି, ତଥାପି ଉଭୟଙ୍କ ବୟାନରେ ନିର୍ବାଚନୀ ପ୍ରଚାରର ଛିଟା ବାରି ହେଉଛି । ନିର୍ବାଚନ ହେବାକୁ ଯାଉଥିବା ରାଜ୍ୟ ମଧ୍ୟରୁ କେବଳ ଆସାମକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ରାଜ୍ୟରେ ଆଞ୍ଚଳିକ ଦଳ ଶାସନ କ୍ଷମତାରେ ରହିଛି । ଏଣୁ ଏହି ସମସ୍ତ ରାଜ୍ୟରେ ଉଭୟ କଂଗ୍ରେସ ଓ ଭାଜପା ବିଭିନ୍ନ ଆଞ୍ଚଳିକ ଦଳ ସହ ମେଣ୍ଟ କରି ନିର୍ବାଚନକୁ ଓହ୍ଲାଇବାର ସମ୍ଭାବନା ରହିଛି । ବର୍ତ୍ତମାନ ମେଣ୍ଟ ପ୍ରସଙ୍ଗର ରୂପରେଖ ସ୍ପଷ୍ଟ ହୋଇ ନ ଥିଲେ ସୁଦ୍ଧା ରାଜ୍ୟ ଓ କେନ୍ଦ୍ରର କ୍ଷମତାସୀନ ଦଳ ପ୍ରସ୍ତୁତି ଚୂଡ଼ାନ୍ତ କରିଥିବା କୁହାଯାଉଛି । ନୂଆ ଭାଜପା ସଭାପତି ଦୀପଦାନ ଓ ସନାତନ ଧର୍ମ ପରମ୍ପରାରୁ ନିଜର ପ୍ରଥମ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ତାମିଲନାଡୁର ଡିଏମକେ ସରକାରକୁ ଲକ୍ଷ୍ୟ କରି ସେ ଏଭଳି କରିଥିବା ମନେହୁଏ ।

୨୦୨୬ ଏପ୍ରିଲ ପରେ ଦୁଇ-ତୃତୀୟାଂଶ ସଂଖ୍ୟା ଗରିଷ୍ଠତାରେ ଭାରତୀୟ ଜନତା ପାର୍ଟି ରାଜ୍ୟରେ ସରକାର ଗଠନ କରିବ ବୋଲି ପଶ୍ଚିମବଙ୍ଗ ଗସ୍ତ ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ପୂର୍ବାନୁମାନ କରିଛନ୍ତି । ୨୦୨୧ ନିର୍ବାଚନରେ ମଧ୍ୟ 'ଇସ୍ ବାର ୨୦୦ ପାର' ବୋଲି ଗୃହମନ୍ତ୍ରୀ କହିଥିଲେ । ପଶ୍ଚିମବଙ୍ଗରେ ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ସଘନ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର) ଉପରେ ଭାଜପା ମୁଖ୍ୟତଃ ଧ୍ୟାନ କେନ୍ଦ୍ରୀଭୂତ କରିଛି । କ୍ଷମତାସୀନ ଆଞ୍ଚଳିକ ଦଳ ତୃଣମୂଳ କଂଗ୍ରେସ 'ଏସ୍‌ଆଇଆର'କୁ ବିରୋଧ କରୁଥିବା ବେଳେ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାର 'ଏସ୍‌ଆଇଆର'କୁ ବିରୋଧ କରୁଛନ୍ତି ବୋଲି ଭାଜପା ପକ୍ଷରୁ କୁହାଯାଉଛି । ପଶ୍ଚିମବଙ୍ଗରେ ବିଧାନସଭା ଆସନ ସଂଖ୍ୟା ୨୯୪, ଯାହା ଉତ୍ତରପ୍ରଦେଶ ପରକୁ ଦ୍ୱିତୀୟ ବୃହତ୍ତମ ବିଧାନସଭା ଆସନ ବିଶିଷ୍ଟ ରାଜ୍ୟ ଭାବେ ପରିଗଣିତ । ରାଜ୍ୟରେ ନାମଶୂଦ୍ର ଓ ମାତୁଆ ସଂପ୍ରଦାୟ ପଶ୍ଚିମବଙ୍ଗର ଦ୍ୱିତୀୟ ବୃହତ୍ତମ ଅନୁସୂଚିତ ଜାତି । 'ଏସ୍‌ଆଇଆର'କୁ ନେଇ ଏହି ସଂପ୍ରଦାୟ ଅସନ୍ତୁଷ୍ଟ ରହିଛନ୍ତି । ଏଣୁ ତୃଣମୂଳ କଂଗ୍ରେସ ଓ ଭାଜପା ଉଭୟ ଏହି ସଂପ୍ରଦାୟକୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ ଚଳାଇଛନ୍ତି । ପଶ୍ଚିମବଙ୍ଗ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଜାତୀୟ ଗୀତ 'ବନ୍ଦେ ମାତ୍‌ରମ...'ର ୧୫୦ ବର୍ଷ ପୂରଣ ଉତ୍ସବ ପାଳନ କରିବା ନିମନ୍ତେ ଭାଜପା ତତ୍ପରତା ପ୍ରକାଶ କରିଥିଲା । ଏହାକୁ ନିର୍ବାଚନ କୌଶଳ ଦୃଷ୍ଟିକୋଣରୁ ଦେଖାଯାଇପାରେ । ଏଥିପାଇଁ ସଂସଦରେ ବିତର୍କ ସମୟରେ ଦେଶ ବିଭାଜନ ପାଇଁ ପ୍ରଧାନମନ୍ତ୍ରୀ କଂଗ୍ରେସକୁ ଦାୟୀ କରିଥିଲେ । ତେଣେ ଆଇ-ପାକ୍ କାର୍ଯ୍ୟାଳୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଚଢ଼ଉ କରିବା ଘଟଣା ପଶ୍ଚିମବଙ୍ଗ ନିର୍ବାଚନ ସମୟରେ ପ୍ରତିଧ୍ୱନିତ ହେବାର ସମ୍ଭାବନା ରହିଛି । ଏହି ମାମଲା ଏବେ ଅଦାଲତରେ ବିଚାରାଧୀନ ରହିଛି । ଆଇ-ପାକ୍ ଏକ ବେସରକାରୀ ସଂସ୍ଥା । ବିଭିନ୍ନ ରାଜନୈତିକ ଦଳ ପାଇଁ ଏହା ନିର୍ବାଚନ ରଣନୀତି ପ୍ରସ୍ତୁତ କରିଥାଏ । ଏଥିପାଇଁ ସଂସ୍ଥା ତୃଣମୂଳସ୍ତରରୁ ଆବଶ୍ୟକ ତଥ୍ୟ ସଂଗ୍ରହ କରିଥାଏ । ସଂସ୍ଥାକୁ ପଶ୍ଚିମବଙ୍ଗ ନିର୍ବାଚନ ନିମନ୍ତେ ରଣନୀତି ପ୍ରସ୍ତୁତ କରିବାକୁ ତୃଣମୂଳ କଂଗ୍ରେସ ପକ୍ଷରୁ ଦାୟିତ୍ୱ ଦିଆଯାଇଥିଲା । ଆଇ-ପାକ୍ ଏହି କାର୍ଯ୍ୟ କରୁଥିବା ସମୟରେ କିଛିବର୍ଷ ତଳର କୋଇଲା ଦୁର୍ନୀତି ଅଭିଯୋଗରେ ସଂସ୍ଥା କାର୍ଯ୍ୟାଳୟରେ ଇଡି ଚଢ଼ାଉ କରିଥିଲା । ତୃଣମୂଳ କଂଗ୍ରେସ ନେତ୍ରୀ ତଥା ରାଜ୍ୟ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାର ତୀବ୍ର ବିରୋଧ କରିଥିଲେ । ଏଣୁ ନିର୍ବାଚନ ସମୟରେ ଏବଂ ନ୍ୟାୟିକ ଶୁଣାଣି ସମୟରେ ଏହି ପ୍ରସଙ୍ଗ ବାରମ୍ବାର ଉଠିବ । ତୃଣମୂଳ କଂଗ୍ରେସ ସରକାର ରାଜ୍ୟରେ ଆସନ୍ତା ଏପ୍ରିଲ ୧ ତାରିଖରୁ 'ଯୁବ ସାଥୀ' ଯୋଜନା କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରିଛନ୍ତି । ଏହି ଯୋଜନାରେ ୨୧ରୁ ୪୦ ବର୍ଷ ମଧ୍ୟରେ ବ୍ୟକ୍ତିଙ୍କୁ ମାସିକ ୧୫୦୦ ଟଙ୍କା ଲେଖାଏଁ ବେରୋଜଗାରୀ ଭତ୍ତା ମିଳିବ । ଏଥିସହ ମହିଳାଙ୍କ ପାଇଁ ଗତ ଫେବୃୟାରୀ ମାସରୁ 'ଲକ୍ଷ୍ମୀ ଭଣ୍ଡାର' ଯୋଜନାର ଭତ୍ତା ପରିମାଣ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଇତିମଧ୍ୟରେ ଟିଏମସିର ଜଣେ ଚତୁର ରଣନୀତିଜ୍ଞ ମୁକୁଲ ରୟଙ୍କ ନିଧନ ଦଳ ପାଇଁ କିଛିଟା ପ୍ରଭାବ ପକାଇପାରେ ବୋଲି ଅନୁମାନ କରାଯାଉଛି ।

ତେଣେ ୧୨୬ ବିଧାନସଭା ଆସନବିଶିଷ୍ଟ ଆସାମ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ କଂଗ୍ରେସକୁ କଟାକ୍ଷ କରି କହିଛନ୍ତି ଯେ ଭୋଟ ବ୍ୟାଙ୍କ ପାଇଁ କଂଗ୍ରେସ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ପ୍ରଦାନ କରୁଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ୬୯୫୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଆସାମରେ ଏବେ ଭାରତୀୟ ଜନତା ପାର୍ଟି ସରକାର ରହିଛି । ଅନୁପ୍ରବେଶକାରୀଙ୍କୁ ବିତାଡ଼ିତ କରିବା ପ୍ରସଙ୍ଗରେ ଆସାମ ସରକାରଙ୍କ ବିରୋଧରେ ଜନଅସନ୍ତୋଷ ରହିଛି । ଏହାର ଜବାବରେ ବିରୋଧୀ ଦଳକୁ ବିଭାଜନକାରୀ ବୋଲି ପ୍ରଧାନମନ୍ତ୍ରୀ ଅଭିହିତ କରିଛନ୍ତି । ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଆସାମର ବରିଷ୍ଠ କଂଗ୍ରେସ ନେତା ଭୂପେନ ବୋରହା ଇତିମଧ୍ୟରେ ଶାସକ ଭାଜପାରେ ଯୋଗ ଦେଇଛନ୍ତି ।

ତାମିଲନାଡୁରେ ରାଜ୍ୟ ଓ କେନ୍ଦ୍ର ସରକାର ନିରନ୍ତର ଲଢ଼େଇ ମଧ୍ୟରେ ନିର୍ବାଚନ ଆସି ପହଞ୍ଚିଛି । ରାଜ୍ୟରେ ଆଞ୍ଚଳିକ ଦଳ ଡିଏମକେ ଶାସନ କ୍ଷମତାରେ ରହିଛି । ୨୩୪ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭା ଦଖଲ ନିମନ୍ତେ ଭାରତୀୟ ଜନତା ଦଳ ବିକାଶକୁ ପ୍ରସଙ୍ଗ କରିବା ଦେଖାଯାଉଛି । କାରଣ ତାମିଲନାଡୁରେ କୁଶାସନ ଓ ଦୁର୍ନୀତି ବିଷୟ ଉଲ୍ଲେଖ କରିବାକୁ ଭାଜପା ନିକଟରେ ତଥ୍ୟ ନାହିଁ । ବିଗତ ୫ ବର୍ଷ ଧରି ତାମିଲନାଡୁ କେନ୍ଦ୍ର ସହ ଲଢ଼ି ଚାଲିଛି । ରାଜ୍ୟପାଳ ବାରମ୍ବାର ବିଧାନସଭା ବର୍ଜନ କରିବା ଘଟଣାକୁ କେନ୍ଦ୍ର ସରକାରଙ୍କ ବିରୋଧରେ ରାଜ୍ୟ ଅସ୍ତ୍ର କରିପାରେ । ସମସ୍ତ ସରକାରୀ କାର୍ଯ୍ୟ ତାମିଲ ଭାଷାରେ କରିବା ସହ ଜାତୀୟ ଶିକ୍ଷା ନୀତିର 'ତ୍ରିଭାଷୀ ସୂତ୍ର'କୁ ଅଗ୍ରାହ୍ୟ କରି ଏହାର ବିକଳ୍ପ ଭାବେ ରାଜ୍ୟ ନିଜସ୍ୱ ଶିକ୍ଷା ନୀତି ପ୍ରଣୟନ କରିଛି । ତାମିଲ, ତେଲଗୁ, କନ୍ନଡ଼, ମାଲାୟଲାମ, ଓଡ଼ିଆ, ବଙ୍ଗଳା ଓ ମରାଠୀ ଭାଷାରେ ସାହିତ୍ୟ ପୁରସ୍କାର ନିମନ୍ତେ ରାଜ୍ୟ ସରକାର ଘୋଷଣା କରିଛନ୍ତି । ମୁଖ୍ୟତଃ ଭାଷା ଓ ସଂସ୍କୃତି ଅସ୍ମିତା ଉପରେ ଡିଏମକେ ଦୃଷ୍ଟି କେନ୍ଦ୍ରୀଭୂତ କରିଛି । ଇତିମଧ୍ୟରେ ରାଜ୍ୟରେ ଡିଏମକେ ବିରୋଧୀ ଅନ୍ୟତମ ଆଞ୍ଚଳିକ ଦଳ ଏଆଇଏଡିଏମକେ ଚେନ୍ନାଇରେ ସମସ୍ତ ଜନସାଧାରଣଙ୍କୁ ମାଗଣା ବସ ସେବା ଯୋଗାଣ ସହ ୨ କୋଟି ପଡ଼ିକାର୍ଡ଼ଧାରୀଙ୍କ ପାଇଁ ମାସିକ ୨୦୦୦ ଟଙ୍କାର ସହାୟତା ଘୋଷଣା କରିଛନ୍ତି । ଏଥିସହ ଗ୍ରାମ୍ୟ କର୍ମନିଯୁକ୍ତି ୧୦୦ ଦିନରୁ ୧୫୦ ଦିନକୁ ବୃଦ୍ଧି ପାଇଁ ଘୋଷଣା କରିଛନ୍ତି । ଗୃହ ନିର୍ମାଣ ଓ ଦୁଇଚକିଆ ଗାଡ଼ି କ୍ରୟ ନିମନ୍ତେ ମହିଳାଙ୍କ ପାଇଁ ୨୫୦୦୦ ଟଙ୍କାର ରିହାତି ଘୋଷିତ ହୋଇଛି । ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ତାମିଲନାଡୁ ନିର୍ବାଚନ ପ୍ରସଙ୍ଗରେ 'କଚ୍ଛାଥେଭୁ ଦ୍ୱୀପ' ପ୍ରସଙ୍ଗ ଉଠାଇଛନ୍ତି । ୧୯୭୪ ମସିହାରେ କଂଗ୍ରେସ ସରକାର ଏହାକୁ ଶ୍ରୀଲଙ୍କାକୁ ହସ୍ତାନ୍ତର କରିଥିଲେ ବୋଲି ସେ କହିବା ସହ ଦଳ ତାମିଲନାଡୁର ସାଂସ୍କୃତିକ ପର୍ବ 'ଜାଲିକାଟ୍ଟୁ' ବନ୍ଦ କରାଯିବା ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି । ତାମିଲନାଡୁରେ ଏବେ କଂଗ୍ରେସ-ଶାସକ ଡିଏମକେ ମେଣ୍ଟ ରହିଛି । ତେଣେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଏଆଇଏଡିଏମକେର ପୂର୍ବତନ ବରିଷ୍ଠ ନେତ୍ରୀ ଭି.କେ. ଶଶୀକଳା ନୂତନ ଦଳ ଗଠନ କରି ଚଳିତ ନିର୍ବାଚନରେ ପ୍ରାର୍ଥୀ ଦେବାକୁ ପ୍ରସ୍ତୁତ ହୋଇଛନ୍ତି । ଇତିମଧ୍ୟରେ ସେ ଦଳର ପତାକା ଉନ୍ମୋଚନ କରିଛନ୍ତି । ତେଣେ ଏଆଇଏଡିଏମକେର ବର୍ତ୍ତମାନର ନେତା ଇ.କେ.ପାଲାନିସ୍ୱାମୀଙ୍କ ନେତୃତ୍ୱରୁ ଓ.ପନିରସେଲଭାମ ଓହରି ଯାଇ ଶାସକ ଡିଏମକେରେ ଯୋଗ ଦେଇଛନ୍ତି । ପନିରସେଲଭାମ ପୂର୍ବରୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପ-ମୁଖ୍ୟମନ୍ତ୍ରୀ ଥିଲେ । ଏପରି ସ୍ଥିତିରେ ଭାଜପା କେଉଁ ଗୋଷ୍ଠୀ ସହ ମେଣ୍ଟ କରିବ ସେଥିନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି ।

କେରଳରେ ବିଧାନସଭା ଆସନ ସଂଖ୍ୟା ୧୪୦ । ଏଠାରେ ଏଲଡିଏଫ ସରକାର ରହିଛି । ତେବେ ଗତ ନଗରପାଳିକା ନିର୍ବାଚନରେ କଂଗ୍ରେସ ଏଠାରେ ଭଲ ଫଳାଫଳ କରିଥିବା ବେଳେ ଦୀର୍ଘ ଦିନ ଧରି ବାମଦଳ ଦଖଲରେ ଥିବା ଥିରୁଭନନ୍ତପୁରମ ନଗର ନିଗମକୁ ଭାରତୀୟ ଜନତା ପାର୍ଟି ଦଖଲ କରିବାରେ ସମର୍ଥ ହୋଇଛି । ଏହି କାରଣରୁ କେରଳ ନିର୍ବାଚନକୁ ନେଇ କଂଗ୍ରେସ ଓ ଭାଜପା ଉତ୍ସାହିତ ଅଛନ୍ତି ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

# ଉପସାଗରୀୟ ଯୁଦ୍ଧରେ ଫସଫରସ ବୋମା

ଇଂ ମାୟାଧର ସ୍ୱାଇଁ

ଗତ ଫେବୃୟାରୀ ୨୮ ତାରିଖରୁ ଆରମ୍ଭ ହୋଇଥିବା ଇରାନ ଓ ଆମେରିକା-ଇସ୍ରାଏଲ ଯୁଦ୍ଧରେ ଇସ୍ରାଏଲ ସୈନ୍ୟବାହିନୀ ଶତ୍ରୁ ଦେଶର ଆବାସିକ ଅଞ୍ଚଳରେ ବିପଜ୍ଜନକ ଫସଫରସ ବୋମା ନିକ୍ଷେପ କରିଥିବାର ଅଭିଯୋଗ ହୋଇଛି । ଏହାକୁ ମିଳିତ ଜାତିସଂଘ ସହିତ ସଂଶ୍ଳିଷ୍ଟ ଥିବା ମାନବ ଅଧିକାର ପର୍ଯ୍ୟବେକ୍ଷକ (ହ୍ୟୁମାନ୍ ରାଇଟ୍ସ ୱାଚ) ପ୍ରକାଶ କରିଛି । ଏହି ସଂସ୍ଥା ଧଳା ଧୂଆଁ ଓ ବ୍ୟାପକ ନିଆଁର ଦୃଶ୍ୟ ଥାଇ ସାତଟି ଭିଡିଓ ପ୍ରକାଶ କରିଛି । ଲେବାନନର ୟୋମୋର ସହରରେ ମାର୍ଚ୍ଚ ୩ ତାରିଖରେ ଇସ୍ରାଏଲ୍ ଧଳା ଫସଫରସ ବୋମା ପକାଇଥିବାର ପ୍ରମାଣ ମିଳିଛି । ପୁନଶ୍ଚ ମାର୍ଚ୍ଚ ୯ ତାରିଖରେ ଲେବାନନର ବିରୁଟ ସହରରେ ମଧ୍ୟ ଧଳା ଫସଫରସ ବୋମା ଆକ୍ରମଣ ହୋଇଛି । ଇସ୍ରାଏଲ୍ ମଧ୍ୟ ପୂର୍ବରୁ ୨୦୨୩ ମସିହା ଅକ୍ଟୋବର ମାସ ଏବଂ୨୦୨୪ ମସିହା ମଇ ମାସରେ ଲେବାନନ ଉପରେ ଏହି ବୋମା ଆକ୍ରମଣ କରିଥିଲା ।

ଏବେ ଆସନ୍ତୁ ଜାଣିବା ଧଳା ଫସଫରସ କ'ଣ ଏବଂ ଏହା ମନୁଷ୍ୟର କେଉଁପ୍ରକାର କ୍ଷତି କରିଥାଏ । ଏହା ହେଉଛି ମହମ ଭଳି ଦେଖାଯାଉଥିବା ଏକ ପଦାର୍ଥ, ଯେଉଁଥିରୁ ରସୁଣ ଭଳି ଗନ୍ଧ ନିର୍ଗତ ହୋଇଥାଏ । ଏହା ହେଉଛି ଫିକା ହଳଦିଆ ରଙ୍ଗର ଏକ ରାସାୟନିକ ପଦାର୍ଥ, ଯାହା ଅମ୍ଳଜାନ ସଂସ୍ପର୍ଶରେ ଆସିଲେ ଆପେଆପେ ଉଚ୍ଚ ତାପମାତ୍ରାରେ ଜଳି ଯାଇଥାଏ । ସେଥିପାଇଁ ଏହାକୁ ଭାକ୍ୟୁମ୍ ଥିବା ଡବାରେ କିମ୍ବା ଜଳରେ ବୁଡ଼ାଇ ରଖାଯାଏ ।

ଯୁଦ୍ଧ ସମୟରେ ସାଧାରଣତଃ ଧଳା ଫସଫରସକୁ ବ୍ୟବହାର କରି ଏକ ବହଳିଆ, ଧଳା ଧୂମ୍ରପରଦା ସୃଷ୍ଟି କରାଯାଏ, ଯାହାଫଳରେ ଶତ୍ରୁ ସୈନ୍ୟମାନଙ୍କୁ କିଛି ଦେଖାଯାଏ ନାହିଁ ଏବଂ ସେମାନଙ୍କର ଗତିକୁ ଜାଣି ହୋଇଥାଏ । ପୁନଶ୍ଚ ଏହାଦ୍ୱାରା ଶତ୍ରୁପକ୍ଷର ଲକ୍ଷ୍ୟସ୍ଥଳକୁ ଆକ୍ରମଣ ପାଇଁ ଚିହ୍ନିତ କରାଯାଏ । କିନ୍ତୁ ଏହାକୁ ଏକ ଅସ୍ତ୍ର ଭାବେ ବ୍ୟବହାର କଲେ ଏହାର ପ୍ରଭାବ ଭୟାନକ ହୋଇଥାଏ । ଯେତେବେଳେ ଏହାକୁ ବୋମା ଭାବେ ବ୍ୟବହାର କରାଯାଏ, ଏହା ବାୟୁରେ ବିସ୍ଫୋରିତ ହୋଇ ପ୍ରାୟ ଆଠଶହ ଡିଗ୍ରୀ ସେଲସିୟସ ତାପମାତ୍ରାରେ ଜଳିଥାଏ । ଏହି ତାପମାତ୍ରାରେ କେତେକ ଧାତୁ ମଧ୍ୟ ତରଳି ଯାଇଥାଏ ଏବଂ ମନୁଷ୍ୟ ଶରୀରର ମାଂସ ତୁରନ୍ତ ଜଳିଯାଏ । ଏହାଦ୍ୱାରା ଚର୍ମରେ ଜଳାପୋଡ଼ା ହୁଏ । ଏହା ଶରୀରର ଚର୍ମ ଓ ମାଂସପେଶୀ ଦେଇ ଅସ୍ଥିକୁ ମଧ୍ୟ ଦଗ୍ଧ କରିଦିଏ । ଏହି ବୋମା ଦ୍ୱାରା ବାୟୁରେ ଅମ୍ଳଜାନ ସ୍ତର ବହୁତ କମିଯାଏ । ଫଳରେ ଶ୍ୱାସକ୍ରିୟାରେ ଅସୁବିଧା ହୋଇଥାଏ । ଏହା ଶରୀରର ବୃକକ୍ ଓ ଯକୃତ ଉପରେ ଖରାପ ପ୍ରଭାବ ପକାଇଥାଏ । ମୃତ୍ୟୁମୁଖରୁ ବଞ୍ଚିଯାଇଥିବା ବ୍ୟକ୍ତି ଜୀବନ ସାରା କଷ୍ଟ ପାଇଥାଏ । ଥରେ ନିଆଁ ଲାଗିଗଲେ ଏହାକୁ ଲିଭାଇବା ସହଜ ନୁହେଁ ଏବଂ ଏହା ଚର୍ମ ପୃଷ୍ଠ ଓ ପୋଷକରେ ଅଠା ଭଳି ଲାଗି ରହେ । ଫସଫରସ ବୋମା ବିସ୍ଫୋରଣ ହେବା ପରେ ଫସଫରସର ଛୋଟ ଛୋଟ କଣିକା ବିସ୍ତୃତ ଅଞ୍ଚଳକୁ ବ୍ୟାପିଯାଏ । ଚାରିଆଡ଼େ ନିଆଁ ଲଗାଇଦିଏ, ଯାହା ସାଧାରଣ ଲୋକମାନଙ୍କର ବିପଦକୁ ବୃଦ୍ଧି କରିଥାଏ । ଫସଫରସ ଆଖପାଖର ସମସ୍ତ ଅମ୍ଳଜାନ ସହିତ ପ୍ରତିକ୍ରିୟା କରି ସେଗୁଡ଼ିକୁ ଶେଷ କରିଦିଏ । ଏହି ପ୍ରତିକ୍ରିୟାରୁ ଉତ୍ପନ୍ନ ଶକ୍ତି ଯୋଗୁଁ ଉତ୍ତାପ ବୃଦ୍ଧି ପାଇ ନିଆଁ ଲାଗିଥାଏ । ଜଳରେ ଏହି ନିଆଁ ଲିଭେ ନାହିଁ । କାରଣ ଫସଫରସ ନିଜେ ଅମ୍ଳଜାନ ଉତ୍ପନ୍ନ କରିଥାଏ ।

ବେସାମରିକ ଲୋକଙ୍କ ପ୍ରତି ଫସଫରସ ବୋମାର ବିପଦ ଯୋଗୁଁ ୧୯୭୭ ମସିହା ଜେନେଭା ଚୁକ୍ତିରେ ଏହାର ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଯାଇଛି । କିନ୍ତୁ ଏଥିରେ କିଛି ଗଳା ବାଟ ରହିଯାଇଥିବା ଆଇନଜୀବୀମାନେ କହିଥା'ନ୍ତି । କାରଣ ଧଳା ଫସଫରସ ମୁଖ୍ୟତଃ ଧୂମ-ପରଦା ଭାବରେ ବ୍ୟବହୃତ ହେଉଥିବାରୁ ଏବଂ ଲୋକଙ୍କୁ ମାରିବା ପାଇଁ ଏକ ଅସ୍ତ୍ର ଭାବେ ବ୍ୟବହୃତ ହେଉ ନ ଥିବା କହି ଇସ୍ରାଏଲ୍ ସମେତ କେତେକ ରାଷ୍ଟ୍ର ଏଥିରୁ ଖସି ଯାଉଛନ୍ତି । ଅବଶ୍ୟ ଇସ୍ରାଏଲ୍ ଜେନେଭା ଚୁକ୍ତିରେ ଦସ୍ତଖତ କରିନାହିଁ । ଯୁକ୍ତରାଷ୍ଟ୍ର ଆମେରିକା ଏହାକୁ ଭିଏତନାମ ଯୁଦ୍ଧରେ ପ୍ରୟୋଗ କରିଥିଲା । ଅବଶ୍ୟ ସେତେବେଳେ ଏହା ଉପରେ ପ୍ରତିବନ୍ଧକ ନଥିଲା । ଏହାକୁ ଅସ୍ତ୍ର ଭାବେ ବ୍ୟବହାର କରିବା ଉପରେ ପ୍ରତିବନ୍ଧକ ୧୯୭୭ ମସିହାରେ ଲଗାଯାଇଛି । କିନ୍ତୁ ଆମେରିକା ୨୦୦୪ ମସିହାରେ ଏହାକୁ ଇରାକ ବିରୁଦ୍ଧରେ ପ୍ରୟୋଗ କରିଥିବା କୁହାଯାଏ ।


ଏବେ ଫସଫରସକୁ ବୋମା ଭାବେ ବ୍ୟବହାର କରାଯାଉଛି । ଏହାସହିତ ଏହାକୁ ହ୍ୟାଣ୍ଡଗ୍ରେନେଡ୍, ଛୋଟ ରକେଟ, ଗ୍ରେନେଡ ଲଞ୍ଚର ଆଦି ଦ୍ୱାରା ମଧ୍ୟ ନିକ୍ଷେପ କରାଯାଉଛି । ଅନ୍ତର୍ଜାତୀୟ ନିୟମ ଅନୁସାରେ ପ୍ରତିବନ୍ଧକ ଥିବା ଫସଫରସ ବୋମା ବ୍ୟବହାର କରିବା ଆଇନଗତ ଓ ନୈତିକତା ଦୃଷ୍ଟିରୁ ଅସମୀଚୀନ । କିନ୍ତୁ ଯୁଦ୍ଧ ସମୟରେ ଅନେକ ଦେଶ ନୀତିରୁ ବାହାରି ଯାଇଥାଆନ୍ତି । ଇରାନ ଯୁଦ୍ଧରେ ଦେଖାଯାଇଛି ଯେ ସ୍କୁଲ ଓ ଡାକ୍ତରଖାନା ଉପରେ କ୍ଷେପଣାସ୍ତ୍ର ନିକ୍ଷେପ ହୋଇ ଅନେକ ସ୍କୁଲ ଛାତ୍ରଛାତ୍ରୀ ଓ ରୋଗୀ ପ୍ରାଣ ହରାଇଛନ୍ତି । ଅନେକ ବେସାମରିକ କୋଠା ଧ୍ୱଂସ ହୋଇଛି । ଫସଫରସ ବୋମା ପ୍ରୟୋଗ ନିଶ୍ଚିତ ଭାବେ ଏକଯୁଦ୍ଧ ଅପରାଧ ଏବଂ ପ୍ରତ୍ୟେକ ଦେଶ ମାନବିକତା ଦୃଷ୍ଟିକୋଣରୁ ଏହାକୁ ପରିହାର କରିବା ଉଚିତ୍ ।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

# ଅତ୍ୟଧିକ ପ୍ରକ୍ରିୟାକରଣ ଖାଦ୍ୟ

ଶ୍ରୀନନ

## ବିଜ୍ଞାନ ବାର୍ତ୍ତା



ସାରାଦୁନିଆରେ ଏବେ ବଦଳି ଚାଲିଛି ଖାଦ୍ୟାଭ୍ୟାସ । ପ୍ରାକୃତିକ ଖାଦ୍ୟ ଉପରୁ ଆମ ନିର୍ଭରଶୀଳତା ହ୍ରାସ ପାଇ ବଢ଼ିବାରେ ଲାଗିଛି କୃତ୍ରିମ ଭାବେ ପ୍ରସ୍ତୁତ ଖାଦ୍ୟଗୁଡ଼ିକ ଉପରେ । ଏହାମଧ୍ୟରେ ସର୍ବାଗ୍ରରେ ରହିଛି 'ଅତ୍ୟଧିକ ପ୍ରକ୍ରିୟାକରଣ ଖାଦ୍ୟ' ବା 'ଅଲଟ୍ରା ପ୍ରସେସଡ୍ ଫୁଡ' । ସାଧାରଣତଃ ଏହା ପ୍ରାକୃତିକ ଖାଦ୍ୟମାନଙ୍କର ପ୍ରକ୍ରିୟାକରଣ ମାଧ୍ୟମରେ ପ୍ରସ୍ତୁତ କିମ୍ବା ଜୈବ ପଦାର୍ଥମାନଙ୍କରୁ ସଂଶ୍ଳେଷଣ ଜରିଆରେ କରାଯାଏ । ନଭେମ୍ବର ୨୦୨୫ ମସିହାରେ ସୁପ୍ରସିଦ୍ଧ ସ୍ୱାସ୍ଥ୍ୟ ଗବେଷଣା ପତ୍ରିକା 'ଲାନ୍ସେଟ୍'ରେ ପ୍ରକାଶିତ ତିନୋଟି ନିବନ୍ଧରେ ପୃଥିବୀର ୪୦ ଜଣ ଜନସ୍ୱାସ୍ଥ୍ୟ ବିଶାରଦମାନେ ଏପ୍ରକାର ଖାଦ୍ୟ ଆଦୌ ନ ଖାଇବା କିମ୍ବା କମ୍ ଖାଇବା ପାଇଁ ଉପଦେଶ ଦେଇଛନ୍ତି । କାରଣ ଏଗୁଡ଼ିକରେ ମିଶିଥାଏ ଲିସିଥିନ୍, ପେକ୍ଟିନ୍ ଭଳି ଖାଦ୍ୟର ରୂପ ବଦଳାଉଥିବା 'ଏମୁଲସି ଫାୟରସ୍' ବିବିଧ କୃତ୍ରିମ ରଙ୍ଗ ଓ ସ୍ୱାଦକାରୀ ପଦାର୍ଥ, ସ୍ନେହସାର, ଲବଣ, ଶର୍କରା ଆଦି ପଦାର୍ଥ ଅଧିକମାତ୍ରରେ ।

ଏପ୍ରକାର ଖାଦ୍ୟ ବଜାରକୁ ଯଥେଷ୍ଟ ମାତ୍ରାରେ ଆସିବାକୁ ଆରମ୍ଭ କଲା ୧୯୮୦ ଦଶକରେ । ତତ୍ପରେ ୨୦୦୯ ମସିହାରେ ବ୍ରାଜିଲ୍‌ର କିଛି ଗବେଷକ ଏହା ଉପରେ ଅଧ୍ୟୟନ ଆରମ୍ଭ କଲେ ଏବଂ ଏହାକୁ 'ଅଲଟ୍ରା ପ୍ରସେସଡ୍ ଫୁଡ' ରୂପେ ନାମିତ କଲେ । ଏହା ପରେ ମଧ୍ୟ ଏହାର ପ୍ରସାର ବଢ଼ି ବଢ଼ି ଚାଲିଲା । ୨୦୨୩ ମସିହା ବେଳକୁ ଆମେରିକୀୟମାନେ ୫୮ ଶତାଂଶ ଏବଂ ବ୍ରିଟିଶରମାନେ ୫୭ ଶତାଂଶ କ୍ୟାଲୋରୀ ଆହରଣ କରିବାର ଜଣାପଡ଼ିଲା ଏକ ସର୍ବେକ୍ଷଣରୁ । ତଦନୁଯାୟୀ ୟୁରୋପର ବିବିଧ ଦେଶରେ ଏହା ଥିଲା ୨୫ ରୁ ୩୫ ଶତାଂଶ, ଯାହାକି ଆମ ଦେଶରେ ଏବେ ୧୦ ଶତାଂଶ ଛୁଇଁବାକୁ ଲାଗିଲାଣି ।

ବର୍ତ୍ତମାନ ବଜାରରେ ଉପଲବ୍ଧ ଖାଦ୍ୟଗୁଡ଼ିକୁ ୪ଟି ଶ୍ରେଣୀରେ ବିଭକ୍ତ କରାଯାଉଛି । ସେଗୁଡ଼ିକ ହେଲା - ୧) ପ୍ରକ୍ରିୟାକରଣ ଖାଦ୍ୟ ପ୍ରସ୍ତୁତିରେ ବ୍ୟବହୃତ ଉପାଦାନ ସମୂହ, ଯେପରିକି ଚିନି, ଲୁଣ, ମହୁ, ବିବିଧ ସିରାଜାତୀୟ ପଦାର୍ଥ, ଭେଜିଟେବଲ୍ ତୈଳ, ଲହୁଣୀ, ଭିନେଗାର ଇତ୍ୟାଦି । ୨) ଆଦୌ ପ୍ରକ୍ରିୟାକରଣ ହୋଇ ନ ଥିବା କିମ୍ବା ଖୁବ୍ କମ ହୋଇଥିବା ଖାଦ୍ୟ, ଯଥା ଫଳମୂଳ, ପନିପରିବା, ସାଧା ଦହି, ଶିମ୍ବ, କୋଳି, ମଞ୍ଜି, ଅଣ୍ଡା, ମାଛ, କୁକୁଡ଼ା ମାଂସ ଇତ୍ୟାଦି । ୩) ପ୍ରକ୍ରିୟାକରଣ ହୋଇଥିବା ଖାଦ୍ୟ ଯଥା, ଲୁଣଯୁକ୍ତ ବାଦାମ ମଞ୍ଜି, ବଜାରରେ କ୍ୟାନ୍‌ରେ ବିକ୍ରି ହେଉଥିବା ସଂରକ୍ଷିତ ମାଂସ, ପନିପରିବା, ମାଛ ଓ ଛେନା ଏବଂ ସଦ୍ୟ ପ୍ରସ୍ତୁତ ପାଉଁରୁଟି । ୪) ଅତ୍ୟଧିକ ପ୍ରକ୍ରିୟାକରଣ ଖାଦ୍ୟ ଶ୍ରେଣୀର ଅନ୍ତର୍ଭୁକ୍ତ ହେଲା ବିଭିନ୍ନ ପ୍ରକାର ଚିପସ୍, ମୃଦୁପାନୀୟ, ନୁଡୁଲସ୍, ପିଜା, ବିଭିନ୍ନ ପ୍ରକାର ରସ, ପାଉଁରୁଟି, ସୋୟାକ୍ଷୀର, କ୍ୟାନ୍‌ରେ ବିକ୍ରୟ ହେଉଥିବା ପ୍ରସ୍ତୁତ ମାଛ ମାଂସ ତରକାରୀ, ଚିନି ବା ଲୁଣ ଅଧିକ ଥିବା ଶସ୍ୟଜାତୀୟ ଖାଦ୍ୟ ଇତ୍ୟାଦି ।

'ଲାନସେଟ୍'ରେ ପ୍ରକାଶିତ ଉପରୋକ୍ତ ନିବନ୍ଧମାନଙ୍କରେ ୧୦୪ଟି ଅଧ୍ୟୟନ ସଂପର୍କରେ ସୂଚନା ପ୍ରଦାନ କରାଯାଇଛି । ତନ୍ମଧ୍ୟରୁ ୯୨ଟିରେ ଏକାଧିକ ଦୀର୍ଘସ୍ଥାୟୀ ରୋଗ ସହିତ ଅତ୍ୟଧିକ ପ୍ରକ୍ରିୟାକରଣ ଖାଦ୍ୟ ବା 'ଅଲ୍ଟ୍ରା ପ୍ରସେସଡ ଫୁଡ' ମାନଙ୍କର ପ୍ରତ୍ୟକ୍ଷ ସଂପର୍କ ଥିବାର ଜଣାପଡ଼ିଛି । ଏହି ରୋଗ ମଧ୍ୟରୁ ମୁଖ୍ୟଗୁଡ଼ିକ ହେଲା ଟାଇପ୍ ୨ ମଧୁମେହ (୨୫ %), ମାନସିକ ଚାପ (୨୩ %), ଦୁଶ୍ଚିନ୍ତା (୨୨ %), ପୃଥୁଳତା (୨୧ %), ଉଚ୍ଚରକ୍ତଚାପ (୨୦%), ଅକାଳମୃତ୍ୟୁର ବିବିଧ କାରଣ (୧୮ %), ହୃଦ୍‌ରୋଗ(୧୮ %) ଏବଂ ନାନାପ୍ରକାର କର୍କଟ ରୋଗ (୧୫%) । ସେଥିପାଇଁ ଏପରି ଖାଦ୍ୟ ବର୍ଜନ କିମ୍ବା ସର୍ବନିମ୍ନ ବ୍ୟବହାର ପାଇଁ ଏଥିରେ ପରାମର୍ଶ ଦିଆଯାଇଛି ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ସିବିଆଇ ପରିଚୟ ଦେଇ କୋଟିଏ ଟଙ୍କାର ସୁନା ଲୁଟ୍

# ୩ ଅନ୍ତଃରାଜ୍ୟ ଲୁଟେରା ଗିରଫ

ବ୍ରହ୍ମପୁର, ୧୬।୩ (ସମିସ): ବ୍ରହ୍ମପୁର ରେଲଷ୍ଟେସନ୍‌ରେ ସିବିଆଇ ଯାଞ୍ଚ ନାଁରେ ଜଣେ ବ୍ୟବସାୟୀଙ୍କଠାରୁ ପ୍ରାୟ ୧କୋଟି ଟଙ୍କାର ସୁନା ଅଳଙ୍କାର ଲୁଟ୍ ଘଟଣାରେ ଜିଆରପି ପୁଲିସ ୩ ଅନ୍ତଃରାଜ୍ୟ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ରାଜସ୍ଥାନର ବଲତ୍ର ଜିଲ୍ଲା ସାମଦ୍ରୀ ଥାନା ଅନ୍ତର୍ଗତ ଭିରିଧାନିଓକି ଗ୍ରାମର ନରେନ୍ଦ୍ର କୁମାର ଓରଫ ପ୍ରଜାପତ (୨୪), ପୁନମ ଚାନ୍ଦ (୫୫) ଓ ତାକତଘର ଗ୍ରାମର ଜିତୁ ଚୌଧୁରୀ (୨୮)। ଅଭିଯୁକ୍ତମାନଙ୍କଠାରୁ ୮୮ ଗ୍ରାମ୍‌ର ସୁନା ଅଳଙ୍କାର ଜବତ କରିଛି ଜିଆରପି ପୁଲିସ। ଏହି ଘଟଣାରେ ଆଉ ୫ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଛି। ସେମାନେ ବର୍ତ୍ତମାନ ଫେରାର୍ ରହିଛନ୍ତି। ଏମାନଙ୍କୁ ଧରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ବ୍ରହ୍ମପୁର ରେଲୱେ ଷ୍ଟେସନ୍‌ସ୍ଥିତ ଜିଆରପି ଥାନା ପରିସରରେ ଜିଆରପିଏସ ଖୋର୍ଦ୍ଧା ରୋଡ୍ ଉପଖଣ୍ଡ ପୁଲିସ ଅଧିକାରୀ ଜଗନ୍ନାଥ ମଲ୍ଲିକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଅପରେସନ୍ ଏଡିଜେ ରେଲୱେ ଓ କୋଷ୍ଟାଲ ସିକ୍ୟୁରିଟି ଅରୁଣ ବୋଥ୍ରା ଏବଂ ରେଲୱେ କଟକ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତାଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ବ୍ରହ୍ମପୁର ଜିଆରପିଏସ୍‌ର ଏସ୍‌ଆଇ ବିଶ୍ୱନାଥ ମଲ୍ଲିକ ମାମଲାର ତଦନ୍ତ କରୁଥିବା କୁହାଯାଇଛି।

ସୂଚନାଯୋଗ୍ୟ, ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ହସମୁଖ ଜୈନ ଜଣେ ବ୍ୟବସାୟୀ ଅଟନ୍ତି। ବ୍ରହ୍ମପୁର ଖାସପା ସାହିରେ ତାଙ୍କର ଏକ ଅଳଙ୍କାର ଡିଜାଇନ୍ ଦୋକାନ ରହିଛି। ସେଠାରେ ସେ ସୁନା ତରଲାଇ ବିଭିନ୍ନ ଅଳଙ୍କାର ପ୍ରସ୍ତୁତ କରନ୍ତି। କିଛିଦିନ ପୂର୍ବେ ହସମୁଖ ତାଙ୍କ ଦୋକାନର ଜଣେ କର୍ମଚାରୀଙ୍କ ସହ ବିଶାଖାପାଟଣା ଯାଇ ସେଠାରୁ ସୁନା ଓ ଅଳଙ୍କାର ଏକ ବ୍ୟାଗ୍‌ରେ ଧରି କୋଣାର୍କ ଏକ୍ସପ୍ରେସ୍‌ରେ ବ୍ରହ୍ମପୁର ଫେରୁଥିଲେ। ଗତ ୨୫ ଫେବୃଆରୀ ରାତି ପ୍ରାୟ ସାଢ଼େ ୯ଟାରେ ଟ୍ରେନ୍‌ରୁ ଓହ୍ଲାଇ ବ୍ରହ୍ମପୁର ରେଲଷ୍ଟେସନ୍ ବାହାରକୁ ଯାଉଥିବା ବେଳେ ବାଇକ୍ ପାର୍କିଂ ଷ୍ଟାଣ୍ଡ ନିକଟରେ ୩ ଜଣ ବ୍ୟକ୍ତି ନିଜକୁ ସିବିଆଇ ଅଧିକାରୀ ବୋଲି ପରିଚୟ ଦେଇ ଚୋରା ସୁନାକାରବା ସନ୍ଦେହରେ ଯାଞ୍ଚ କରିବାକୁ କହିଥିଲେ। ଏହା ଶୁଣି ହସମୁଖ ଭୟଭୀତ ହୋଇ ସୁନା ଅଳଙ୍କାର ଭର୍ତ୍ତି ବ୍ୟାଗକୁ ଯାଞ୍ଚ ପାଇଁ ସେମାନଙ୍କୁ ଦେଇଥିଲେ। ସମ୍ପୃକ୍ତ ସିବିଆଇ ଅଧିକାରୀମାନେ ବ୍ୟାଗଟି ନେଇ କିଛି ଦୂରକୁ ଯାଇ ଚମ୍ପଟ ମାରିଥିଲେ। ବ୍ୟାଗରେ



ପ୍ରାୟ ୩୩ ପ୍ରକାର ସୁନା ଅଳଙ୍କାର ଥିଲା, ଯାହାର ଓଜନ ପ୍ରାୟ ୮୬୨ଗ୍ରାମରୁ ଅଧିକ ଏବଂ ମୂଲ୍ୟ ଏକ କୋଟି ଟଙ୍କା ହେବା ନେଇ କୁହାଯାଇଛି। ସେଥିରେ ମୋବାଇଲ୍ ଫୋନ୍, ଆଧାର କାର୍ଡ, ପାନ୍‌କାର୍ଡ, ଏଟିଏମ୍ କାର୍ଡ ଓ ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ଥିଲା। ଏହା ପରେ ଠକାମୀର ଶିକାର ହୋଇଥିବା ଜାଣି ହସମୁଖ ବ୍ରହ୍ମପୁର ଜିଆରପି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଜିଆର୍‌ପି ଓ ଆରପିଏଫ୍ ସହଯୋଗରେ ଏକ ଟିମ୍ ଗଠନ କରାଯାଇଥିଲା। ପରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ସହ ରାଜସ୍ଥାନର ଯୋଧପୁର, ସମଦ୍ରୀ, କଙ୍କରାଳା ଓ ବାଲୋତ୍ରା ଆଦି ସ୍ଥାନରେ ଚଢ଼ଉ କରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି।

# ଶୋଇଥିବା ସାଙ୍ଗଙ୍କୁ ନିର୍ମମ ହତ୍ୟା

ଔପଦା, ୧୬।୩ (ସମିସ) : ବାଲେଶ୍ୱର ଜିଲ୍ଲା ଔପଦା ଥାନା ଅଧୀନ ଗଡ଼ସାହି ପଞ୍ଚାୟତ ନରସିଂହସିଲା ବସ୍ତିରେ ପୂର୍ବ ଶତ୍ରୁତାର ପ୍ରତିଶୋଧ ନେବାକୁ ଯାଇ ଜଣେ ବ୍ୟକ୍ତି ନିଜ ବନ୍ଧୁକୁ ଅତି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକଜଣଙ୍କ ହେଲେ ବେଡେଇ ରାଜସ୍ୱ ଗ୍ରାମର ଡମ୍ବୁରୁ ହୋ (୩୬)। ପୁଲିସ ଏହି ଘଟଣାରେ ଅଭିଯୁକ୍ତ ବନ୍ଧୁ ଗଣ୍ଡ ହୋ (୩୫)କୁ ଗିରଫ କରିଛି। ଡମ୍ବୁରୁ ଏବଂ ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ବ୍ରାହ୍ମଣୀପାଳ ଗ୍ରାମର ଗଣ୍ଡ ହୋ'ଙ୍କ ମଧ୍ୟରେ ପ୍ରାୟ ବର୍ଷେ ପୂର୍ବରୁ କୌଣସି କାରଣକୁ ନେଇ ବିବାଦ ରହିଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ସମାଧାନ ହୋଇ ବନ୍ଧୁତା ସ୍ଥାପନ ହୋଇଥିଲେ ହେଁ ଗଣ୍ଡ ମନ ଭିତରେ ପ୍ରତିଶୋଧର ନିଆଁ ଜଳୁଥିଲା। ଗତକାଲି ବିଳମ୍ବିତ ରାତିରେ ଗଣ୍ଡ ଏକ ସୁଚିନ୍ତିତ ଯୋଜନା କରି ଡମ୍ବୁରୁଙ୍କ ଘରକୁ ନିଶାସକ୍ତ ଅବସ୍ଥାରେ ଆସିଥିଲା। ରାତି ଅଧିକ ହୋଇଯାଇଥିବାରୁ ସେ ନିଜ ଘରକୁ ଫେରିପାରିବ ନାହିଁ ବୋଲି କହି ଡମ୍ବୁରୁଙ୍କ ଘରେ ଆଶ୍ରୟ ମାଗିଥିଲା। ତାକୁ ବିଶ୍ୱାସ କରି ଡମ୍ବୁରୁ ନିଜ ଘରେ ଶୋଇବାକୁ ସ୍ଥାନ ଦେଇଥିଲେ। ମାତ୍ର ରାତିରେ ଡମ୍ବୁରୁ ଏବଂ ତାଙ୍କ ସ୍ତ୍ରୀ ତୁବେ ହୋ ଶୋଇଯିବା ପରେ ଗଣ୍ଡ ଏକ ଧାରୁଆ ଛୁରିରେ ଶୋଇଥିବା ଡମ୍ବୁରୁଙ୍କ କାନ ମୂଳକୁ ଆକ୍ରମଣ କରି ରକ୍ତାକ୍ତ କରି ପକାଇଥିଲା। ଡମ୍ବୁରୁଙ୍କ ଚିତ୍କାର ଶୁଣି ତାଙ୍କ ସ୍ତ୍ରୀ ନିଦରୁ ଉଠି ଧାଇଁ ଆସିବା ବେଳକୁ ଅଭିଯୁକ୍ତ ତାଙ୍କୁ ଧକ୍କା ମାରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ପରିବାରଲୋକେ ଗୁରୁତର ଅବସ୍ଥାରେ ଡମ୍ବୁରୁଙ୍କୁ ଅଟୋ ଯୋଗେ ଉଦଳା ଡାକ୍ତରଖାନା ନେଇଥିଲେ। କିନ୍ତୁ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଔପଦା ଥାନା ଆଇଆଇସି ପ୍ରମୋଦ କୁମାର ଦାସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଥିଲେ। ମୃତକଙ୍କ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତନାଘନା ଚଳାଇଥିଲା। ପୁଲିସ ଅଭିଯୁକ୍ତ ଗଣ୍ଡକୁ ତା'ର ନିଜ ଗ୍ରାମ ବ୍ରାହ୍ମଣୀପାଳରୁ ଗିରଫ କରିବାରେ ସକ୍ଷମ ହୋଇଛି। ବନ୍ଧୁତାର ଆଢୁଆଳରେ ଏଭଳି ଏକ ଲୋମହର୍ଷଣକାରୀ ହତ୍ୟାକାଣ୍ଡ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

# ମହିଳା ଶ୍ରମିକଙ୍କୁ ଚାପିଦେଲା ଟ୍ରକ୍

କେନ୍ଦୁଝର, ୧୬।୩ (ସମିସ): କେନ୍ଦୁଝର ସଦର ଥାନା, ୨୦ନମ୍ବର ଜାତୀୟ ରାଜପଥର ବାଲିଆଗୋଡ଼ା ନାୟାରା ପେଟ୍ରଲ ପମ୍ପ ସମ୍ମୁଖ ରାସ୍ତାରେ ଟ୍ରକ୍ ଧକ୍କାରେ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ, ରାଜବନ୍ଧ ଗ୍ରାମର ସୂର୍ଯ୍ୟମଣି ହାଂସଦା(୫୦)। ସହରର ବିଭିନ୍ନ ସ୍ଥାନରେ ହେଉଥିବା କୋଠା କାମଗୁଡ଼ିକରେ ସୂର୍ଯ୍ୟମଣି ଶ୍ରମିକ ଭାବେ କରୁଥିବା ବେଳେ ସନ୍ଧ୍ୟାରେ ସୂର୍ଯ୍ୟମଣି ଘରକୁ ଫେରୁଥିଲେ। ବିପରୀତ ଦିଗରୁ ଆସୁଥିବା ଟ୍ରକ୍ ସୂର୍ଯ୍ୟମଣିଙ୍କୁ ଚାପି ଦେଇଥିଲା। ଫଳରେ, ଘଟଣାସ୍ଥଳରେ ହିଁ ସୂର୍ଯ୍ୟମଣିଙ୍କ ମୃତ୍ୟୁ ହୋଇଯାଇଥିଲା।

ଅପରପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଥିଲେ। ଫଳରେ ରାସ୍ତାର ଦୁଇ କଡ଼ରେ ବହୁ ଟ୍ରକ୍ ଅଟକି ରହିଥିବା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଶବ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

## ଅବଶିଷ୍ଟାଂଶ...

### ଅନ୍ତିମ ସଂସ୍କାର...

କରାଯାଇଥିଲା। ସେଠାରେ ମଧ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲର ଭେଣ୍ଟିଲେଟରରେ ରଖି ଚିକିତ୍ସା କରାଯାଉଥିଲା। ୧୦ବର୍ଷ ପରେ ଘରକୁ ଏକ ନବଜାତ ଶିଶୁ ଆସିବ ବୋଲି ପରିବାରଲୋକେ ବହୁତ ଆଶା କରିଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ଗର୍ଭସ୍ଥ ଶିଶୁର ମୃତ୍ୟୁ ଘଟିଥିବା ବେଳେ ଅମିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହୋଇଥିଲା। ପରେ ତାଙ୍କୁ ମୃତ ବୋଲି ଧାରଣା କରି ପରିବାରଲୋକେ ଭୁବନେଶ୍ୱରରୁ ଆମ୍ବୁଲାନ୍ସରେ ଗାଁକୁ ନେଇ ଆସିଥିଲେ। ଗାଁରେ ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶେଷ ଦର୍ଶନ ପାଇଁ ଗ୍ରାମବାସୀ ଓ ଆତ୍ମୀୟସ୍ୱଜନ ଘରେ ଭିଡ଼ ଜମାଇଥିଲେ। ଏପର୍ଯ୍ୟନ୍ତ ଅନ୍ତିମ ସତ୍କାର ପାଇଁ ନଦୀ ପଠାରେ କାଠ ସହ ସମସ୍ତ ବ୍ୟବସ୍ଥା ସରିଥିଲା ଓ କୋକେଇ ମଧ୍ୟ ବନ୍ଧାଯାଇଥିଲା। ଅମିତାଙ୍କୁ ଆମ୍ବୁଲାନ୍ସରୁ ଘରକୁ ଆଣିବା ପରେ ହଠାତ୍ ସେ ଆଖି ଖୋଲି ଦେବାରୁ ସେଠାରେ ଥିବା ସମସ୍ତେ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ। ସ୍ଥାନୀୟ ଡାକ୍ତର ଯାଞ୍ଚ କରି ସେ ଜୀବିତ ଥିବା କହିଥିଲେ।

ଭୁବନେଶ୍ୱରର ଘରୋଇ ହସ୍‌ପିଟାଲରେ ସେ ମୃତ ବୋଲି କୌଣସି ଡାକ୍ତର ନିଶ୍ଚିତ କରିଥିଲେ କି ନାହିଁ କିମ୍ବା କିପରି ପରିବାରଲୋକେ ତାଙ୍କୁ ମୃତ ବୋଲି ଭାବି ଘରକୁ ନେଇ ଆସିଥିଲେ, ତାହା ଜଣାପଡ଼ିନାହିଁ।

### ଏସ୍‌ସିବିରେ...

ପରେ ଶବଗୁଡ଼ିକୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏଭଳି ଏକ ଅଘଟଣ ରାଜ୍ୟ ଇତିହାସରେ ପ୍ରଥମ ବୋଲି କୁହାଯାଉଥିବା ବେଳେ ପୂରା ଓଡ଼ିଶା ସ୍ତବ୍ଧ ହୋଇଯାଇଛି।

ସୂଚନାନୁସାରେ, ରବିବାର ବିଳମ୍ବିତ ରାତିରେ ଟ୍ରମା ଆଇସିୟୁରେ ରୋଗୀମାନେ ଶୋଇଥିବା ବେଳେ ଭିତରେ କୌଣସି ସେବିକା କିମ୍ବା ମେଡିକାଲ କର୍ମଚାରୀ ନଥିଲେ। ଜଣେ ଆଇସିୟୁ କର୍ମଚାରୀ ଡ୍ୟୁଟି କରୁଥିଲେ। ରାତି ୨ଟା ୫୮ରେ ହଠାତ୍ ଏକ ଇଲେକ୍ଟ୍ରିକ୍ ବୋର୍ଡ ଜଳି ଉଠିଥିଲା। କିଛି ସମୟ ଭିତରେ ଏସି ୱେୟାରିଂ ଓ ସମସ୍ତ ବିଦ୍ୟୁତ୍ ତାର ଜଳିବାକୁ ଲାଗିଥିଲା। ମେଡିକାଲର ଆଭ୍ୟନ୍ତରୀଣ ଅଗ୍ନି ନିର୍ବାପକ ବ୍ୟବସ୍ଥା ଆଦୌ କାମ ଦେଇନଥିଲା। ମାତ୍ର ୫ ମିନିଟ୍ ଭିତରେ ଟ୍ରମା ଆଇସିୟୁଟି ହୁତୁହୁତୁ ହୋଇ ଜଳି ଉଠିଥିଲା। ସମଗ୍ର ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଆଇସିୟୁରେ ଡ୍ୟୁଟି କରୁଥିବା କର୍ମଚାରୀ ତଳ ମହଲାକୁ ଦୌଡ଼ି ଅନ୍ୟ କର୍ମଚାରୀ ଓ ଡ୍ୟୁଟିରେ ଥିବା ଡାକ୍ତରଙ୍କୁ ଏ ସଂପର୍କରେ ଜଣାଇଥିଲେ।

ଏସ୍‌ସିବି ପରିସରରେ ଥିବା ଅଗ୍ନିଶମ କାର୍ଯ୍ୟାଳୟକୁ ଖବର ଦିଆଯିବା ପରେ ସେଠାରୁ ଏକ ଦମକଳ ଗାଡ଼ି ଆଇସିୟୁ କୋଠା ବାହାରେ ପହଞ୍ଚିଥିଲା। କିଛି ସମୟ ପରେ ମର୍କତନଗର ଅଗ୍ନିଶମ ବାହିନୀ ଏବଂ ବକ୍ସିବଜାର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେତେବେଳକୁ ଟ୍ରମା ଆଇସିୟୁ ଅଧାରୁ ଅଧିକ ଜଳି ସାରିଥିଲା। ପ୍ରଥମେ ଫୋମ୍ ମାଡ଼ କରାଯାଇଥିଲେ ମଧ୍ୟ ନିଆଁ ଆୟତ୍ତକୁ ଆସି ନଥିଲା। ଅଗ୍ନିକମାନେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ପାଣି ମାଡ଼ କରିଥିଲେ। ୪ଟି ଦମକଳ ଗାଡ଼ି ପ୍ରାୟ ଅଧ ଘଣ୍ଟା ପାଣି ମାଡ଼ କଲା ପରେ ନିଆଁ ଲିଭିଥିଲା। ଏତିକିବେଳେ ରେସ୍କ୍ୟୁ ଅପରେସନ୍ ଜୋରଦାର୍ କରାଯାଇଥିଲା। ଆଇସିୟୁ ଭିତରେ ଥିବା ୨୩ଜଣ ରୋଗୀଙ୍କ ମଧ୍ୟରୁ ସେତେବେଳକୁ ୧୦ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ୧୩ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା।

ଅନ୍ୟପଟେ ଏସ୍‌ସିବି ମେଡିକାଲରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ରକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମେଡିକାଲର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆଦୌ ଠିକ୍ ନଥିଲା। ଯେତେବେଳେ ଅଗ୍ନିକାଣ୍ଡ ଘଟିଲା, ପୂର୍ବରୁ ଲାଗିଥିବା ସ୍ପ୍ରିଙ୍କଲର୍‌ରୁ ପାଣି ସ୍ପ୍ରେ' ହୋଇନଥିଲା। ଭିତରେ ଥିବା ଫାୟାର୍ ଏକ୍ସଟିଙ୍ଗୁଇସର୍ ଅକାମି ହୋଇ ପଡ଼ିରହିଥିଲା। ପରିସରରେ ଥିବା ଗୋଟିଏ ମାତ୍ର ଦମକଳ ଗାଡ଼ି ଠିକ୍ ସମୟରେ ପହଞ୍ଚିଥିବା ବେଳେ ତାହା ନିଆଁକୁ ଆୟତ୍ତ କରି ପାରିନଥିଲା। ଏସବୁ ଅବହେଳାକୁ କିନ୍ତୁ ମେଡିକାଲ କର୍ତ୍ତୃପକ୍ଷ ସ୍ୱୀକାର କରିବାକୁ ନାରାଜ। ଘଟଣା ସମ୍ପର୍କରେ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କୁ ପଚାରିବାରୁ ସେ କହିଥିଲେ ଯେ ସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଘଟଣାର ନ୍ୟାୟିକ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନିକ ସ୍ତରରେ କୌଣସି ଉତ୍ତର ରଖିବା ଆଦୌ ସମୀଚିନ ମନେ କରୁନାହିଁ କହି ଏସ୍‌ସିବିରେ ଅଗ୍ନି ନିରାପତ୍ତା ସଂକ୍ରାନ୍ତୀୟ ବ୍ୟବସ୍ଥା ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ନଦେଇ ଏହାକୁ ଏଡ଼ାଇ ଦେଇଥିଲେ। ପୂର୍ବରୁ ରାଜ୍ୟର ସର୍ବପୁରାତନ ଡାକ୍ତରୀ ପ୍ରତିଷ୍ଠାନଗୁଡ଼ିକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଇଥିଲା। ରାଜ୍ୟ ସରକାର ଏ ବାବଦରେ ୩୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଇଲେକ୍ଟ୍ରିକ୍ ଚିଫ୍ ଇଞ୍ଜିନିୟର୍ ଏବଂ ପିଡବ୍ଲ୍ୟୁଡି ଚିଫ୍ ଇଞ୍ଜିନିୟର୍ ଘଟଣାସ୍ଥଳରେ ଯାଞ୍ଚ କରିଛନ୍ତି।

ଅପରପକ୍ଷେ, ନିଜ ସଂପର୍କୀୟଙ୍କ ମୃତ୍ୟୁରେ ପରିବାରଲୋକ ଭାଙ୍ଗି ପଡ଼ିଛନ୍ତି। ଉନ୍ନତମାନର ଚିକିତ୍ସା ପାଇଁ ସେମାନେ ନିଜ ରୋଗୀଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଇଥିଲେ। କିନ୍ତୁ ଏଭଳି ଅଗ୍ନିକାଣ୍ଡରେ ସେମାନଙ୍କ ଜୀବନ ଚାଲିଯିବ ବୋଲି କେବେ କଳ୍ପନା କରିଥିଲେ। ଆତ୍ମୀୟ ଓ ପରିଜନଙ୍କ କାନ୍ଦବୋବାଳିରେ ପୂରା ହସ୍ପିଟାଲ ପରିସର ଫାଟି ପଡ଼ିଥିଲା।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ଦିଲ୍ଲୀପ ରାୟ, ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର, ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ଜୟଦେବ ଜେନା, ସୁରେଶ ରାଉତରାୟ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ପଞ୍ଚାନନ କାନୁନଗୋ, କଂଗ୍ରେସ ନେତା ସୁରେଶ ମହାପାତ୍ର, ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ, ମେୟର୍ ସୁବାସ ସିଂହ, ଏସ୍‌ସିବି ଅଧୀକ୍ଷକ ଗୌତମ ଶତପଥୀ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ପୁଲିସ କମିସନର ଏସ୍. ଦେବଦତ୍ତ ସିଂହ, ଡିସିପି ଖିଲାରୀ ରଷିକେଶ ଦ୍ୟାନଦେଓ, ସ୍ୱାସ୍ଥ୍ୟ ସଚିବ ପ୍ରମୁଖଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ।

### କିଏ ନେବ...

ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇଥିଲେ ଓ ସମ୍ପୃକ୍ତ ଡାକ୍ତରଖାନାର ମାଲିକଙ୍କୁ ଗିରଫ କରାଯାଇ ଜେଲ୍ ପଠାଯାଇଥିଲା। ମାତ୍ର ଏବେ ସମୟ ବଦଳିଛି ଓ ବିରୋଧୀ ଦଳରେ ଥିବା ବିଜେପି ଏବେ କ୍ଷମତାରେ ରହିଛି। ରାଜ୍ୟର ସବୁଠୁ ବଡ଼ ଓ ପ୍ରତିଷ୍ଠିତ ସରକାରୀ ମେଡିକାଲ କଲେଜ ହସ୍‌ପିଟାଲରେ ନିଆଁ ଲାଗି ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଆହୁରି ୧୦ଜଣ ଜୀବନ ସହ ସଂଘର୍ଷ କରୁଛନ୍ତି। ଏମାନଙ୍କ ମଧ୍ୟରୁ ଅନେକଙ୍କ ଜିଇବା ଆଶା କମ୍। ତେଣୁ ଏହି ଘଟଣା ପାଇଁ କିଏ ନୈତିକତା ମୁଣ୍ଡାଇବ? ସ୍ୱାସ୍ଥ୍ୟମନ୍ତ୍ରୀ କାହିଁକି ଇସ୍ତଫା ଦେବେ ନାହିଁ? ଡାକ୍ତରଖାନା କର୍ତ୍ତୃପକ୍ଷ କାହିଁକି ଗିରଫ ହେବେ ନାହିଁ ବୋଲି ସାଧାରଣରେ ସ୍ୱାଭାବିକ ପ୍ରଶ୍ନ ଉଠିଛି।

ଯେଉଁ ନିୟମ ଘରୋଇ ଡାକ୍ତରଖାନା ଓ ଏହାର ମାଲିକଙ୍କ ପାଇଁ ପ୍ରଯୁଜ୍ୟ, ସେହି ନିୟମ କାହିଁକି ସରକାରୀ ଡାକ୍ତରଖାନା ଓ ସରକାରଙ୍କ ପାଇଁ ଲାଗୁ ହେବ ନାହିଁ ? ତତ୍କାଳୀନ ମୁଖ୍ୟମନ୍ତ୍ରୀ କଟକ ବଡ଼ ଡାକ୍ତରଖାନାକୁ ଏମ୍ସ ପ୍ଲସ୍‌ରେ ପରିଣତ କରିବା ପାଇଁ ୫ ହଜାର କୋଟିରୁ ଅଧିକ ଅର୍ଥରାଶି ବ୍ୟୟବରାଦ କରିଥିଲେ। ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ପଦ୍ମ ଘୁଞ୍ଚିଘୁଞ୍ଚି ଯିବା ପରି କଟକ ବଡ଼ ଡାକ୍ତରଖାନାର ରୂପାନ୍ତରଣ ଘୁଞ୍ଚି ଘୁଞ୍ଚି ଚାଲିଛି। ଏହି ସମୟରେ ଏତେ ବଡ଼ ଦୁର୍ଘଟଣା ଘଟିବା ସରକାରଙ୍କ ଅଦୂରଦର୍ଶିତା, ସ୍ୱାସ୍ଥ୍ୟ ବିଭାଗର ଅପରିଣାମଦର୍ଶିତାକୁ ପ୍ରଦର୍ଶିତ କରିଥିଲେ ହେଁ ସରକାରୀ ସ୍ତରରେ ରହସ୍ୟମୟ ନିରବତା ଅନେକଙ୍କୁ ବିସ୍ମିତ କରିଛି।

### ଏନଏଚ୍‌ଆର୍‌ସିଙ୍କ...

ଯେ ଏସ୍‌ସିବି ଟ୍ରମା କେୟାର୍ ସେଣ୍ଟର୍‌ର ଆଇସିୟୁରେ ଘଟିଥିବା ଅଗ୍ନିକାଣ୍ଡରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଜଳଜଳ। ପର୍ଯ୍ୟାପ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଅଭାବ ଯୋଗୁଁ ଏହି ଅଘଟଣାରେ ୧୧ଜଣଙ୍କ ମୃତ୍ୟୁ ଘଟିଲାଣି। ଅନ୍ୟ ରୋଗୀ ପୋଡ଼ି ହୋଇ ଓ ଶ୍ୱାସରୁଦ୍ଧ ଯୋଗୁଁ ଚିକିତ୍ସିତ ହେଉଛନ୍ତି। ଉଦ୍ଧାର କାର୍ଯ୍ୟ ସହ ନିଆଁ ଲିଭାଇବା ବେଳେ ସ୍ପ୍ରିଙ୍କଲର୍ ଠିକ୍ ସମୟରେ କାମ ନକରିବା ଯୋଗୁଁ ଅଗ୍ନି ନିର୍ବାପନ କାର୍ଯ୍ୟ ବିଳମ୍ବ ହୋଇଥିବା ମଧ୍ୟ ସେ ଅଭିଯୋଗ କରିଥିଲେ। ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରି ଦାୟୀ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଏବଂ ଆହତଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ଶ୍ରୀ ଜେନା ପ୍ରାର୍ଥନା କରି ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଥିସହ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ ସୁରକ୍ଷା ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବାକୁ ଆବେଦନ କରିଛନ୍ତି।

### ଗିରିଜା ବଳୀୟାରସିଂହଙ୍କୁ...

ଉତ୍ସବରେ ପୁରସ୍କାରସ୍ୱରୂପ ତାଙ୍କୁ ୧ ଲକ୍ଷ ଟଙ୍କାର ଅର୍ଥରାଶି, ତାମ୍ର ଫଳକ ଓ ଶାଲ୍ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବ। ଓଡ଼ିଆ ଭାଷା ପାଇଁ ପୁରସ୍କାର ଚୟନ କମିଟିରେ ବିଶିଷ୍ଟ ଗାଳ୍ପିକା ଗାୟତ୍ରୀ ସରାଫ୍, ଡକ୍ଟର ଜୟନ୍ତୀ ରଥ, ଶ୍ୟାମା ପ୍ରସାଦ ଚୌଧୁରୀ ଜୁରୀ ସଦସ୍ୟ ଥିଲେ।

କବି ଶ୍ରୀ ବଳୀୟାରସିଂହ ସାଂପ୍ରତିକ ଓଡ଼ିଆ ସାହିତ୍ୟର ଜଣେ ପ୍ରତିଷ୍ଠିତ କବି। ଏକାଧାରରେ ସେ ଜଣେ କବି, ସାମ୍ବାଦିକ, ସଂପାଦକ, ପ୍ରକାଶକ। ୧୯୫୪ ଡିସେମ୍ବର ୯ରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ନାରଗୋଦାଠାରେ ଜନ୍ମିତ ଶ୍ରୀ ବଳୀୟାରସିଂହଙ୍କ ରଚିତ ଆଧୁନିକ କବିତା ହେଉକି ସନେଟ୍ ବେଶ୍ ପାଠକୀୟ ଆଦୃତି ଲାଭ କରିଛି। ତାଙ୍କ କବିତା ରଚନା ଶୈଳୀ ନିଆରା। ମାନବୀୟ ଭାବାବେଗ, ପ୍ରେମ, ବିରହ, ପ୍ରକୃତିପ୍ରୀତିକୁ ନେଇ ତାଙ୍କ କବିତାଗୁଡ଼ିକ ଅଧିକ ମାର୍ମିକ ହୋଇଉଠିଛି। ଛାତ୍ର ଜୀବନରୁ ସେ କବିତା ରଚନାରେ ଆପଣାକୁ ଅଭିନିବିଷ୍ଟ କରିଥିଲେ। ୧୯୭୬ ମସିହାରେ ତାଙ୍କର ପ୍ରଥମ କବିତା ସଂକଳନ 'କାଳିର କଥା' ପ୍ରକାଶ ପାଇଥିଲା। ସେତେବେଳେ ସେ ସ୍ନାତକୋତ୍ତର କରୁଥିଲେ। ପରବର୍ତ୍ତୀ ସମୟରେ 'କ୍ରୌଞ୍ଚମିଥୁନ', 'ଡାଇରୀର ଶାଇରୀ', 'ତୃଷାତର୍ପଣ', 'ନୀଳନିର୍ବାଣ', 'ଭାରତବର୍ଷ', 'ଚତୁର୍ଦ୍ଦଶୀର ଚନ୍ଦ୍ର', 'ଉତ୍ତରମେଘ', 'ଚିତ୍ରପ୍ରତିମା', 'ଶୀତଶୀର୍ଷକ', 'ଚର୍ଯ୍ୟା ଚୟନ', 'ଚାରଣଚର୍ଯ୍ୟା', 'କାବ୍ୟ ପୁରୁଷ', 'ପାଦପୂରଣ', 'ସର୍ଗନିସର୍ଗ' ଆଦି ପୁସ୍ତକ ବହୁ ପାଠକୀୟ ଆଦୃତି ଲାଭ କରିଛି। ତାଙ୍କ କବିତାଗୁଡ଼ିକ ଇଂରାଜୀ ଭାଷାରେ ଅନୂଦିତ ହୋଇ ରାଜ୍ୟ ବାହାରେ ବିପୁଳ ପାଠକୀୟ ପ୍ରଶଂସା ସାଉଁଟିଛି। ସାହିତ୍ୟ ସାଧନା ସହିତ 'କାହାଣୀ' ପ୍ରକାଶନ ସଂସ୍ଥା ମାଧ୍ୟମରେ ସେ ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାରରେ ଆପଣାକୁ ନିୟୋଜିତ କରିଛନ୍ତି। ୨୦୦୬ ମସିହାରେ କବିତା ସଂକଳନ 'ଭାରତ ବର୍ଷ' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଗୋ-କର୍ଣ୍ଣିକା ପୁରସ୍କାର, କାଦମ୍ବିନୀ କବିତା ପୁରସ୍କାର, ଝଙ୍କାର କବିତା ପୁରସ୍କାର, ରତ୍ନମଣି ସ୍ମୃତି ସମ୍ମାନ, ଗଙ୍ଗାଧର ମେହେର କବିତା ସମ୍ମାନ ଆଦି ବହୁ ପୁରସ୍କାର ଓ ସମ୍ମାନରେ ସେ ସମ୍ମାନିତ ହୋଇଛନ୍ତି। ୨୦୨୫ ମସିହା ପାଇଁ ସାହିତ୍ୟ ଅକାଦେମି ପୁରସ୍କାର ପାଇଁ ମନୋନୀତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ଶ୍ରୀଯୁକ୍ତ ବଳୀୟାରସିଂହଙ୍କୁ ପାଖକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

### ମନମୋହନ, ସୁଜିତ୍...

୨୯୪୧, ସଂତୃପ୍ତଙ୍କ ଭୋଟ ସଂଖ୍ୟା ୩୧୦୦, ଦଣ୍ଡେଶ୍ୱରଙ୍କର ୨୩୦୦ ଏବଂ ଦିଲ୍ଲୀପଙ୍କର ଭୋଟ ମୂଲ୍ୟ ୨୮୫୯ରେ ପହଞ୍ଚିଥିଲା। ଏହାସାତ୍ତ୍ୱେ ଦିଲ୍ଲୀପ ବିଜୟୀ ପାଇଁ ଆବଶ୍ୟକ ମୂଲ୍ୟ ନ ମିଳିବାରୁ ତୃତୀୟ ପର୍ଯ୍ୟାୟରେ ମନମୋହନ ସାମଲଙ୍କ ବଳକା ଦ୍ୱିତୀୟ ପସନ୍ଦ ଭୋଟ ମଧ୍ୟ ଦିଲୀପ ରାୟଙ୍କ ଖାତାରେ ଯୋଡ଼ା ଯାଇଥିଲା। ସର୍ବଶେଷରେ ଉଭୟ ମନମୋହନ ଏବଂ ଦିଲ୍ଲୀପଙ୍କ ଭୋଟ ସଂଖ୍ୟା ୨୯୪୧ ରହିଥିବା ବେଳେ ସଂତୃପ୍ତଙ୍କ ଭୋଟ ୩୧୦୦ ରହିଥିଲା। ଦଣ୍ଡେଶ୍ୱରଙ୍କ ଭୋଟ ୨୩୦୦ରେ ସୀମିତ ରହିଥିବା ବେଳେ ମନମୋହନ ଓ ସୁଜିତଙ୍କ ବଳକା ଦ୍ୱିତୀୟ ପସନ୍ଦ ଭୋଟକୁ ମିଶାଇ ଦିଲ୍ଲୀପ ରାୟଙ୍କ ଭୋଟ ସଂଖ୍ୟା ୩୪୧୮ରେ ପହଞ୍ଚିଥିଲା। ଏହାପରେ ରିଟର୍ଣ୍ଣିଂ ଅଫିସର ଦିଲ୍ଲୀପଙ୍କୁ ଚତୁର୍ଥ ଆସନରେ ବିଜୟୀ ଘୋଷଣା କରିଛନ୍ତି।

### ପଛପଟୁ ଚାପିଦେଲା...

ତଦନ୍ତ ଜାରି ରଖିଛନ୍ତି। ଅପରପକ୍ଷେ, କାର୍‌ରେ ବସିଥିବା ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇ ହସ୍ପିଟାଲ ବେଡ୍‌ରେ ମୃତ୍ୟୁ ସହ ଲଢ଼େଇ କରୁଛନ୍ତି।

ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୫ଟାରେ ବବିଲତା ଓ ଦୀପାଳି ସବୁଦିନ ପରି ସକାଳୁ ଜାତୀୟ ରାଜପଥ କଡ଼ରେ ମର୍ଣ୍ଣିଂୱାକ୍ କରୁଥିବା ବେଳେ ଭୁବନେଶ୍ୱର ପଟୁ ପୁରୀ ଅଭିମୁଖେ ଦ୍ରୁତଗତିରେ ଯାଉଥିବା କଳା ରଙ୍ଗର ଏକ କାର୍ ଭାରସାମ୍ୟ ହରାଇ ଦୁହିଁଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଦୁହିଁଙ୍କର ମୃତ୍ୟୁ ଘଟିଥିବା ବେଳେ କାର୍‌ଟି ରାସ୍ତାକଡ଼କୁ ଛିଟିକି ପଡ଼ିଥିଲା। ଫଳରେ କାର୍ ଭିତରେ ଥିବା ଦୁଇଜଣଙ୍କ ମଧ୍ୟରୁ ଚାଳକ ରୋନକ୍‌ଙ୍କ ମଧ୍ୟ ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ। ପିପିଲି ପୁଲିସ ଓ କୌଶଲ୍ୟାଗଙ୍ଗ ଫାଣ୍ଡି ପୁଲିସ ପହଞ୍ଚି ଘଟଣାର ଅଧିକ ତଦନ୍ତ କରୁଛି। ଦୁର୍ଘଟଣାଗ୍ରସ୍ତ କାର୍‌କୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ଦୁଇଟି ଆମ୍ବୁଲାନ୍ସ ପହଞ୍ଚି ସମସ୍ତଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ନେଇଥିବା ବେଳେ ଘଟଣାସ୍ଥଳରେ ଲୋକମାନଙ୍କର ଭିଡ଼ ଦେଖିବାକୁ ମିଳିଥିଲା। ମୃତ ବବିଲତାଙ୍କ ପୁତୁରା ସତ୍ୟବ୍ରତ ସାହୁଙ୍କ ଲିଖିତ ଅଭିଯୋଗକ୍ରମେ ପିପିଲି ପୁଲିସ ନମ୍ବର ୧୭୬/୨୬ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି।


**Notice (for Minor)**

By virtue of an affidavit sworn before the Notary Public, Dharamgarh, Dist-Kalahandi, dated 06/03/2026, I, Benudhar Meher, Vill/Po-Rahurahaldi, PS-Dharamgarh, Dist-Kalahandi, Odisha-766015, declare that I have changed the name of my daughter from Prunima Meher to Purnima Meher. Henceforth, she shall be known as **Purnima Meher** for all purposes.

(Benudhar Meher)

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar Affidavit No. 163, dated 16/03/2026, I **JHILIMA LIMMA,** D/o Late Edmohan Limma resident of Village At-Gaiba, Po- Gaiba, Ps- Gaiba, Dist-Gajapati, Odisha, Pin- 761208 declare that I have changed my name from **MUNI LIMMA** (Old Name) to **JHILIMA LIMMA** (New Name). Henceforth, I shall be known as **JHILIMA LIMMA,** D/o Late Edmohan Limma for all future purposes.

Sd- JHILIMA LIMMA

**AFFIDAVIT**

I, Debashis Nayak, S/o Late Khageswar Nayak, resident of Ward No. 09, Near Trinath Temple, Gurudwarapada, PO/PS–Hirakud, Dist–Sambalpur, Pin–768016, Odisha, declare by this Affidavit No. 1753, dated 13/03/2026 that from now onwards I shall be known as **Debasish Nayak** for all future purposes.

**AFFIDAVIT**

I, MD NAZIM KHAN, S/O NAIMUDDIN KHAN, RESIDENT OF JAYKAYPUR, MAJSID COMPLEX, NEAR MAJSID, PS - Chandili, DIST-RAYAGADA PIN-765017, ODISHA, DECLARE BY THIS AFFIDAVIT NO 2429 DATE - 16/03/2026 that now onwards I shall be known as **Md Nazim Khan S/o Naimuddin Khan** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 516, dated. 13.03.2026 I, KRUSHNA BHARDWAJ , D/o- Madusudan Nayak, Permanent Resident of - Maitri Bihar, Bhatisalguda, Nabarangpur, Po.- Nabarangpur , Ps.- Nabarangpur, Dist-Nabarangpur, Odisha,Pin - 764059, declare that I have changed my name from KRIUSHANA BHARADWAJ to KRUSHNA BHARDWAJ. Henceforth, I shall be known as **KRUSHNA BHARDWAJ** for all purposes.

Sd/- Krushna Bhardwaj

**AFFIDAVIT**

By virtue of an affidavit sworn before the Executive Magistrate Rasgovindpur on Dated 9th March 2026, I, Mrs. Bijuli Patra, Address At-Bankatisamil Jodapada, Po-Gobara, Ps-Rasgovindpur, Dist-Mayurbhanj, State-Odisha, Pin-757016, Odisha, have changed my name from "Bijuli Hati" to "Bujili Patra". Henceforth, I shall be known as **"Bijuli Patra"** for all purposes.

Bijuli Patra

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 515, dated. 13.03.2026 I, CHANDRABATI BHATRA , W/o- Bisham Bhatra, Permanent Resident of Village - Dangra, Po.- Dangra, Ps.- Kodinga, Dist-Nabarangpur, Odisha,Pin - 764075, declare that I have changed my name from CHANDRA BHATRA to CHANDRABATI BHATRA. Henceforth, I shall be known as **CHANDRABATI BHATRA** for all purposes.

Sd/- Chandrabati Bhatra

**AFFIDAVIT**

I, Santanu Kanhar, formerly known as Santunu Kanhar, S/o Arjuna Kanhar, resident of At-Dindiragaon, P.O.- Phiringia, P.S.- Phiringia, Dist- Kandhamal-762011, do hereby declare that I have changed my name from Santunu Kanhar to Santanu Kanhar by virtue of an Affidavit **No. 513** before the **Executive Magistrate, Phulbani, Dist-Kandhamal, Odisha** on 16.03.2026. Henceforth, I shall be known as **Santanu Kanhar** for all purposes.

Sd/-Santanu Kanhar

**AFFIDAVIT**

By virtue of an affidavit no.1470 before the Executive Magistrate, Dhenkanal, dtd 13.03.2026, I, Sayed Imtiaz Hussain, At-Gudainali, Po/Dist-Dhenkanal, Odisha - 759001 hereby declare that my name has been mentioned in Educational certificate & Passport as **Sayed Imtiaz Hossain** but it has been mentioned as Sayed Imtiaz Hussain in my Aadhaar & PAN Card. That both **Sayed Imtiaz Hossain** & **Sayed Imtiaz Hussain** is one & same person i.e. myself. Henceforth, I shall be known as **Sayed Imtiaz Hussain** for all purposes.

Sd/- Sayed Imtiaz Hussain

**AFFIDAVIT**

I, Hamira Khatun, W/o-Mirza Ahad Baig, resident of At- Kaupada, PO- Baghilobabanpur, PS- Dirabish, Dist-Kendrapara, PIN-754208, Odisha declare by this affidavit No. 9140, dated- 09.03.2026 that now onwards I shall be known as **HAMIRA KHATOON** for all future purposes.

**PUBLIC NOTICE**

**NOTICE: CHANGE OF OFFICE ADDRESS**

By virtue of reconstituted deed of partnership between **Bikram Parida** and **Rabindra Pradhan** on dtd- 02/02/2026 the office address of the partnership firm **M/S EMPOWER SECURITY & CONSULTANCY SERVICES** has changed to new address **At: B-45, BDA HIG Duplex Colony, Baramnunda, Bhubaneswar, Dist- Khordha, PIN- 751003, Odisha** from old address **At: Plot No-N6/300, IRC Village, Jayadev Vihar, Po-RRL, Bhubaneswar, Dist- Khordha, State- Odisha, PIN-751013.**

Sd/- Sri Bikram Parida
Sri Rabindra Pradhan (Partners)

**AFFIDAVIT**

By virtue of an affidavit before the **Executive Magistrate, Bhubaneswar, dtd. 19.02.2026,** I, Basanti Dash, W/o Late Ananda Chandra Dash, At-Dia, PO/PS-Nirakarpur, Dist- Khurda - 752019 declare that my correct name is Basanti Dash as per my Voter ID Card. But in my Aadhaar Card, my name has been wrongly mentioned as Sunita Dash. I hereby declare that **Basanti Dash and Sunita Dash** refer to one and the same person, i.e., myself.

Basanti Dash

କୃଷି ମହାବିଦ୍ୟାଳୟ, ଭବାନୀପାଟଣା (ଓୟୁଏଟି)

**COLLEGE OF AGRICULTURE, BHAWANIPATNA**

(Odisha University of Agriculture & Technology)
Arkabaahali Farm, Raipur Road, Bhawanipatna – 766001, Odisha
Email: deancab@ouat.ac.in

1001/60/2526

**CANCELLATION NOTICE**

The tender call notice No. 01/2025-26 for hiring of vehicle issued vide this office letter No. 2005/CAB, Dt. 28.11.2025 is hereby cancelled due to single bid.

OIPR-1001/1575/1/25-26/0001 — Sd/- Dean

TPCODL
TP CENTRAL ODISHA DISTRIBUTION LIMITED

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha 751007

**NOTICE INVITING TENDER: NIT No: TPCODL/2025-26/NIT/19**

Bids are invited from eligible bidders for the following tenders :

| Sl. No | Tender Enquiry No. | Tender Description |
|---|---|---|
| 1 | TPCODL/P&S/2025-26/1000008564 | Rate Contract for Meter Installation and Associated Services for 2 years at TPCODL |
| 2 | TPCODL/P&S/2025-26/1000008667 | Rate Contract for supply of 9 Mtr. & 10 Mtr. PSC Poles |
| 3 | TPCODL/CCG/2025-26/1000008698 | Rate Contract for Supply of Meter Seal at TP Odisha DISCOMs |
| 4 | TPCODL/CCG/2025-26/1000008709 | 2 Years Rate contract for Service Cables at TP Odisha DISCOMs |
| 5 | TPCODL/CCG/2025-26/1000008710 | 2 Years Rate Contract for SITC of FRTU |
| 6 | TPCODL/CCG/2025-26/1000008711 | 2 Years Rate Contacts for SITC of HT Jointing KIT |
| 7 | TPCODL/P&S/2025-26/1000008713 | 1 Year Rate contracts for Deployment of Technical support staff under ULA model across TPCODL |
| 8 | TPCODL/P&S/2025-26/1000008660 | Rate Contract for Hiring of Monthly Vehicles for a period of 3 years, at TPCODL |
| 9 | TPCODL/P&S/2025-26/1000008724 | Rate Contract for SITC of Air Conditioners across TPCODL for 1 year |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website https://www.tpcentralodisha.com. Future communication / corrigendum to tender documents, if any, shall be available on TPCODL website.

# ଅନ୍ତର୍ଜାତୀୟ ଗଣିତ ଦିବସ ପାଳିତ




କୋରାପୁଟ,୧୬।୩(ସମିସ): କୋରାପୁଟ ସରକାରୀ ମହାବିଦ୍ୟାଳୟ ସ୍ନାତକୋତ୍ତର ଗଣିତ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଗଣିତ ଦିବସ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ ସମାରୋହରେ ସଭାପତିତ୍ୱ କରି ଗଣିତ ଦିବସର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. ରଞ୍ଜନ କୁମାର ପ୍ରଧାନ ଦୈନନ୍ଦିନ ଜୀବନରେ ଗଣିତର ଭୂମିକା ବିଷୟରେ କହିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ସଭାପତି ଡ. ପ୍ରଶାନ୍ତ କୁମାର ପାତ୍ର ଗଣିତ କ୍ଷେତ୍ରରେ ନୂତନ ଗବେଷଣା ଓ ଉଦ୍ଭାବନ ନିମନ୍ତେ ଛାତ୍ରଛାତ୍ରୀଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏହି ସଭାରେ ଗଣିତ ବିଭାଗର ମୁଖ୍ୟ ଡ. ଶ୍ରୀଚନ୍ଦନ ମିଶ୍ର ସ୍ୱାଗତ ଅଭିଭାଷଣ ଓ ସଭାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ସଭା ପରିଚାଳନା କରିଥିଲେ। ସହକାରୀ ପ୍ରଫେସର ଡ.ନିକୁଞ୍ଜ ବିହାରୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସତ୍ୟନାରାୟଣ ସାହୁ, ଶୁଭମ କୁମାର ସାହୁ ଏବଂ ରଶ୍ମିରେଖା ସାହୁ ଉପସ୍ଥିତ ରହି ସଭା ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ ଗଣିତ ବୈଷୟିକ ପ୍ରତିଯୋଗିତାରେ ଭାଗନେଇଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡ. ସୁଶୀଳ କୁମାର ଗଡ଼ନାୟକ, ଡ. ଦୁର୍ଗା ପ୍ରସାଦ ପାଣିଗ୍ରାହୀ, ଡ. ରଞ୍ଜନ କୁମାର ବାରିକ, ଡ. ବ୍ରହ୍ମଚାରୀ ଖମାରୀ, ଡ. ଏଲ୍. ସତୀଶ ଆଚାରି, ଡ. ଡି.ଶର୍ମିଳା, କୋଭିଦ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ-ଅଧ୍ୟାପିକା ତଥା ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଚୁଆ ପାଣିରେ ବଞ୍ଚୁଛି ଜୀବନ

## ନଳକୂପ ନାହିଁ, କୁଲୁଞ୍ଜା ଗ୍ରାମବାସୀ ହନ୍ତସନ୍ତ

ମୁନିଗୁଡ଼ା/ଅମ୍ବାଦଳା,୧୬।୩(ସମିସ):

ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଡ଼ିମିରିଗୁଡା ପଞ୍ଚାୟତ କୁଲୁଞ୍ଜା ଗ୍ରାମରେ ଅତ୍ୟବଶ୍ୟକୀୟ ମୌଳିକ ସୁବିଧାର ଅଭାବ ସ୍ପଷ୍ଟ ଭାବେ ଦେଖାଯାଉଛି। ଗ୍ରାମରେ କେବଳ ୭ଟି ପରିବାର ବସବାସ କରୁଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଗ୍ରାମରେ ଗୋଟିଏ ମଧ୍ୟ ନଳକୂପ ସ୍ଥାପନ ହୋଇନାହିଁ। ଫଳରେ ଗ୍ରାମବାସୀମାନେ ବର୍ଷ ବର୍ଷ ଧରି ପାହାଡ଼ ତଳର ଚୁଆ ପାଣି ଉପରେ ନିର୍ଭର କରି ଜୀବନ କାଟୁଛନ୍ତି। ଗ୍ରାମବାସୀମାନେ ପିଇବା, ରନ୍ଧଣା ଓ ଦୈନିକ କାମକାଜ ପାଇଁ ସେହି ଚୁଆରୁ ପାଣି ଆଣିବାକୁ ବାଧ ହେଉଛନ୍ତି। ବର୍ଷା



ଋତୁରେ ଏହି ପାଣି ଗୋଳିଆ ଓ ଅସୁଚିତ ହୋଇଯାଉଥିବାରୁ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସୃଷ୍ଟି ହେବାର ଭୟ ମଧ୍ୟ ରହିଛି। ତଥାପି ବିକଳ୍ପ ବ୍ୟବସ୍ଥା ନଥିବାରୁ ଗ୍ରାମବାସୀମାନେ ସେହି ପାଣି ଉପରେ ନିର୍ଭର କରୁଛନ୍ତି। ଏହି ଗ୍ରାମର ଅଧିକାଂଶ ଲୋକଙ୍କ ଜୀବନ ଜୀବିକା ମଧ୍ୟ ବହୁତ କଷ୍ଟକର। ସେମାନେ ଜଙ୍ଗଲରୁ ବିଭିନ୍ନ ଜଙ୍ଗଲ ଜାତ ଦ୍ରବ୍ୟ ଓ ବାଉଁଶ ସଂଗ୍ରହ କରି କୁଲା ଓ ଡାଲା ବୁଣି ଜୀବନଯାପନ କରୁଛନ୍ତି। ପରେ ସେହି ସାମଗ୍ରୀଗୁଡ଼ିକୁ ହାଟବଜାରରେ ଅତ୍ୟନ୍ତ ଶସ୍ତା ଦାମରେ ବିକ୍ରି କରି ଦିନ ଚାଲାଉଛନ୍ତି। ଗ୍ରାମବାସୀ ମିଦୁଲି ମାଝୀ, ନିନ ମାଝୀ ଗାରୁଲି ମାଝୀ, ରାମ୍ବାଡୁ ମାଝୀଙ୍କ ଅଭିଯୋଗ ଅନୁସାରେ ଏପର୍ଯ୍ୟନ୍ତ ଅନେକ ଥର ସମସ୍ୟା ବିଷୟରେ ସ୍ଥାନୀୟ ପ୍ରଶାସନଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ତେଣୁ ଶୀଘ୍ର ଗ୍ରାମରେ ଗୋଟିଏ ନଳକୂପ ସ୍ଥାପନ କରି ପିଇବା ପାଣିର ସୁବିଧା ଯୋଗାଇବା ପାଇଁ ସେମାନେ ପ୍ରଶାସନଙ୍କୁ ଦାବି କରିଛନ୍ତି।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଗୁଡାରୀ, ୧୬।୩(ସମିସ): ସୋମବାର ଦିନ ଗୁଡାରୀ ବ୍ଲକ କାର୍ଯ୍ୟାଳୟ ସଦଭାବନା ଗୃହରେ ରାୟଗଡ଼ା ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୋଷ୍ଟନର ବାର୍ଲା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଭି ସରଜୋନୀ ଦେବୀ, ଗୁଣପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଯୋଗ ଦେଇ ସମସ୍ତ ଅଭିଯୋଗର ଶୁଣାଣୀ କରିଥିଲେ। ଆଜି ମୋଟ ୬୩ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ ସେଥିରୁ ୫୭ଟି ବ୍ୟକ୍ତିଗତ, ୬ଟି ସାମୂହିକ ଦରଖାସ୍ତ ପଞ୍ଜିକରଣ ହୋଇଥିଲା। ଜିଲ୍ଲାପାଳ ଆଜି ତିନି ଜଣଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ। ଜିଲ୍ଲାପାଳ ସମସ୍ତ ଦରଖାସ୍ତ ଗ୍ରହଣ ପରେ ସେ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରିବା ସହ ଗ୍ରହଣ କରିଥିବା ପଦକ୍ଷେପର ବିବରଣୀ ଜିଲ୍ଲା କାର୍ଯ୍ୟାଳୟକୁ ଜଣାଇବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।ଏହି ଅଭିଯୋଗ ଶିବିରରେ ଅବକାରୀ ନିରିକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତ, ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଗୁଡାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସୁଚିସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ତହସିଲଦାର ସୁଶ୍ରୀ ଏସ୍. ସ୍ନେହଲତା ଗୁଡରି ଥାନା ଅଧିକାରୀ ଶ୍ରୀମତି ବିଶ୍ୱବନ୍ଦିନୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

କୋରୁକୋଣ୍ଡା,୧୬।୩(ସମିସ):ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ପଞ୍ଚାୟତ ସମିତି ବୈଠକ ଗୃହଠାରେ ବ୍ଲକ ଶିଶୁ ବିକାଶ ଯୋଜନା ଅଧକ୍ଷ୍ୟା ରେଖାରାଣୀ ବାରିକଙ୍କ ଅଧ୍ୟକ୍ଷତାରେ ବ୍ଲକ୍‌ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ମହିଳା ମେମ୍ବର ପ୍ରତିଭା ଶତପଥି, ସୁଶ୍ରୀ ସଂଗୀତା ପାତ୍ର ଡିଏଲଏସଏ ମାଲକାନଗିରି, ଆଇନଜୀବି ଶୈଳବାଳା ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ କୋରୁକୋଣ୍ଡା ଅମୂଲ୍ୟ କୁମାର ସାହୁ, ଇନ୍ଦିରା ପ୍ରଧାନ ପ୍ରୋଗ୍ରାମ ଅଫିସର ଡିଏସଡ୍ଲୁଓ ମାଲକାନଗିରି,ରେବତୀ ପଟ୍ଟନାୟକ ଜିଲ୍ଲା ସେକ୍ରେଟେରୀ ମାଲକାନଗିରି,ମମତାମୟୀ ମହାନ୍ତି ମାଲକାନଗିରି ମହିଳା ମୋର୍ଚା ସେକ୍ରେଟେରୀ, ମଣିମୋହନ ସରକାର ଜିଲ୍ଲା କୋର୍ଡିନେଟର ମଞ୍ଚାସୀନ ରହିଥିଲେ।ଆଜିର ଏହି ସଚେତନତାର ମୁଖ୍ୟ ଉଦ୍ଦେଶ୍ୟ କିପରି ଭାବେ ଶିଶୁ ଓ ମହିଳା ମାନଙ୍କୁ ସୁରକ୍ଷା ଦିଆଯାଇପାରିବ ସେ ନେଇ ବୈଠକରେ ଉପସ୍ଥିତ ରହିଥିବା ବିଭିନ୍ନ ଗ୍ରୁପ ମା, ଅଙ୍ଗନବାଡି କର୍ମୀ, ସ୍ଥାନୀୟ ମହିଳା ଜନ ପ୍ରତିନିଧି, ଏନକେ ସମେତ ସ୍ଥାନୀୟ ବିଦ୍ୟାଳୟ ଗୁଡିକର ଛାତ୍ରୀମାନଙ୍କୁ ବୁଝାଇଥିଲେ। ନିଜକୁ କିପରି ଭାବେ ସୁରକ୍ଷା ଦେବେ ଏବଂ ଆବଶ୍ୟକ ସ୍ଥଳେ ଆଇନର ଆଶ୍ରୟ ନେବା ସହ ଦୋଷୀଙ୍କୁ ଆଇନ ମାଧ୍ୟମରେ ଦଣ୍ଡିତ କରିବାକୁ ସାହାଯ୍ୟ କରିବାକୁ ଅବଗତ କରାଇଥିଲେ।

# ମାଲକାନଗିରି ଜିଲ୍ଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା

ମାଲକାନଗିରି,୧୬।୩(ସମିସ): ମାଲକାନଗିରି ଜିଲ୍ଲା ସଦର ସ୍ଥିତି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧାୟଙ୍କ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାଶରଥି ସରାବୁଙ୍କ ଅଧ୍ୟକ୍ଷତାରେ ଏହି ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ମାଲକାନଗିରି ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ଏବଂ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଶ୍ରୀ ଉପାଧାୟ ମାଲକାନଗିରିରୁ ବଦଳି ହୋଇ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ନିର୍ଦ୍ଦେଶକ ଭାବେ ନୂତନ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ମାଲକାନଗିରିରେ ମାତ୍ର ୮ ମାସର କାର୍ଯ୍ୟକାଳ ମଧ୍ୟରେ ସେ ନିଜର କାର୍ଯ୍ୟଦକ୍ଷତା ଓ ଜନହିତକର କାର୍ଯ୍ୟ ପାଇଁ ଜିଲ୍ଲାବାସୀଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ବିଶେଷକରି ବଣ୍ଡା ଜନଜାତିଙ୍କ ବିକାଶ ଓ ପର୍ଯ୍ୟଟନ କ୍ଷେତ୍ରରେ ତାଙ୍କର ଦିଗଦର୍ଶନ ସ୍ମରଣୀୟ ହୋଇ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲାରେ ପ୍ରଥମ ଥର ପାଇଁ ପଞ୍ଚାୟତ ସ୍ତରରେ



ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ କରିବାରେ ମଧ୍ୟ ଶ୍ରୀ ଉପାଧାୟଙ୍କ ପ୍ରୟାସ ବେଶ୍ ପ୍ରଶଂସନୀୟ ହୋଇପାରିଥିଲା। ତାଙ୍କର ସ୍ୱଳ୍ପ ରହଣି ମଧ୍ୟରେ ଜିଲ୍ଲାକୁ ପ୍ରଗତି ପଥରେ ଆଗେଇ ନେବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ, ତହସିଲଦାର, ବିଡିଓ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଯୋଗଦେଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

● ଅଭିଯୋଗ ଶୁଣାଣି ଶିବିର

# ୩୯ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ



ତେନ୍ତୁଳିଖୁଣ୍ଟି,୧୬।୩(ସମିସ)"ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାସ୍ତରୀୟ ଏବଂ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଶିବିରରେ ମୋଟ ୩୯ ସମସ୍ୟା ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୩୩ ସମସ୍ୟା ବ୍ୟକ୍ତିଗତ ରହିଥିଲା। ୬ଟି ସଂଘୀୟ ଅଭିଯୋଗ ମଧ୍ୟ ହୋଇଥିଲା। ସେଥିମଧ୍ୟରୁ ୪ଟି ସମସ୍ୟାର ତ୍ୱରିତ ସାମଧାନ କରିଥିଲେ ଜିଲ୍ଲାପାଳ ଡ଼ ସ୍ୱାଇଁ। ଶିବିରରେ ୧୫ ଭିନ୍ନକ୍ଷମଙ୍କୁ ହୁଇଲ୍ ଚେୟାର, ଦୁଇ ଜଣଙ୍କ ଆଶାବାଡି ପ୍ରଦାନ କରାଯାଇଥିଲା। ଦୁଇଜଣ ଭିନ୍ନକ୍ଷମଙ୍କ ପାଇଁ କୃତ୍ରିମ ଗୋଡ଼ ସ୍ଥାପନ ପାଇଁ ବ୍ୟବସ୍ଥା ହୋଇଥିଲା।

# 'ପରବ' ମଞ୍ଚର କଳାକାରଙ୍କୁ ଅର୍ଥ ପ୍ରଦାନ କରିବାକୁ ଦାବି

କୋରାପୁଟ,୧୬।୩(ସମିସ): କୋରାପୁଟ ଜିଲ୍ଲାର ଆଦିବାସୀ ସାଂସ୍କୃତିକ ମହୋତ୍ସବ 'ପରବ' ମଞ୍ଚରେ କଳା ପ୍ରଦର୍ଶନ କରିଥିବା କଳାକାର ମାନଙ୍କୁ ଅର୍ଥ ପ୍ରଦାନ କରିବା ପାଇଁ ଦାବି କରାଯାଇଛି। ଗତବର୍ଷ ଡିସେମ୍ବର ମାସରେ ଆୟୋଜିତ 'ପରବ' ମହୋତ୍ସବରେ ଜିଲ୍ଲାର ବିଭିନ୍ନ ବ୍ଲକର କଳାକାର ମାନେ ସେମାନଙ୍କର କଳା ପ୍ରଦର୍ଶନ କରିଥିଲେ। କିନ୍ତୁ ସେମାନଙ୍କର ପାଉଣା ଆଜି ପର୍ଯ୍ୟନ୍ତ ମିଳି ନ ଥିବାରୁ ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ବାଦ୍ୟକାର ଏବଂ ଗାଡି ମାଲିକ ମାନେ ସେମାନଙ୍କର ପାଉଣା ପାଇ ନାହାନ୍ତି। ଏ ବିଷୟରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ପକ୍ଷରୁ



ସଠିକ ଉତ୍ତର ମିଳୁ ନାହିଁ। ଆଜି ସେମାନେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କର ପ୍ରାପ୍ୟ ଅର୍ଥ ନ ମିଳିଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ସମସ୍ତ ଉପ ସଭାପତି ଇସ୍ତଫା ଦେବେ ବୋଲି ଜୟପୁର ସଂଘର ଉପ ସଭାପତି ଆଦିତ୍ୟ କୁମାର ସାହୁ କହିଛନ୍ତି। କୋଟପାଡ଼ ବ୍ଲକ ଉପ ଉପ ସଭାପତି ଶ୍ୟାମଘନ ଗଣ୍ଡା, ପଟାଙ୍ଗୀ ବ୍ଲକ ଉପ ସଭାପତି ଆଞ୍ଜେଲ ବାଙ୍କା ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି। ଦଶମନ୍ତପୁର ଉପ ସଭାପତି କୁମର ଯାନୀ, ବୈପାରୀଗୁଡା ଉପ ସଭାପତି ଦୈତାରୀ ଦିଶାରୀ, କୁନ୍ଦ୍ରା ଉପ ସଭାପତି ଭୀମ ନାୟକ, ନନ୍ଦପୁର ଉପ ସଭାପତି ପ୍ରଫୁଲ୍ଲ ଖେମୁଣ୍ଡୁ ,ଲମତାପୁଟ ଉପ ସଭାପତି ମାନସ ରଞ୍ଜନ ମୁଦୁଲି ଏବଂ ସେମିଳିଗୁଡା ବ୍ଲକର ଧନୁର୍ଜୟ ରଣାଙ୍କ ଦସ୍ତଖତ ଥାଇ ଦାବିପତ୍ର ପ୍ରଦାନ କରାଯାଇଛି।

● ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

# ଲୋକଙ୍କ ସମସ୍ୟା ବୁଝିଲେ ଜିଲ୍ଲାପାଳ



ମାଲକାନଗିରି,୧୬।୩(ସମିସ): ମାଲକାନଗିରି ବ୍ଲକ ଅନ୍ତର୍ଗତ ପେଦାୱାଡ଼ା ପଞ୍ଚାୟତଠାରେ ଆଜି ଏକ ବିଶାଳ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍ ଏବଂ ବନଖଣ୍ଡ ଅଧିକାରୀ ସାଇ କିରଣଙ୍କ ସମେତ ଜିଲ୍ଲା ପ୍ରଶାସନର ସମସ୍ତ ବିଭାଗୀୟ ମୁଖ୍ୟ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ପଚାରି ବୁଝିଥିଲେ। ଶିବିରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ଜମିଜମା ବିବାଦ, ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ଭଳି ବିଭିନ୍ନ ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ନେଇ ଅଭିଯୋଗ କରିଥିଲେ। ମୋଟ ୮୯ ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିବା ବେଳେ ତନ୍ମଧ୍ୟରୁ ୩ ଟି ବ୍ୟକ୍ତିଗତ ସମସ୍ୟା ରହିଥିବା ବେଳେ ୮୬ ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ଶିବିରରେ ଅନେକ ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟାନ୍ୟ ଗୁରୁତର ସମସ୍ୟାଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ସିଧାସଳଖ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ଏହି ଶିବିରର ମୂଳ ଲକ୍ଷ୍ୟ ଥିଲା। ପ୍ରଶାସନକୁ ପାଖରେ ପାଇ ଅଞ୍ଚଳବାସୀ ବେଶ ଉତ୍ସାହିତ ଥିବା ଦେଖାଯାଇଛି।

# ମାଲକାନଗିରିର ପୁଅ ଓଡ଼ିଶା ବଡିବିଲ୍ଡିଂ ଚାମ୍ପିଅନ୍



ମାଲକାନଗିରି,୧୬।୩(ସମିସ): ରାୟଗଡ଼ା ଜିଲ୍ଲାର ଟିକିରି ଠାରେ ଆୟୋଜିତ ମିଷ୍ଟର ଏଣ୍ଡ ମିସେସ୍ ଓଡ଼ିଶା ବଡିବିଲ୍ଡିଂ ଚମ୍ପିଆନ୍ ପ୍ରତିଯୋଗିତାରେ ମାଲକାନଗିରି ଜିଲ୍ଲାର ଯୁବକ ଶିତିଜ ପ୍ରେମ କୁମାର ଅଲି ଚମତ୍କାର ସଫଳତା ଅର୍ଜନ କରିଛନ୍ତି। ମେନ୍ସ ଫିଜିକ୍ ଜୁନିୟର ବର୍ଗରେ ସେ ସ୍ୱର୍ଣ୍ଣ ପଦକ ଜିତିବା ସହ ଏହି ବର୍ଗରେ ଓଭରଅଲ୍ ଚମ୍ପିୟାନ ଭାବେ ବିଜୟୀ ହୋଇଛନ୍ତି। ମାଲକାନଗିରି ଜିଲ୍ଲାର ଏହି ପ୍ରତିଭାଶାଳୀ ଯୁବକଙ୍କ ସଫଳତା ପଛରେ ତାଙ୍କର ଦୀର୍ଘଦିନର ପ୍ରୟାସ, ଶ୍ରମ ଓ ନିୟମିତ ଅଭ୍ୟାସ ମୁଖ୍ୟ ଭୂମିକା ନେଇଛି। ତାଙ୍କୁ କୋଚ୍ ଶ୍ରୀକାନ୍ତ ବେହେରା ପ୍ରଶିକ୍ଷଣ ଦେଇଥିବା ବେଳେ ଏହି ସଫଳତା ଜିଲ୍ଲାର କ୍ରୀଡ଼ାକ୍ଷେତ୍ର ପାଇଁ ଗର୍ବର ବିଷୟ ହୋଇଛି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ଶିତିଜ ପ୍ରେମ କୁମାର ଅଲିଙ୍କୁ ଜିଲ୍ଲାର କ୍ରୀଡ଼ାପ୍ରେମୀ ଓ ସ୍ଥାନୀୟ ବାସିନ୍ଦା ଅଭିନନ୍ଦନ ଜଣାଇଛନ୍ତି। ତାଙ୍କୁ ଆଗକୁ ବଢିବାରେ ସିଦ୍ଧାର୍ଥ ବେହେରା ବେଶ୍ ପ୍ରୋତ୍ସାହନ ଯୋଗାଉଥିବା ସହ ଉତ୍ସାହିତ କରିଥିବା ବେଳେ ଆଗକୁ ସେ ଜିଲ୍ଲା ପାଇଁ ଆହୁରି ଅନେକ ଗର୍ବ ଆଣିବେ ବୋଲି ପ୍ରକାଶ କରିଛନ୍ତି।

# ଅଭିପ୍ସାଙ୍କୁ ସମ୍ବର୍ଦ୍ଧନା, ଆର୍ଥିକ ରାଶି ପ୍ରଦାନ




ସୁନାବେଡ଼ା,୧୬।୩(ସମିସ): ସୁନାବେଡ଼ା ହାଲ ସହରାଞ୍ଚଳ ସ୍ଥିତ ହିନ୍ଦୁସ୍ତାନ ଏରୋନଟିକ୍ସ ସ୍ପୋର୍ଟସ କ୍ଲବ ତରଫରୁ ଡିଏଭି ଭିଏସ ବିଦ୍ୟାଳୟର ଛାତ୍ରୀ ସ୍ପିଡ୍ ସ୍କେଟିଂରେ ଜାତୀୟ ସ୍ୱର୍ଣ୍ଣ ପଦକ ବିଜୟିନୀ କୁମାରୀ ଅଭିପ୍ସା ପ୍ରିୟଦର୍ଶିନୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସ୍ପୋର୍ଟସ କ୍ଲବ୍‌ର ସଭାପତି ଏନ.ରବି କୁମାର, କୋଷାଧକ୍ଷ ସନ୍ତୋଷ ସାହୁ, ଉପ-ସଭାପତି ବିଶେଶ୍ୱର ସେନାପତି, ସମ୍ପାଦକ ପବିତ୍ର ଲେଙ୍କା, ସହ ସମ୍ପାଦକ ଏଲଜେଏସ ଲାକ୍ରା ପ୍ରମୁଖ ଉପସ୍ଥିତ ରହି ଅଭିପ୍ସାଙ୍କୁ ସମ୍ମାନିତ କରିବା ସହ ଆର୍ଥିକ ରାଶିର ସହଯୋଗ କରିଛନ୍ତି। ପଟାଙ୍ଗୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକଙ୍କ ସମେତ ଏହି ଦପ୍ତରର କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ, ସୁନାବେଡା ଏସ୍‌ଡିପିଓ ସୁମିତ୍ରା ଜେନା ମଧ୍ୟ ଅଭିପ୍ସାଙ୍କୁ ପ୍ରଶଂସା କରିବା ସହ ଆର୍ଥିକ ସହଯୋଗ କରିଛନ୍ତି। ଏହା ପୂର୍ବରୁ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ଓ ସେମିଳିଗୁଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଜସ୍ମିନ କୁମାର ପ୍ରଧାନଙ୍କ ସମେତ କର୍ମଚାରୀମାନେ ନିଜ ଦରମାରୁ ୫୦ ହଜାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଆସନ୍ତା ମଇ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ଇଣ୍ଡୋନେସିଆର ଜାକର୍ତ୍ତା ଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତୀୟ ସ୍ପିଡ୍ ସ୍କେଟିଂ ପ୍ରତିଯୋଗିତାରେ ସଫଳତା ଅର୍ଜନ ପାଇଁ କୁମାରୀ ଅଭିପ୍ସାଙ୍କୁ ଜିଲ୍ଲାପାଳ ଶୁଭେଚ୍ଛା ଜଣାଇଥିଲେ। ପ୍ରକାଶ ଥାଉକି, କୁମାରୀ ଅଭିପ୍ସା ଏହି ପ୍ରତିଯୋଗିତାରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଅବସରରେ କୋରାପୁଟ ଜିଲ୍ଲାପାଳଙ୍କ ପ୍ରଶଂସିତ ପଦକ୍ଷେପ ଅବିଭକ୍ତ କୋରାପୁଟର ସମସ୍ତ ପଦାଧିକାରୀ ଓ ବୁଦ୍ଧିଜୀବୀମାନଙ୍କୁ ପ୍ରେରଣା ଯୋଗାଇଛି। ତେଣୁ ସେମାନେ ମଧ୍ୟ ସାହାଯ୍ୟର ହାତ ବଢ଼ାଇଛନ୍ତି। ସରକାରଙ୍କ ତରଫରୁ ଆର୍ଥିକ ସହଯୋଗ ମିଳିଲେ ଅଭିପ୍ସା ଆହୁରି ଆଗକୁ ଯାଇ ଭାରତ ପାଇଁ ଗୌରବ ଆଣିବ ବୋଲି ସେମାନେ ମତ ରଖିଛନ୍ତି।

# ସମସ୍ୟା ଘେରରେ ପରଜା ବଡ଼ପଡ଼ା ଉଚ୍ଚ ବିଦ୍ୟାଳୟ



ନନ୍ଦପୁର, ୧୬।୩ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅଞ୍ଚଳର ପରଜା ବଡ଼ପଡ଼ା ଉଚ୍ଚ ବିଦ୍ୟାଳୟ ବର୍ତ୍ତମାନ ବିଭିନ୍ନ ସମସ୍ୟା ଘେରରେ ରହିଛି। ବିଦ୍ୟାଳୟଟିରେ ଶ୍ରେଣୀଗୃହ ଅଭାବ, ବିଦ୍ୟୁତ୍ ସଂଯୋଗ ସମସ୍ୟା ଓ ରୋଷେଇ ଘରର ଅଭାବ ଯୋଗୁଁ ଶିକ୍ଷାର୍ଥୀ ମାନେ ପାଠପଢ଼ାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ବିଦ୍ୟାଳୟରେ ମୋଟ ୨୦୫ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ସେମାନଙ୍କ ମଧ୍ୟରୁ ୭୯ ଜଣ ପୁଅ ଓ ୧୨୬ ଜଣ ଝିଅ ଅଛନ୍ତି। ବିଦ୍ୟାଳୟର ଛାତ୍ରାବାସରେ ବର୍ତ୍ତମାନ ୬୪ ଜଣ ଅନ୍ତେବାସୀ ରହୁଛନ୍ତି। ବିଦ୍ୟାଳୟରେ ବାଲ୍ ବାଟିକାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୫୦ ଜଣ ପିଲା ପଢୁଥିବା ବେଳେ ଉଚ୍ଚ ଶ୍ରେଣୀର ୫୫ ଛାତ୍ରଛାତ୍ରୀ ମିଶି ମୋଟ ଛାତ୍ରଛାତ୍ରୀ ସଂଖ୍ୟା ୨୦୫କୁ ପହଞ୍ଚିଛି। କିନ୍ତୁ ଏତେ ସଂଖ୍ୟକ ପିଲାଙ୍କ ପାଇଁ ଆବଶ୍ୟକୀୟ ଶ୍ରେଣୀଗୃହ ଅଭାବରୁ ଅନେକ ସମୟରେ ଗୋଟିଏ ଶ୍ରେଣୀଗୃହରେ ଦୁଇଟି ଶ୍ରେଣୀର ପିଲାଙ୍କୁ ବସାଇ ପଢ଼ାଯାଉଥିବା ଦେଖାଯାଉଛି। ଶିକ୍ଷକ ଅଭାବ ମଧ୍ୟ ଏହି ବିଦ୍ୟାଳୟର ଆଉ ଗୋଟିଏ ଗଭୀର ସମସ୍ୟା। ଉଚ୍ଚ ବିଦ୍ୟାଳୟ ପାଇଁ ଆବଶ୍ୟକୀୟ ୭ ଶିକ୍ଷକ ବଦଳରେ କେବଳ ୨ ଜଣ ଶିକ୍ଷକ ରହିଥିବା ବେଳେ ପ୍ରାଥମିକ ଶ୍ରେଣୀ ପାଇଁ ୬ ଶିକ୍ଷକ ବଦଳରେ କେବଳ ୪ ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ଏତେ କମ୍ ଶିକ୍ଷକ ଦ୍ୱାରା ସଠିକ୍ ଭାବେ ପଢ଼ାଇବା କଷ୍ଟସାଧ୍ୟ ହେଉଛି। ଏହା ସହ ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ସଠିକ୍ ଭାବେ ନଥିବାରୁ କମ୍ପ୍ୟୁଟର ଶିକ୍ଷା ପ୍ରାୟ ଅଚଳ ଅବସ୍ଥାକୁ ପହଞ୍ଚିଛି। ବିଦ୍ୟାଳୟକୁ ଯୋଗାଇ ଦିଆଯାଇଥିବା କମ୍ପ୍ୟୁଟରଗୁଡ଼ିକ ବ୍ୟବହାର ହେବାର ସୁଯୋଗ ନ ପାଇ ଧୂଳି ଖାଇ ପଡ଼ିରହିଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଲା ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ କାମ ପ୍ରାୟ ଦୁଇ ବର୍ଷ ହେବ

➤ ଶ୍ରେଣୀଗୃହ ଓ ବିଦ୍ୟୁତ୍ ସମସ୍ୟା

➤ ଖତ ଖାଉଛି କମ୍ପ୍ୟୁଟର

ଆରମ୍ଭ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମାପ୍ତ ହୋଇନାହିଁ। ଫଳରେ ପିଲାମାନେ ଆଜି ପର୍ଯ୍ୟନ୍ତ ଅସୁବିଧାରେ ପଢ଼ାଶୁଣା କରିବାକୁ ବାଧ ହେଉଛନ୍ତି। ବିଦ୍ୟାଳୟଟି ଏକ ଦାନ ସୂତ୍ରରେ ପାଇଥିବା ଜମି ଉପରେ ଅବସ୍ଥିତ ଅଛି। ବିଦ୍ୟାଳୟ କୁ ନିଜସ୍? ଜମିପଟ୍ଟା ମଧ୍ୟ ଆଜି ସୁଦ୍ଧା ଦିଆ ଯାଇପାରି ନାହିଁ। ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀମାନେ ଶିକ୍ଷା ବିଭାଗ ଏବଂ ପ୍ରଶାସନଙ୍କୁ ଏହି ସମସ୍ୟା ପ୍ରତି ଶୀଘ୍ର ଦୃଷ୍ଟି ଦେଇ ଶ୍ରେଣୀଗୃହ ନିର୍ମାଣ କାମ ସମାପ୍ତ କରିବା ସହ ବିଦ୍ୟାଳୟରେ ଆବଶ୍ୟକୀୟ ବିଦ୍ୟୁତ୍, ପାଣି ଓ ଶିକ୍ଷକ ଓ ଜମି ପଟ୍ଟା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି। ଏକ ସୁସ୍ଥ ଶୈକ୍ଷିକ ସଂସ୍ଥାରେ ମୂଳ ଭିତ୍ତିଭୂମି ଯଥା ଜଳ, ବିଦ୍ୟୁତ୍, ଆବଶ୍ୟକୀୟ ଶ୍ରେଣୀଗୃହ, ଶିକ୍ଷକ ଆଦି ଯଥୋଚିତ ନରହିଲେ ପିଲାଙ୍କ ଭବିଷ୍ୟତ ଅନ୍ଧାର ଦିଗକୁ ଗତି କରେ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ସେପଟେ ସବୁ ଦେଖା ଯାଉଥିଲେ ସୁଦ୍ଧା ପ୍ରଶାସନଙ୍କ ଦୃଷ୍ଟି ପଡିନଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ସେପଟେ ପରଜା ବଡ଼ପଡ଼ା ଗ୍ରାମପଞ୍ଚାୟତ ଲୋକ ପ୍ରତିନିଧି କହିଛନ୍ତି ବିଦ୍ୟାଳୟ ସମସ୍ୟା ନେଇ ବହୁ ବାର ପ୍ରଶାସନଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ।

● ସୁଙ୍କି ନିକଟରେ ଟ୍ରଲର ଦୁର୍ଘଟଣା

## ଆନ୍ତଃରାଜ୍ୟ ଗାଡ଼ି ଚଳାଚଳ ଠପ୍



ପଟାଙ୍ଗି,୧୬।୩(ସମିସ): ଓଡ଼ିଶା ସୀମାନ୍ତ ସୁଙ୍କି ଗ୍ରାମ ନିକଟ ୨୬ ନଂ ଜାତୀୟ ରାଜପଥର ଏକ ଘାଟି ରେ ଓଲଟିଲା ଟ୍ରଲର। ଫଳରେ ଉଭୟ ଆନ୍ଧ୍ର ଏବଂ ଓଡ଼ିଶାକୁ ଯାଉଥିବା ଭାରିଯାନ ଯାତାୟାତ ବନ୍ଦ ରହିଛି। ସୂଚନା ଅନୁଯାୟୀ ଆଜି ଛତିଶଗଡ ରାଜ୍ୟରୁ ଓଡ଼ିଶା ଦେଇ ଆନ୍ଧ୍ର ପ୍ରଦେଶକୁ ଏକ ଟ୍ରଲର ଯାଉଥିଲା। ଟ୍ରଲରଟି ସୁଙ୍କି ଗ୍ରାମ ପୂର୍ବରୁ ଥିବା ଘାଟିଟିକୁ ଓହ୍ଲାଉ ଥିବା ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଗସ୍ତ ହୋଇଥିଲା। ଟ୍ରଲରଟି ଦୁର୍ଘଟଣା ଗସ୍ତ ହୋଇ ରାସ୍ତା ଅବରୋଧ ହୋଇ ରହିଥିଲା। ଫଳରେ ଉଭୟ ଆନ୍ଧ୍ର ଏବଂ ଓଡ଼ିଶାକୁ ଯାଉଥିବା ଭାରିଯାନ ଯାତାୟାତ ବନ୍ଦ ରହିଅଛି। ଘଟଣା ସ୍ଥଳରେ ସୁଙ୍କି ଥାନା ଅଧିକାରୀ ଚତୁର୍ଭୁଜ ନାୟକ ନିଜ ପୋଲିସ କର୍ମଚାରୀଙ୍କ ସହ ପହଞ୍ଚିଥିଲେ। ଦୁର୍ଘଟଣା ଗସ୍ତ ଗାଡ଼ିକୁ ପୁଲିସ କ୍ରେନ୍ ସହାୟତାରେ ହଟାଇବା ନିମନ୍ତେ ପ୍ରୟାସ ଆରମ୍ଭ କରିଥିଲା। ଟ୍ରଲରଟି ଅପରାହ୍ନ ୩ଟା ସମୟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ବେଳେ ପ୍ରାୟ ରାତ୍ର ୮.୩୦ ସମୟରେ ଟ୍ରଲରଟିକୁ ରାସ୍ତାରୁ ହଟାଇଥିବା ନେଇ ପୋଲିସ ସୂଚନା ଦେଇଛି।ଦୀର୍ଘ ୫ ଘଣ୍ଟା ୩୦ ମିନିଟ ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିବା ନେଇ ଜଣାପଡିଛି।

## ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ କିଶୋରୀ ବାଳିକା ଶିବିର



ରାୟଗଡ଼ା,୧୬।୩ (ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ପେଣ୍ଟା ସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ କିଶୋରୀ ବାଳିକା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ଗୌଡଙ୍କ ଅଧ୍ୟକ୍ଷତାରେ ଶିବିରର କାର୍ଯ୍ୟକ୍ରମ ପରିଚାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତି ମୀନତି ଦେଓ ଯୋଗ ଦେଇଥିବା ବେଳେ ଲକ୍ଷ୍ମୀପତ ସିଂଘଣିଆ ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ଶ୍ରୀମତି ବିନିତା ସିହ୍ନା, ଶିକ୍ଷ୍ୟୋଗୀ ଅଞ୍ଜଳି ପଣ୍ଡା, ଡାକ୍ତର ସସ୍ମିତା ଆଚାର୍ଯ୍ୟ ଏବଂ ଜିଲ୍ଲା ସଂଯୋଜକ ସୁରେନ୍ଦ୍ର କୁମାର ସାଠୁଆ ଯୋଗଦାନ କରିବା ସହିତ ଅଂଶଗ୍ରହଣକାରୀ ବାର୍ତା ପ୍ରଦାନ କରିଥିଲେ। ଶ୍ରୀମତି ଦେଓ ପକ୍‌ସୋ ଆକ୍ଟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିବା ବେଳେ ଶ୍ରୀମତି ସିହ୍ନା ଚରିତ୍ର ଗଠନ ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରି ବିଭିନ୍ନ କାର୍ଯ୍ୟକ୍ରମ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରି ସୂଚାରୁ ରୂପେ ଶିବିରକୁ ସମାପନ କରିଥିଲେ।

## ଦାଦନ ଖଟି ଯାଇଛନ୍ତି ୱାର୍ଡ ସଭ୍ୟ



ବୈପାରୀଗୁଡ଼ା,୧୬।୩(ସମିସ): ପେଟ ପାଇଁ ଦି ମୁଠା ଦାନା ଯୋଗାଡ଼ କରିବା ପାଇଁ ଭିଟାମାଟି ଛାଡ଼ି ଅନ୍ୟ ରାଜ୍ୟକୁ ଦାଦନ ଖଟି ଯାଇଛନ୍ତି ୱାର୍ଡ ସଭ୍ୟ। ଏଭଳି ଅଭାବନୀୟ ଚିତ୍ର କୋଟପାଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ୍ ଅଧିନ ରାମଗିରି ପଞ୍ଚାୟତର ଦଶ ନମ୍ବର ୱାର୍ଡ ମାଲିଗୁଡା ଗାଁ ରୁ ଆସିଛି। ଏଠିକାର ନିର୍ବାଚିତ ୱାର୍ଡ ସଭ୍ୟ ମଦନ ବଡ଼ନାୟକ। ଗତ ଦୁଇ ମାସ ହେଲା ବିଜୟିୱାର୍ଡକ୍ଷ ରାଜ୍ୟକୁ ଦାଦନ ଖଟି ଯାଇଛନ୍ତି। ତେବେ ଲୋକଙ୍କ ସୁଖଦୁଃଖ ବୁଝିବା ପାଇଁ ନିର୍ବାଚିତ ହୋଇଥିବା ୱାର୍ଡ ସଭ୍ୟ ନିଜେ ଦାଦନ ଯିବା ଘଟଣା ଦୁଃଖର ବିଷୟ ବୋଲି କହିଛନ୍ତି ସ୍ଥାନୀୟ ସମିତି ସଭ୍ୟ ମୋହନଲାଲା ମାଛ। ସରକାରଙ୍କ କୋଟିକୋଟି ଟଙ୍କାର ଗରିବ କଲ୍ୟାଣ ଯୋଜନା ସତ୍ତ୍ୱେ ଆଜି ବି ଲୋକେ ପେଟ ପାଟଣା ପାଇଁ ରାଜ୍ୟ ବାହାରକୁ ଦାଦନ ଖଟି ଯାଉଛନ୍ତି। ତେବେ ଏହା ଏବେ ଆହୁରି ଗୁରୁତର ସମସ୍ୟା ଭାବେ ଉଭା ହୋଇଛି, ଯେତେବେଳେ ଦି ପଇସା ରୋଜଗାର ପାଇଁ ନିର୍ବାଚିତ ଲୋକ ପ୍ରତିନିଧି ଦାଦନ ଶ୍ରମିକ ସାଜିଛନ୍ତି

### ଅପହଞ୍ଚ ଅଞ୍ଚଳରେ ଦୁଇ ଯୁବ ଆଇଏଏସ୍ ଅଧିକାରୀ

# ପାହାଡ଼ ଚଢ଼ି ଲୋକଙ୍କ ସମସ୍ୟା ବୁଝିଲେ ଜିଲ୍ଲାପାଳ



ରାୟଗଡ଼ା/ ଗୁଡ଼ାରୀ,୧୬।୩ (ସମିସ): ରାୟଗଡ଼ା ଜିଲ୍ଲା ଗୁଡାରି ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ସରିବା ପରେ ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୂଳକର୍ଣ୍ଣି ଓ ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପ ଗୁଡାରି ବ୍ଲକ ମଧୁବନ ପଞ୍ଚାୟତର ପାହାଡ଼ ଶିଖର ଗ୍ରାମ କର୍ଲଗୁଡି, ରେଙ୍ଗାପଦର ଓ କେପିଟି ଆଦି ଗସ୍ତ କରିଥିଲେ। ଦୀର୍ଘ ୫ରୁ ୭କିମି ପାଦରେ ଚାଲି ପାହାଡ଼ ଚଢି ନାଳ ପାର ହୋଇ ସମସ୍ତ ଗ୍ରାମ ଗସ୍ତ କରି ଲୋକଙ୍କ ମୌଳିକ ସୁବିଧା ପଚାରି ବୁଝିଥିଲେ। ଆଧାର କାର୍ଡ ଓ ଖାଉଟି କାର୍ଡ ସମସ୍ୟା ବହୁ ପରିମାଣରେ ଥିବା ଯୋଗୁଁ ତୁରନ୍ତ ଏକ କ୍ୟାମ୍ପ କରି ଲୋକଙ୍କ ଆଧାର ଓ ଖାଉଟି କାର୍ଡ କରିବା ସହ ସେମାନଙ୍କୁ ଆଧାର ଓ ଖାଉଟି କାର୍ଡ ଯୋଗାଇ ଦେବାକୁ ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ସମୀକ୍ଷା କରି ତିନି ଗ୍ରାମକୁ ରାସ୍ତା କରିବା, ପାନୀୟ ଜଳ ଯୋଗାଣ, ବିଦ୍ୟୁତିକରଣ ସୁନିଶ୍ଚିତ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତିନି ଗ୍ରାମର ଲୋକଙ୍କୁ ଅନ୍ତର୍ଭୁକ୍ତ କରିବା ସହ କାର୍ଯ୍ୟାଦେଶ ପ୍ରଦାନ କରି ଘର ଶୀଘ୍ର ଶେଷ କରିବାକୁ ଲୋକଙ୍କୁ ସଚେତନ କରିବା ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଙ୍ଗନବାଡି କେନ୍ଦ୍ର, ବିଦ୍ୟାଳୟ କାର୍ଯ୍ୟ ତୁରନ୍ତ କରିବା ନିମନ୍ତେ ଶିଶୁ ବିକାଶ ଯୋଜନା ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଲୋକଙ୍କ ପାଖରେ ପହଞ୍ଚି ଲୋକଙ୍କ ମୌଳିକ ସୁବିଧା ପାଉଛନ୍ତି ନା ନାହିଁ ସେସବୁ ବିଷୟରେ ଜିଲ୍ଲାପାଳଙ୍କୁ ପଚାରି ବୁଝିଥିଲେ। ୩ ଗ୍ରାମର ଲୋକେ ହଠାତ୍ ଜିଲ୍ଲା ସ୍ତରୀୟ ଅଧିକାରୀ ସେମାନଙ୍କ ଗ୍ରାମରେ ପହଞ୍ଚି ସେମାନଙ୍କ ସହ ବିଭିନ୍ନ ଉନ୍ନୟନ ମୂଳକ ଆଲୋଚନା କରିବା ଦେଖି ଗ୍ରାମବାସୀ ଯେତିକି ଆଶ୍ଚର୍ଯ୍ୟ ହୋଇଥିଲେ, ସେତିକି ଆନନ୍ଦ ହୋଇଥିବା ଗ୍ରାମବାସୀ ପ୍ରକାଶ କରିଥିଲେ। ଜିଲ୍ଲା ପ୍ରଶାସନ ଆଗାମୀ ଦିନରେ ପ୍ରତି ଶେଷ ଗ୍ରାମ ବା ଅପହଞ୍ଚ ଗ୍ରାମକୁ ଗସ୍ତ କରି ଲୋକଙ୍କ ମୌଳିକ ସୁବିଧା ବୁଝିବା ସହ ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ କୂଳକର୍ଣ୍ଣି ପ୍ରକାଶ କରିଥିଲେ।

> ➤ ଆଧାର କାର୍ଡ ଓ ଖାଉଟି କାର୍ଡ ମୁଖ୍ୟ ସମସ୍ୟା
> ➤ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ

ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଗୁଣପୁର ଉପ ଜିଲ୍ଲାପାଳ ଶ୍ରୀ ଦୁଧାଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଡାରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଚିସ୍ମିତା ବେହେରା, ଗୁଡାରି ତହସିଲଦାର ଆଡାଲା ସ୍ନେହଲତା, ଗୁଡାରି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ମଧୁବନ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଗସ୍ତ କରିଥିଲେ।

## ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର




ଜୟପୁର, ୧୬।୩ (ସମିସ) : ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ପୁରୁଷ ଓ ମହିଳା ଶାଖା ଜାତୀୟ ସେବା ଯୋଜନା ଏବଂ ଶିକ୍ଷକ ଶିକ୍ଷା ବିଭାଗ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଥିଲା। ରକ୍ତଦାନ ଶିବିରକୁ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ବ୍ୟୁରୋ ମୁଖ୍ୟ ତଥା କାର୍ଯ୍ୟକ୍ରମ ସଂଯୋଜକ ଡ.ମନୋରଞ୍ଜନ ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ଶିବିରରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ପ୍ରମାଣ ପତ୍ର ବଣ୍ଟନ କରିଥିଲେ। କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ରକ୍ତ ସଂଗ୍ରହକାରୀ ଦଳଙ୍କ ତତ୍ତ୍ୱାବଧାନରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଦାନ ଶିବିର ପରିଚାଳନା ଓ ରକ୍ତ ସଂଗ୍ରହରେ ସୁଶୀଲ ଶବର,ବି ଗଙ୍ଗାଧର, ଅଜିତ୍ କୁମାର ଗୌଡ, ରବିନ୍ଦ୍ର କୁମାର ମିଶ୍ରଙ୍କ ସମେତ ସମାଜସେବୀ ପ୍ରମୋଦ ରାଉଳ, ନିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରଥମଥର ପାଇଁ ରକ୍ତଦାନ କରୁଥିବା ଯୁବ ସ୍ୱେଚ୍ଛାସେବୀ ମାନଙ୍କ ଉତ୍ସାହ ଶିକ୍ଷଣୀୟ ଓ ପ୍ରେରଣାଦାୟୀ ଥିଲା। କାର୍ଯ୍ୟକ୍ରମ ଅଧିକାରୀ ସୁକାନ୍ତି ସୋ ଓ ଲୋକେଶ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ଶିକ୍ଷକ ଶିକ୍ଷା ବିଭାଗର ମୁଖ୍ୟ ଡ. ପ୍ରଧାନ, ସହକାରୀ ପ୍ରଫେସର ଡ.ନରେନ୍ଦ୍ର କୁମାର ମହାରଣା, କସ୍ତୁରୀ ଆଚାର୍ଯ୍ୟ, ଅନିତା ପଟ୍ଟନାୟକ, ଅନୁପମା ମିଶ୍ର, ପରିଚିତା ମହାପାତ୍ର, ଅଧ୍ୟାପକ ଯପ୍ରତ୍ ପାଣ୍ଡେ, ଅଭୟ ପରିଡ଼ା, ଅନ୍ତର୍ଯ୍ୟାମୀ ମହଲା ଓ ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ବନ୍ଦ ଘରୁ ଶିକ୍ଷକଙ୍କ ମୃତଦେହ ଉଦ୍ଧାର

ପଦ୍ମପୁର,୧୬।୩ (ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ମୁଖ୍ୟ ବଜାର ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ଭଡ଼ାଘରୁ ଜଣେ ଶିକ୍ଷକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଶିକ୍ଷକ ଜଣକ ହେଲେ ପଦ୍ମପୁର ବିଜୟାନନ୍ଦ ହାଇସ୍କୁଲର ଭକେସ୍ ନାଲ୍ ଶିକ୍ଷକ ରଞ୍ଜିତ୍ କୁମାର ପ୍ରଧାନ (୨୮)। ତାଙ୍କ ଘର ବାଣପୁର ବୋଲି ଜଣାପଡିଛି। ଆଜି ଶିକ୍ଷକ ସ୍କୁଲ ଯାଇନଥିବାରୁ ହାଇସ୍କୁଲର ଶିକ୍ଷକ ମାନେ ତାଙ୍କ ଘରକୁ ଆସିବା ପରେ ଭିତର ପଟୁ କବାଟ ଦିଆଯାଇଥିବା ଦେଖିଥିଲେ। ବହୁତ ଡାକିବା ପରେ ମଧ କବାଟ ନ ଖୋଲିବାରୁ ଆଖପାଖ ଲୋକ ମାନେ ବହୁକଷ୍ଟରେ କବାଟ ଖୋଲି ଦେଖିବା ସମୟରେ ଶିକ୍ଷକ ମୃତ ଅବସ୍ଥାରେ ପଡ଼ିଥିବା ଦେଖି ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ପଦ୍ମପୁର ଡାକ୍ତର ବହୁ ଆଗରୁ ଶିକ୍ଷକଙ୍କ ମୃତ ହୋଇଥିବା କହିଥିଲେ। ପୁଲିସ ଶବକୁ ଜବତ କରିଛି। ପରିବାର ଲୋକେ ଆସିବା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି କହିଛନ୍ତି।

> ମତ୍ୟୁର କାରଣ ଅସ୍ପଷ୍ଟ

● ୫ବର୍ଷ ଗୋଟିଏ ସ୍କୁଲରେ କାର୍ଯ୍ୟ କରିଥିଲେ ବଦଳି ହେବ: ଜିଲ୍ଲାପାଳ

## ନୂତନ ବିଧାନସଭା ନିର୍ବାଚନମଣ୍ଡଳୀ ଗଠନ ନେଇ ପ୍ରସ୍ତୁତି ବୈଠକ



କୁନ୍ଦୁରା, ୧୬।୩(ସମିସ): କୁନ୍ଦୁରା ସ୍ଥାନୀୟ ଜଗନ୍ନାଥ କଲ୍ୟାଣ ମଣ୍ଡପ ଠାରେ ନୂତନ ବିଧାନ ସଭା ନିର୍ବାଚନମଣ୍ଡଳୀ ଗଠନ ଦାବୀକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହିଳା ବିକାଶ ସଂଗଠନ ଉପଦେଷ୍ଟା ଚନ୍ଦ୍ର ସଗରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୁନ୍ଦୁରା ବ୍ଲକକୁ ଏକ ବିଧାନସଭା ନିର୍ବାଚନମଣ୍ଡଳୀ ଗଠନକୁ ନେଇ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ବୁଦ୍ଧିଜୀବୀ ଓ ସମାଜସେବୀଙ୍କ ମତାମତ ଗ୍ରହଣ କରାଯାଇଥିଲା। କୁନ୍ଦୁରା ଓ କୋଟପାଡ଼ ବ୍ଲକକୁ ଛାଡ଼ିଦେଲେ ବୋରିଗୁମ୍ମା ଓ ବୈପାରୀଗୁଡ଼ା ବ୍ଲକର ଅଂଶିକ ପଞ୍ଚାୟତ କୋଟପାଡ ନିର୍ବାଚନ ମଣ୍ଡଳୀରେ ରହିଛି। ଏଣୁ ବୈପାରୀଗୁଡ଼ା ଓ କୁନ୍ଦୁରା ବ୍ଲକକୁ ନେଇ କୁନ୍ଦୁରାକୁ ଏକ ନୂତନ ନିର୍ବାଚନ ମଣ୍ଡଳୀ ଗଠନ ପାଇଁ ଦାବୀ କରିବା ଯୁକ୍ତିଯୁକ୍ତ ପ୍ରସଙ୍ଗ ଅଟେ। କୁନ୍ଦୁରା ଓ ବୈପାରୀଗୁଡ଼ା ବ୍ଲକ ହେଉଛି ଆଦିବାସୀ ଅଧ୍ୟୁଷିତ, ଅନୁନ୍ନତ ଅଞ୍ଚଳ ଅଟେ। ଏଣୁ ଏହି ଅଞ୍ଚଳର ଉନ୍ନତି ଆବଶ୍ୟକ। ଏହି ପ୍ରସ୍ତୁତି ବୈଠକରେ ସଂଘ ଉପଦେଷ୍ଟା ରାଧାପ୍ରସାଦ ପାତ୍ର,ସଂସାଦ ପ୍ରତିନିଧି ଅମ୍ବୁ ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେନ୍ଦ୍ର ପରଜା, ବୁଦ୍ଧିଜୀବୀ ତଥା ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ବିଜୟ କୁମାର ଭଟ୍ଟ,ବୁଦ୍ଧିଜିବୀ ରାଧାନାଥ ଭଟ୍ଟ,କଂଗ୍ରେସ ବ୍ଲକ ସଭାପତି ଗୋକୁଳ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଦୈତାରୀ ମଲ୍ଲିକ,ବରିଷ୍ଠ ମହିଳା ନେତ୍ରୀ ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ,ପିସିସି ସଦସ୍ୟ ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ସରପଞ୍ଚ ଶିବ ପ୍ରଧାନୀ, ଲବ ପରଜା, ସହିଦ୍ ଲକ୍ଷଣ ନାୟକ ମୂଳ ଅଧିବାସୀ ସଂଘ ସଭାପତି ଭଜମନ ସାନ୍ତା, ସମ୍ପାଦକ ତ୍ରିନାଥ ସମରଥ, ସମାଜ ସେବୀ ଶିବ ବାନ୍ଧିଆ,ମହିଳା ବିକାଶ ସଂଗଠନର କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ



ରାମନାଗୁଡ଼ା,୧୬।୩(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ଥାନା ସଦର ମହକୁମା ଠାରୁ ଏକ କିଲୋମିଟର ଦୂର ୩୨୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଏକ ଗଛରେ ଆଜି ଜଣେ ଯୁବକ ବେକରେ ଦୌଡ଼ି ଦେଇ ଆତ୍ମହତ୍ୟା କରିବାକୁ ଯୋଜନା କରୁଥିବା ଦେଖି ସ୍ଥାନୀୟ ଲୋକ ମାନେ ତୁରନ୍ତ ଉକ୍ତ ଘଟଣା ସମ୍ପର୍କରେ ରାମନାଗୁଡ଼ା ପୋଲିସକୁ ଖବର ଦେଇଥିଲେ। ରାମନାଗୁଡ଼ା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆତ୍ମହତ୍ୟା ଉଦ୍ୟମ କରୁଥିବା ଯୁବକଙ୍କୁ ଉଦ୍ଧାର କରି ଥାନାକୁ ନେଇ ପଚରାଉଚରା କରିବା ସହ ଯୁବକଙ୍କ ବାଇକ୍ ସହିତ ଫାଶୀ ପାଇଁ ବ୍ୟବହୃତ ଦୌଡ଼ିକୁ ଜବତ କରି ଯୁବକଙ୍କୁ ଥାନାରେ ଅଟକ ରଖିଥିଲେ। ସୂଚନା ଅନୁଯାୟୀ ଯୁବକ ଜଣକ ହେଲେ ବିଷମକଟକ ଥାନା ଅନ୍ତର୍ଗତ ଡୁମୁରୁନେଲି ପଞ୍ଚାୟତ ଅଧୀନରେ ଥିବା ଦଣ୍ଡାପଡା ଗ୍ରାମର ରାଜେଶ କଲକା (୨୬)। ସେ ବିଷମକଟକ ଥାନା ଅଞ୍ଚଳର ଜନୈକ ଯୁବତୀଙ୍କୁ ଏକ ପାଖିଆ ପ୍ରେମ କରୁଥିବା ବେଳେ ଯୁବତୀ ଜଣଙ୍କ ଯୁବକଙ୍କ ପ୍ରେମ ନିବେଦନକୁ ସ୍ୱୀକାର ନ କରିବା ସହ କଥାରେ ରାଜି ନହେବାରୁ ବେକରେ ଦୌଡ଼ି ଦେଇ ଆତ୍ମହତ୍ୟା କରୁଥିବା ନେଇ ଯୁବକ ଜଣଙ୍କ କହିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଯୁବକଙ୍କ ଆବହତ୍ୟା ଉଦ୍ୟମ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଚାଲିଥିବା ବେଳେ ଗ୍ରାମବାସୀଙ୍କ ଉଦ୍ୟମ ଫଳରେ ଏକ ଅପମୃତ୍ୟୁ ଟଳି ଯାଇଥିବା କୁହାଯାଉଛି। ପୋଲିସ ପକ୍ଷରୁ ଯୁବକଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିବା ବେଳେ ପରିବାର ଲୋକଙ୍କ ଉପସ୍ଥିତିରେ ଯୁବକଙ୍କୁ ବୁଝାସୁଝା କରି ନିରାପଦ ଭାବେ ଘରକୁ ପଠାଇ ଦିଆଯାଇଥିବା ଜଣାପଡିଛି।

## ୟୁଜିସି ନୂଆ ନିୟମକୁ ବଳବତ୍ତର ରଖିବା ପାଇଁ ଦାବି



କୋରାପୁଟ,୧୬।୩(ସମିସ) ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା ୟୁଜିସ ଦ୍ୱାରା ଜାରି ନୂଆ ନିୟମକୁ ବଳବତ୍ତର ରଖିବା ନେଇ କୋରାପୁଟ ଜିଲ୍ଲାର ଏସସି, ଏସଟି, ଓବିସି ଆଦି ବିଭିନ୍ନ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି। ନୂଆ ନିୟମରେ ଭେଦଭାବକୁ ନେଇ ସାରା ଦେଶରେ ବିତର୍କ ଓ ବିବାଦ ଦେଖା ଦେଇଥିଲା। ଅନ୍ୟପଟେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦ୍ୱାରା ଲାଗୁ ହୋଇଥିବା ସ୍ଥଗିତାଦେଶ କୁ ହଟାଇବା ଓ ୟୁଜିସ ନିୟମାବଳୀ ୨୦୨୬ ର କାର୍ଯ୍ୟକାରିତା ପାଇଁ ତୁରନ୍ତ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ ବୋଲି ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି। ଅନୁରୂପ ଭାବେ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ରେ ବୈଷମ୍ୟ, ଅସମାନତା ଭଳି ସମସ୍ୟାର ସମାଧାନ ପାଇଁ ଦାବୀପତ୍ରରେ ଉଲ୍ଲେଖ କରାଯାଇଛି। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କୋରାପୁଟ ଜିଲ୍ଲାର ଏସସି, ଏସଟି, ଓବିସି ଓ ସଂଖ୍ୟାଲଘୁ ସଂପ୍ରଦାୟର ବ୍ୟକ୍ତିବିଶେଷ ମାନେ ନାରାବାଜି ଓ ସ୍ଲୋଗାନ ସହ ନିୟମକୁ ବଳବତ୍ତର ରଖିବା ପାଇଁ ଦାବୀ କରିଥିଲେ। ଦାବୀପତ୍ର ପ୍ରଦାନ ସମୟରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ସାଂସଦ ଝିନ୍ନ ହିକକା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ବିଜୟ ଖିଲ, ସୋମନାଥ ଖରା, ତ୍ରିଲୋଚନ ମୁଦୁଲି, ବୈକୁଣ୍ଠ ମଣ୍ଡଳଙ୍କ ସମେତ ଅନେକ ଯୁବ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେବାକୁ ଗୁହାରି କଲେ ୨୨ ଖଣ୍ଡ ଗ୍ରାମବାସୀ




ନାରାୟଣପାଟଣା,୧୬।୩(ସମିସ): ସପ୍ତାହ ତଳେ ଲଙ୍ଗଳବେଡ଼ା ପଞ୍ଚାୟତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜାମି ସତ୍ୟନାରାୟଣଙ୍କ ବିରୋଧରେ କିଛି ସ୍ଥାନୀୟ ଗ୍ରାମବାସୀ ସ୍କୁଲରେ ଦୁର୍ନୀତି, ସ୍କୁଲରେ ସରକାରୀ ଅର୍ଥକୁ ଅନିୟମିତତା କରିଥିବା ଅଭିଯୋଗ କରିଥିଲେ। ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପଞ୍ଚାୟତର ସରପଞ୍ଚ ଲାକମୀ ପିଡିକା, ପୂର୍ବତନ ସରପଞ୍ଚ ପାପେୟା ପୀଡ଼ିକାଙ୍କ ସମେତ ୨୨ ଗୋଟି ଗ୍ରାମର ଦୁଇ ଶହରୁ ଅଧିକ ଗ୍ରାମବାସୀ ଛାତ୍ରଛାତ୍ରୀଙ୍କ ଅବିଭାବକ ପ୍ରଧାନଶିକ୍ଷକଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ମିଥ୍ୟା ଭିତ୍ତିହୀନ, ପୂର୍ବଶତ୍ରୁତା ବୋଲି କହି ସପକ୍ଷରେ ଗୁହାରୀ କରିଥିଲେ। ଯେଉଁ ମାନେ ଅଭିଯୋଗ କରିଥିଲେ ସେମାନଙ୍କ ସହ ସ୍କୁଲ ସହ କୌଣସି ସମ୍ପର୍କ ନାହିଁ। ସ୍କୁଲ , ପଞ୍ଚାୟତକୁ ବଦନାମ୍ କରାଇବାକୁ କିଛି ଅସାମାଜିକ ବ୍ୟକ୍ତି ଏହା କରିଛନ୍ତି। ଆଜି ଲଙ୍ଗଲବେଡା ପଞ୍ଚାୟତର ସରପଞ୍ଚ ଲାକମୀ ପିଡିକା ନେତୃତ୍ୱରେ କାକଣପୁଟ, ଫୁଲବିଡି, ବେର୍ଲା, କାଡ୍ରାକାବାରିଙ୍ଗି, ନାଚିକାବାରିଙ୍ଗି, ରାଇବାଲସା,ସେକ୍ରମ, ଡକୋଲୁବାଡି, ଉପରୋ, ଓଲୁବାଡି, ପେଦାଇଟିକି, ତଳଲଛା, କେଲୁବାଡି, ଦିହୁଡା, ତଳକେସଲା, କାସପାବାଲସା, କୋଣ୍ଡାବୋରିଗି ପରି ୨୨ ଖଣ୍ଡ ଗ୍ରାମବାସୀ ଅବିଭାବକ ଜିଲ୍ଲାପାଳଙ୍କୁ ଭେଟି ଗୁହାରୀ କରିଛନ୍ତି। ୧୫ ବର୍ଷ ତଳେ ଏହି ଗାଁକୁ ଭଲ ରାସ୍ତା ନଥିଲା ,ମାଓବାଦୀଙ୍କ ଦବଦବା ଥିଲା। ସ୍କୁଲକୁ ଆଦିବାସୀ ପିଲା ଯାଉନଥିଲେ। କିନ୍ତୁ ଜାମି ସତ୍ୟନାରାୟଣ ଦାୟିତ୍ୱ ନେବା ପରେ ସ୍କୁଲ ଯାଇ ପାଠ ପଢୁଥିଲେ ।ଯେଉଁ ମାନେ ଅଭିଯୋଗ କରିଥିଲେ ଗତ ଦିନରେ ସେମାନଙ୍କ କୈଣସି ପିଲା ସ୍କୁଲରେ ପଢନ୍ତି ନାହିଁ। ତେଣୁ ସ୍କୁଲ ପଞ୍ଚାୟତକୁ ବଦନାମ କରିବାକୁ ଚେଷ୍ଟା କରାଯାଉଛି ବୋଲି ପାପେୟା ପିଡିକା ,ସିଦାରାମ୍ପୁ ଜାଙ୍ଗାମା, ନରେନ୍ଦ୍ର ପିଡିକା, ପାପାନା ନାଚିଖା, କୋଣ୍ଡତାମରା ନିଲାମଣି, ପ୍ରକାଶ ପିଡିକା, ଭୀମା କାଡ୍ରାକା, ସୁକା ନିମାକା, ପାଲାକା ପରି ଅବିଭାବକ ଜିଲ୍ଲାପାଳଙ୍କୁ ଗୁହାରୀ କରିଥିଲେ ।ଅନ୍ୟପଟେ ଜିଲ୍ଲାପାଳ ଗ୍ରାମବାସୀଙ୍କୁ ବୁଝାଇଥିଲେ। ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ କହିଥିଲେ। ଅନ୍ୟପଟେ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଜିଲ୍ଲାପାଳ କହିଥିଲେ ଯେ ଡିଏଲ୍ସି ବୈଠକ ଅନୁଷ୍ଠିତ ହେବ। ଯେଉଁ ସ୍ଥାନରେ ୫ ବର୍ଷ କାର୍ଯ୍ୟ କରିଥିବେ ସେମାନଙ୍କୁ ବଦଳି କରାଯିବ। ଏହା ପୁରା ଜିଲ୍ଲା, ୧୪ ବ୍ଲକରେ କାର୍ଯ୍ୟ ହେବ। ଶିକ୍ଷାକୁ ନେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ କୌଣସି ସାଲିସ କରାଯିବନି ବୋଲି କହିଥିଲେ। ଅନ୍ୟପଟେ କିଛି ହାତଗଣତି ଶିକ୍ଷକ ନାରାୟଣପାଟଣା ବ୍ଲକରେ ରହି ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଦେଇଛି। କିଛି ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ବ୍ଲକ ବାହାରକୁ ବଦଳି କରିବାକୁ ଅନୁରୋଧ କରିଥିଲେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ।

## ଟ୍ରମା କେୟାରରେ ନିଆଁର ତାଣ୍ଡବ

# ଧୂଆଁ, ଅନ୍ଧାରରେ ହଜିଗଲେ ଆପଣାର ମଣିଷ








ସାରା ରାଜ୍ୟ ଗଭୀର ନିଦରେ ଶୋଇଥିବା ବେଳେ ରାଜ୍ୟର ସର୍ବବୃହତ୍ ସରକାରୀ ଚିକିତ୍ସାଳୟ ଏସ୍‌ସିବିରୁ ଶୁଭୁଥିଲା ରୋଗୀ, ସଂପର୍କୀୟ ଓ କର୍ମଚାରୀଙ୍କ ଆର୍ତ୍ତଚିତ୍କାର ଶୁଭୁଥିଲା। ଟ୍ରମା କେୟାର୍‌ର ଆଇସିୟୁ ଏକ ଜଳନ୍ତା ଚିତା ପାଲଟି ଯାଇଥିଲା। ଗତକାଲି ବିଳମ୍ବିତ ରାତି ପ୍ରାୟ ସାଢ଼େ ୨ଟାରେ ଯେତେବେଳେ ଅସୁସ୍ଥ ରୋଗୀ ଓ ସମ୍ପର୍କୀୟମାନେ ଟିକିଏ ଆଖି ପତା ପକାଇଥିଲେ, ଠିକ୍ ସେତିକିବେଳେ ଅଗ୍ନିର କରାଳ ରୂପ ସବୁ କିଛି ଛାରଖାର କରିଦେଇଥିଲା। ହସ୍ପିଟାଲ ଶଯ୍ୟାରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ୧୦ଜଣ ଗୁରୁତର ରୋଗୀ ଜୀବନଯୁଦ୍ଧରେ ହାରି ଯାଇଥିଲେ। ନିଆଁର ଆଁରେ ଜୀବନ୍ତ ପୋଡ଼ି ଯାଇଥିଲେ। ହସ୍ପିଟାଲର ଧଳା କାନ୍ଥ ଧୂଆଁରେ କଳା ପଡ଼ି ଯାଇଥିବା ବେଳେ ସମ୍ପର୍କୀୟଙ୍କ କୋହଭାର କାନ୍ଦରେ ପୂରା ପରିସର ଫାଟି ପଡୁଛି। ଲୋକଙ୍କୁ ନୂଆ ଜୀବନ ଦେଉଥିବା ହସ୍ପିଟାଲ୍ ଭିତରେ କେମିତି ମୃତ୍ୟୁ ଏଭଳି ଅତର୍କିତ ଭାବେ ଆସି ପହଞ୍ଚିଗଲା, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବାଜିଲାନି ସାଇରନ...

ଏସ୍‌ସିବି ମେଡ଼ିକାଲର ଟ୍ରମା କାଜୁଆଲଟିର ଅଗ୍ନିକାଣ୍ଡ ଘଟିଥିବା ବେଳେ ସେଠାରେ ଥିବା ଅଗ୍ନିନିରାପତ୍ତା ବ୍ୟବସ୍ଥା କାର୍ଯ୍ୟ କରି ନଥିଲା। ଅଗ୍ନିକାଣ୍ଡ ହେବା ପରେ ସେଠାରେ କର୍ମଚାରୀଙ୍କ ପାଟି ଶୁଣି ରୋଗୀଙ୍କ ସମ୍ପର୍କୀୟ ଧାଇଁଥିଲେ। ଏନେଇ ମୃତ ରୋଗୀଙ୍କ ସମ୍ପର୍କୀୟ ସୁରେଶ ମୁଣ୍ଡା କହିଛନ୍ତି ଯେ, କେନ୍ଦୁଝର ଜିଲା ଝୁମ୍ପୁରାରୁ ବାପାଙ୍କୁ ନେଇ ୩ ଦିନ ହେବ ଏସ୍‌ସିବିକୁ ଆସିଥିଲେ। ଆଇସିୟୁରେ ଚିକିତ୍ସା ଚାଲିଥିଲା। ଏପରିକି କିଛିଦିନରେ ସେ ଡିସଚାର୍ଜ ହୋଇଥାନ୍ତେ। ହେଲେ ଏଭଳି ଦୟନୀୟ ମୃତ୍ୟୁ ଘଟିଛି। ରାତି ସମୟରେ ହଠାତ୍ ଜୋରରେ ପାଟି ଶୁଣିବାକୁ ସେ ପାଇଥିଲେ। ନିଆଁ ଦେଖି ସେ ଭୟଭୀତ ହୋଇ ପଡ଼ିଥିଲେ। ନିଆଁ ଜୋର୍‌ରେ ଜଳୁଥିଲା ଏବଂ ହଠାତ୍ ଚାରିଆଡ଼େ ଧୂଆଁମୟ ହୋଇଯାଇଥିଲା। ହେଲେ ଅଗ୍ନିନିରାପତ୍ତା ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇନଥିଲା। ସାଇରନ ବାଜି ନଥିଲା। କେବଳ କର୍ମଚାରୀ ପାଟି କରି ଲୋକଙ୍କୁ ଉଦ୍ଧାର କରୁଥିଲେ। ରୋଗୀଙ୍କ ଜୀବନକୁ ନେଇ ଖେଳିବା କୌଣସି ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ଅଧିକାର ନାହିଁ ବୋଲି ସେ କହିଛନ୍ତି।

### ■ କାମ କଲାନି ସ୍ପ୍ରିଙ୍କଲର୍

ଏସ୍‌ସିବି ହସ୍ପିଟାଲରେ ଲାଗିଥିବା ଅଗ୍ନି ନିର୍ବାପକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଛି। ସକାଳୁ ଯାଞ୍ଚ ସମୟରେ ଜଣାପଡ଼ିଛି ଯେ ଜରୁରୀକାଳୀନ ପରିସ୍ଥିତିରେ ନିଆଁ ଲିଭାଇବା ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥାର ହ୍ୟାଣ୍ଡେଲ୍ ଏବଂ ହ୍ୱିଲ୍ ଲକ୍‌ଗୁଡ଼ିକ ସମ୍ପୂର୍ଣ୍ଣ ଜାମ୍ ହୋଇରହିଥିଲା। ଠିକ୍ ସମୟରେ ରକ୍ଷଣାବେକ୍ଷଣ କରାଯାଇନଥିବାରୁ ଏହି ଯନ୍ତ୍ରାଂଶଗୁଡ଼ିକ ଅଚଳ ହୋଇଯାଇଥିଲା। ଫଳରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଥିବା ବେଳେ ଏହା କାର୍ଯ୍ୟ କରିନଥିଲା। ଉଦ୍‌ବେଗଜନକ ବିଷୟ ହେଉଛି, ହସ୍ପିଟାଲର ଅତି ଗୁରୁତ୍ୱପୂର୍ଣ୍ଣ ଆଇସିୟୁ ଭିତରେ ଥିବା ଅଗ୍ନି ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟ ଅକାମି ହୋଇପଡ଼ିଥିଲା। ସେଠାରେ ଫାୟାର୍ ଏକ୍ସଟିଙ୍ଗୁଇସର୍ ଏବଂ ସ୍ପ୍ରିଙ୍କଲର୍ ବ୍ୟବସ୍ଥା ଥିଲେ ମଧ୍ୟ ହ୍ୟାଣ୍ଡେଲ୍ ଲକ୍ ଜାମ୍ ଯୋଗୁଁ ସେଗୁଡ଼ିକ କାମ କରି ନଥିଲା। ନିୟମିତ ଯାଞ୍ଚ ଓ ରକ୍ଷଣାବେକ୍ଷଣ କରାଯାଇଥିଲେ ଏହି ଅବ୍ୟବସ୍ଥା ହୋଇନଥା'ନ୍ତା। ମାତ୍ର କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଯୋଗୁଁ କୋଟି କୋଟି ଟଙ୍କାର ଅଗ୍ନିଶମ ଉପକରଣ କୌଣସି କାମରେ ଲାଗି ନଥିଲା ବୋଲି ରୋଗୀ ସଂପର୍କୀୟମାନେ ଅଭିଯୋଗ କରିଛନ୍ତି।

### ■ ୪୫ ମିନିଟ୍‌ର ସଂଘର୍ଷ

ମେଡିକାଲର ଟ୍ରମା କାଜୁଆଲିଟି ଆଇସିୟୁରେ ଘଟିଥିବା ଅଗ୍ନିକାଣ୍ଡ ସମୟରେ ଉଦ୍ଧାର କାର୍ଯ୍ୟକୁ ନେଇ ଏକ ସାଂଘାତିକ ଚିତ୍ର ସାମ୍ନାକୁ ଆସିଛି। ନିଆଁ ଲାଗିବା ପରେ ଆଇସିୟୁ ଭିତରେ ଫସି ରହିଥିବା ଅସହାୟ ରୋଗୀମାନଙ୍କୁ ବାହାର କରିବା ପାଇଁ ଅଗ୍ନିଶମ କର୍ମଚାରୀଙ୍କୁ ୪୫ ମିନିଟରୁ ଊର୍ଦ୍ଧ୍ୱ ସମୟ ଲାଗିଯାଇଥିଲା। ପୂର୍ବରୁ ଗୁରୁତର ଥାଇ ଆଇସିୟୁରେ ଭର୍ତ୍ତି ହୋଇଥିବା ରୋଗୀମାନେ ଏହି ଦୀର୍ଘ ସମୟ ଧରି ବିଷାକ୍ତ ଧୂଆଁ ସଂସ୍ପର୍ଶରେ ଆସିବା ଯୋଗୁଁ ସେମାନଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ହୋଇପଡ଼ିଥିଲା। ଉଦ୍ଧାର କାର୍ଯ୍ୟ ଶେଷ ହେବା ବେଳକୁ ପ୍ରାୟ ୪୫ ମିନିଟରୁ ଅଧିକ ସମୟ ବିତିଯାଇଥିଲା।

### ■ ଉଦ୍ଧାର କାର୍ଯ୍ୟରେ 'ଧୂଆଁ' ବାଧକ

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନାନୁଯାୟୀ, ଆଇସିୟୁ ମଧ୍ୟରେ ନିଆଁ ଏତେ ଶୀଘ୍ର ବ୍ୟାପିଥିଲା ଯେ ଚାହୁଁଚାହୁଁ ସମ୍ପୂର୍ଣ୍ଣ କକ୍ଷ କଳାଧୂଆଁରେ ଭରି ଯାଇଥିଲା। ଅଗ୍ନିଶମବାହିନୀ ତତ୍କାଳ ଘଟଣାସ୍ଥଳରେ ପହଞ୍ଚି ପାଣି ପକାଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ହେଁ ଭୟଙ୍କର ଧୂଆଁ ଯୋଗୁଁ ଭିତରକୁ ପଶିବା ସମ୍ଭବପର ହୋଇନଥିଲା। ଆଧୁନିକ ଉପକରଣ ଅଭାବରୁ ପ୍ରାଥମିକସ୍ତରରେ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା।

### ■ ସ୍ମୋକ୍ ଇଭାକ୍ୟୁଏଟର୍ ସାଜିଲା ସାହା ଭରସା

ସାଧାରଣ ପଦ୍ଧତିରେ ଧୂଆଁ ନ କମିବାରୁ ଶେଷରେ ଅଗ୍ନିଶମ କର୍ମଚାରୀମାନେ ସ୍ମୋକ୍ ଇଭାକ୍ୟୁଏଟର୍ ମେସିନ୍‌ର ସହାୟତା ନେଇଥିଲେ। ଏହି ମେସିନ୍ ସାହାଯ୍ୟରେ ଆଇସିୟୁ ଭିତରେ ଜମି ରହିଥିବା ବିଷାକ୍ତ ଧୂଆଁକୁ ବାହାରକୁ ବାହାର କରାଯାଇଥିଲା। ପରେ କର୍ମଚାରୀମାନେ ଭିତରକୁ ପ୍ରବେଶ କରି ରୋଗୀମାନଙ୍କୁ ଉଦ୍ଧାର କରିଥିଲେ।

### ■ ଜୀବନ ରକ୍ଷା ପାଇଁ କର୍ମଚାରୀଙ୍କ ସଂଘର୍ଷ

ଆଇସିୟୁରେ ଡ୍ୟୁଟିରେ ଥିବା କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗାଇ ରୋଗୀଙ୍କ ପାଇଁ ଦେବଦୂତ ସାଜିଥିଲେ। ଭୟଙ୍କର ନିଆଁ ଏବଂ ଅଣନିଃଶ୍ୱାସୀ କରିଦେବା ଭଳି ଧୂଆଁକୁ ଖାତିର୍ ନକରି ସେମାନେ ରୋଗୀଙ୍କୁ ବଞ୍ଚାଇବା ପାଇଁ ଆଇସିୟୁ ଭିତରକୁ ଝାସ ଦେଇଥିଲେ। କିଛି କର୍ମଚାରୀଙ୍କ ହାତ ପୋଡ଼ି ଯାଉଥିଲେ ମଧ୍ୟ ସେମାନେ ରୋଗୀଙ୍କୁ ବାହାରକୁ ବୋହି ଆଣିଥିଲେ। ଜଣେଜଣେ କର୍ମଚାରୀ ନିଜେ ଗୁରୁତର ହୋଇ ମଧ୍ୟ ୪ରୁ ୬ଜଣ ରୋଗୀଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ।

### ■ ମାନବିକତାର ପରିଚୟ ଦେଲେ ସମ୍ପର୍କୀୟ

କେବଳ ମେଡିକାଲ କର୍ମଚାରୀ ନୁହଁନ୍ତି, ଉପସ୍ଥିତ ରୋଗୀଙ୍କ ସମ୍ପର୍କୀୟମାନେ ମଧ୍ୟ ମାନବିକତାର ବଡ଼ ଉଦାହରଣ ସୃଷ୍ଟି କରିଛନ୍ତି। ଆତ୍ମୀୟଙ୍କ ଜୀବନ ବଞ୍ଚାଇବା ସହ ସେମାନେ ଅନ୍ୟ ଅଚିହ୍ନା ରୋଗୀଙ୍କୁ କାନ୍ଧରେ ବୋହି ବାହାରକୁ ଆଣିଥିଲେ। ଏହି ଅଭାବନୀୟ ପରିସ୍ଥିତିରେ ଅନ୍ୟର ଜୀବନ ବଞ୍ଚାଇବା ପାଇଁ ସେମାନେ ଯେଉଁ ସାହସିକତା ଦେଖାଇଛନ୍ତି, ତାହାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

### ■ ପୁରୀ ସ୍ୱର୍ଗଦ୍ୱାର ଓ ମୃତକଙ୍କ ଗାଁକୁ ପଠାଗଲା ମୃତଦେହ

ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ସମସ୍ତ ୧୦ଜଣଙ୍କ ମୃତଦେହ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। କିଛି ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯାଇ ମହାପ୍ରୟାଣ ଗାଡ଼ି ଓ ଆମ୍ବୁଲାନ୍ସ ଯୋଗେ ସେମାନଙ୍କ ଗାଁକୁ ପଠାଇ ଦିଆଯାଇଥିବା ବେଳେ ଆଉ କିଛି ମୃତକଙ୍କ ପରିବାରଲୋକଙ୍କ ଇଚ୍ଛା ଅନୁସାରେ ପୁରୀ ସ୍ୱର୍ଗଦ୍ୱାରକୁ ଶବ ପଠାଯାଇଥିଲା। କଟକ ଜିଲ୍ଲା ପ୍ରଶାସନ ଓ ଏସ୍‌ସିବି ମେଡିକାଲ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇ ମୃତକଙ୍କ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରାଯିବା ପରେ ସେମାନଙ୍କୁ ହସ୍ତାନ୍ତର କରାଯାଇଛି। ମୃତଦେହ ହସ୍ତାନ୍ତର ସମୟରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ପରିବାରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ରେଡକ୍ରସ୍ ପାଣ୍ଠିରୁ ୨୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି।







## ୨୪ ଘଣ୍ଟା ପରେ ବି ଏତଲା ହୋଇନି

ଏସ୍‌ସିବି ଟ୍ରମା ଆଇସିୟୁରେ ହୋଇଥିବା ଅଗ୍ନିକାଣ୍ଡ ଘଟଣାରେ ମଙ୍ଗଳାବାଗ ଥାନା କିମ୍ବା ମେଡ଼ିକାଲ ପରିସରରେ ଥିବା ଫାଣ୍ଡିରେ କୌଣସି ଅଭିଯୋଗ ହୋଇନାହିଁ। ମେଡିକାଲ କର୍ତ୍ତୃପକ୍ଷ ଏଭଳି ଦୁଃଖଦ ଘଟଣା ଘଟିଥିବା ବେଳେ ଏଥିପାଇଁ କିଏ ଦାୟୀ ସେ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିନାହାନ୍ତି। ଏହି ଘଟଣାକୁ ୨୪ ଘଣ୍ଟା ବିତିଥିବା ବେଳେ କର୍ତ୍ତୃପକ୍ଷ ଏହାକୁ ହାଲୁକା ଭାବେ ଗ୍ରହଣ କରିଥିବା ସ୍ପଷ୍ଟ ହୋଇଛି। ସେହିଭଳି ମୃତ ଏବଂ ଗୁରୁତର ରୋଗୀଙ୍କ ପକ୍ଷରୁ ସେମାନଙ୍କ ସମ୍ପର୍କୀୟ ମଧ୍ୟ ଥାନାରେ ଏତଲା ଦେଇନାହାନ୍ତି।

## ୬ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

**ସନ୍ଧ୍ୟା ସୁଦ୍ଧା ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ପ୍ରଦାନ**

ଭୁବନେଶ୍ୱର, ୧୬।୩ (ସମିସ): କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଦୁର୍ଭାଗ୍ୟଜନକ ଅଗ୍ନିକାଣ୍ଡ ଏବଂ ଏଥିପାଇଁ ରୋଗୀମାନଙ୍କ ମୃତ୍ୟୁ ଘଟଣାରେ ଏକ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ ଗଠନ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଫ୍ୟାକ୍ଟ ଫାଇଣ୍ଡିଙ୍ଗ୍ ଟିମ୍ ଗଠନ କରିବା ସହ କେଉଁ କାରଣରୁ ଏଭଳି ଦୁର୍ଭାଗ୍ୟଜନକ ଅଗ୍ନିକାଣ୍ଡ ଘଟିଲା, ଏହି ଟିମ୍ ତାହାର ଅନୁସନ୍ଧାନ କରିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂହଙ୍କୁ ଏହି କମିଟିର ଅଧ୍ୟକ୍ଷ ନିଯୁକ୍ତି କରାଯାଇଛି। ଅଗ୍ନିଶମ ବିଭାଗର ଆଇଜି ଡଃ ଉମାଶଙ୍କର ଦାଶ, ଚିଫ୍ ଇଲେକ୍ଟ୍ରିକାଲ ଇନସ୍ପେକ୍ଟର ତଥା ଇଆଇସି ବରଦା ପ୍ରସନ୍ନ ଦାଶ, ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗର ଇଆଇସି ବିରଞ୍ଚି ନାରାୟଣ ପ୍ରଧାନ, ଚିଫ ଇଞ୍ଜିନିୟର ବିଲ୍ଡିଂ ପ୍ରିୟବ୍ରତ ସାମନ୍ତରାୟ ଏବଂ ମେଡିକାଲ ଏଜୁକେଶନ ଓ ଟ୍ରେନିଂ ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଏହାର ସଦସ୍ୟ ରହିଛନ୍ତି। ଏହି କମିଟି ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି ସନ୍ଧ୍ୟା ସୁଦ୍ଧା ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି।

## ୯ ଘଣ୍ଟା ପରେ ବି ମୃତ ପୁଅକୁ ପାଉନାହାନ୍ତି ପରିବାର

ଏସ୍‌ସିବି ଟ୍ରମା କାଜୁଆଲଟିର ଆଇସିୟୁରେ ଅଗ୍ନିକାଣ୍ଡ ଘଟିଥିଲା। ଏହି ଆଇସିୟୁରେ ବାଲେଶ୍ୱର ଅଞ୍ଚଳର ମୟୂର କୌଶିକ ଦାସଙ୍କର ଚିକିତ୍ସା କରାଯାଉଥିଲା। ହେଲେ ବିଳମ୍ବିତ ରାତିରେ ନିଆଁ ଲାଗିବା ପରଠୁ ତାଙ୍କ ବାପା କିଶୋର ବଲ୍ଲଭ ଦାସ କୌଶିକଙ୍କ ପତ୍ତା ପାଇ ନଥିଲେ। ୨୭ ବର୍ଷର ପୁଅକୁ ଏସ୍‌ସିବିର ସମସ୍ତ ବିଭାଗଠାରୁ ଆରମ୍ଭ କରି ଆଇସିୟୁରେ ପଚରାଉଚରା କରିଥିଲେ। ହେଲେ ନିରାଶ ହୋଇ ଶେଷରେ ଶବ ବ୍ୟବଚ୍ଛେଦ ଗୃହ ନିକଟରେ ଅପେକ୍ଷା କରି ରହିଥିଲେ। କିଶୋର ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ କିଛି ଘଣ୍ଟା ଯାଏ କୌଶିକଙ୍କ ସମ୍ପର୍କରେ ସଠିକ୍ ତଥ୍ୟ ପାଇ ପାରିନଥିଲେ। ଶେଷରେ ପ୍ରାୟ ୯ ଘଣ୍ଟା ପରେ ପୁଅର ମୃତ୍ୟୁ ହୋଇଥିବା ନେଇ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପକ୍ଷରୁ କିଶୋରଙ୍କୁ କୁହାଯାଇଥିଲା। ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ଏହି ଅଗ୍ନିକାଣ୍ଡ ଘଟଣାରେ ଏସ୍‌ସିବି କର୍ତ୍ତୃପକ୍ଷ ମୃତକଙ୍କ ସଂଖ୍ୟା ୧୦ ଥିବା ସ୍ପଷ୍ଟ କରିଥିବା ବେଳେ ସମସ୍ତ ମୃତକଙ୍କ ନାମ ଏକ ଚିଠା ଉଲ୍ଲେଖ ରହିଛି। ହେଲେ ଏଥିରେ କୌଶିକଙ୍କ ନାଁ ନଥିବା ଦେଖିବାକୁ ମିଳିଛି। ଏଭଳି ଭାବେ ମୃତକଙ୍କ ତାଲିକାରେ କୌଶିକଙ୍କ ନାଁ ନଥିବା ଘଟଣା କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି

## ରାଷ୍ଟ୍ରପତିଙ୍କ ପ୍ରାତଃଭୋଜନ ବର୍ଜନ କଲେ ବିଜେଡି ସାଂସଦ

ଭୁବନେଶ୍ୱର,୧୬।୩(ସମିସ): ରାଷ୍ଟ୍ରପତିଙ୍କ ଦ୍ୱାରା ଆଜି ଦିଲ୍ଲୀରେ ଅନୁଷ୍ଠିତ ପ୍ରାତଃଭୋଜନ ନିମନ୍ତ୍ରଣକୁ ବିନମ୍ରତାର ସହ ପ୍ରତ୍ୟାଖ୍ୟାନ କରିଛନ୍ତି ବିଜେଡିର ସମସ୍ତ ରାଜ୍ୟସଭା ସାଂସଦ । କଟକ ବଡ଼ଡ଼ାକ୍ତରଖାନା ଆଇସିୟୁରେ ନିଆଁ ଲାଗି ୧୦ ରୋଗୀଙ୍କ ଜୀବନ ହାନି ଘଟଣାକୁ ନେଇ ବିଜେଡିର ସାଂସଦମାନେ ଉଦ୍‌ବେଗ ପ୍ରକାଶ କରିବା ସହ ନୈତିକତା ଦୃଷ୍ଟିରୁ ରାଷ୍ଟ୍ରପତିଙ୍କ ଆତିଥ୍ୟ ନିମନ୍ତ୍ରଣକୁ ଅସ୍ୱୀକାର କରିଛନ୍ତି । ତେବେ ଏହି ପ୍ରାତଃଭୋଜନରେ ରାଜ୍ୟରୁ ନିର୍ବାଚିତ ବିଜେପିର ଅନେକ ସାଂସଦ ଯୋଗ ଦେଇଥିବା ସୂଚନା ମିଳିଛି ।

ବିଜେଡି ସାଂସଦ ଡ଼.ସସ୍ମିତ ପାତ୍ର କହିଛନ୍ତି ଯେ ଆଞ୍ଚଳିକ ବିକାଶ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ନିମନ୍ତେ ରାଷ୍ଟ୍ରପତି ବିଭିନ୍ନ ସମୟରେ ବିଭିନ୍ନ ରାଜ୍ୟର ସାଂସଦମାନଙ୍କୁ ପ୍ରାତଃଭୋଜନ ପାଇଁ ନିମନ୍ତ୍ରଣ କରିଥାଆନ୍ତି । ମାତ୍ର ରାଜ୍ୟରେ ଏତେବଡ଼ ଘଟଣା ଘଟିଥିବା ସମୟରେ ନୈତିକତା ଦୃଷ୍ଟିରୁ ଦଳ ମୃତ ରୋଗୀମାନଙ୍କ ପରିଜନଙ୍କ ସହ ଠିଆ ହେବାକୁ ଉଚିତ ମଣିଛି । ରାଷ୍ଟ୍ରପତିଙ୍କ ପ୍ରାତଃ ଭୋଜନରେ ଯୋଗଦାନ ଅପେକ୍ଷା ଶୋକସନ୍ତପ୍ତ ରୋଗୀମାନଙ୍କ ପରିବାର ସହ ଦୁଃଖ ବାଣ୍ଟିବା ଆମ ପାଇଁ ବେଶୀ ଗୁରୁତ୍ୱ ବହନ କରୁଛି ବୋଲି ଡ଼. ପାତ୍ର କହିଛନ୍ତି ।

ଅନୁରୂପଭାବରେସାଂସଦମାନସରଞ୍ଜନମଙ୍ଗରାଜ କହିଛନ୍ତି ଯେ ରାଜ୍ୟରେ ଏକ ଲୋମହର୍ଷଣକାରୀ ଘଟଣା ଘଟିଥିବା ସମୟରେ ରାଷ୍ଟ୍ରପତିଙ୍କ ପ୍ରାତଃଭୋଜନରେ ଯୋଗ ଦେବା ପାଇଁ ମୋର ବିବେକ ମୋତେ ଅନୁମତି ଦେଉନାହିଁ। ନିରୀହ ପୀଡ଼ିତମାନଙ୍କ ପାଇଁ ଶୋକବ୍ୟକ୍ତ ସହ ସେମାନଙ୍କ ଶୋକଗ୍ରସ୍ତ ପରିବାର ସହ ଆମେ ଠିଆ ହେବାକୁ ନିଷ୍ପତ୍ତି ନେଇଛୁ। ଯେଉଁମାନେ ଏହି ଘଟଣାରେ ମୃତ୍ୟୁବରଣ କରିଛନ୍ତି, ସେମାନଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଉଛୁ ଓ ଯେଉଁମାନେ ନିଆଁରେ ଗୁରୁତର ହୋଇଛନ୍ତି, ସେମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛୁ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି। ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ ପାଇଁ ଶ୍ରୀ ମଙ୍ଗରାଜ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇବା ସହ ଏହି ସମୟରେ ପ୍ରାତଃଭୋଜନରେ ଯୋଗ ଦେଇ ପାରୁ ନ ଥିବାରୁ ଦୁଃଖପ୍ରକାଶ କରିଛନ୍ତି ।

### ▸▸ ଭଗବାନ ବଞ୍ଚାଇଦେଲେ

ଆମେ ଆଇସିୟୁ ଉପର ମହଲାରେ ରହୁଥିଲୁ। ରାତି ୨ଟା ୩୦ ମିନିଟ ସମୟ ହେବ ପ୍ରଥମେ ତଳ ମହଲାରୁ ଜୋର୍‌ରେ ପାଟି ଶୁଭିଲା। ଆମେ ବାହାରକୁ ଆସି ଦେଖିବା ବେଳକୁ ତଳ ମହଲାରେ ଥିବା ଆଇସିୟୁରୁ ନିଆଁ ଲାଗି ଧୂଆଁ ଉପର ମହଲାକୁ ଆସୁଥିଲା। ଆମେ ତୁରନ୍ତ ଯାଇ ଆମ ୱାର୍ଡରେ ଥିବା ନର୍ସିଂ ଦିଦି ଓ ଅନ୍ୟ କର୍ମଚାରୀଙ୍କୁ ଡାକ ପକାଇଥିଲୁ। ପରେ ଆମ ରୋଗୀଙ୍କୁ ଧରି ବହୁ କଷ୍ଟରେ ତଳକୁ ଆସିଥିଲୁ। ଭଗବାନ ବଞ୍ଚାଇଦେଲେ। - ରୋଗୀଙ୍କ ସମ୍ପର୍କୀୟ

### ▸▸ ବାପାଙ୍କ ଖୋଜଖବର ମିଳୁନି

ମୋ ବାପା ଆଇସିୟୁ ୯ ନଂ ବେଡରେ ଚିକିତ୍ସାଧୀନ ଥିଲେ। ଆଇସିୟୁରେ ରୋଗୀ ସମ୍ପର୍କୀୟ ରହିବାର ସୁଯୋଗ ନ ଥିବାରୁ ଆମେ ରାତ୍ରି ଆଶ୍ରୟସ୍ଥଳରେ ଶୋଇଥିଲୁ। ହେଲେ ରାତ୍ରି ୨ଟା ୩୦ରେ ନିଆଁ ଲାଗିବା ଖବର ପାଇବା ପରେ ଆମେ ଆସି ବାପାଙ୍କୁ ଖୋଜୁଛୁ। ହେଲେ ତାଙ୍କ ପତ୍ତା ମିଳିପାରୁ ନାହିଁ। ଯାହାକୁ ବି ଏଠାରେ ପଚାରିଲେ ସିଏ କହୁଛନ୍ତି, ସେହି ବିଭାଗକୁ ଯାଅ ସିଏ କହୁଛନ୍ତି ସେଇ ବିଭାଗକୁ ଯାଅ ହେଲେ ବର୍ତ୍ତମାନ ସୁଦ୍ଧା ଆମେ ଆମ ବାପାଙ୍କୁ ପାଇପାରି ନାହୁଁ।

- ରୋଗୀ ସମ୍ପର୍କୀୟ

### ▸▸ ମୋ' ସଂସାର ଭାସିଗଲା

ମୋର ଟିକିଟିକି ଛୁଆ ୪ଟା। ମୋର ସ୍ୱାମୀ ଚାଲିଗଲେ ମୋର ଦୁନିଆ ଭାସିଗଲା ଆଜ୍ଞା କ'ଣ କରିବି। ଗତ ୬ ଦିନ ହେବ ବଡ ମେଡିକାଲକୁ ନେଇକି ଆସିଥିଲି। କାଲି ଟିକେ ଶରୀରର ତାଙ୍କ ସୁସ୍ଥ ହୋଇ ଆସିଥିଲା। ଡାକ୍ତର କହୁଥିଲେ ଆଉ ଅଳ୍ପ ଦିନ ପରେ ଡିସର୍ଚାଜ କରିଦେବେ ବୋଲି। ହେଲେ କାଲି ରାତିର କାଳ ନିଆଁରେ ମୋର ସଂସାର ଭାସିଗଲା। ମୁଁ ଏବେ କ'ଣ କରିବି। - ମୃତକଙ୍କ ପତ୍ନୀ

### ▸▸ କର୍ତ୍ତୃପକ୍ଷ କିଛି କହୁନାହାନ୍ତି

ଆମ ରୋଗୀଙ୍କ ମୃତ୍ୟୁ ଘଟିସାରିଛି। ହେଲେ ମେଡିକାଲ କର୍ତ୍ତୃପକ୍ଷ କିଛି କହୁନାହାନ୍ତି। ନିଆଁ ଏଭଳି ଲାଗିଥିଲା ଯେ ଧୂଆଁ ଏଭଳି ବାହାରିଥିଲା ଯେ ସାଧାରଣ ଲୋକ ତା' ଭିତରକୁ ପଶି ପାରୁ ନଥିଲେ। ଆଉ ଭେଣ୍ଟିଲେଟରରେ ଥିବା ଗୁରୁତର ରୋଗୀ କିଭଳି ବଞ୍ଚିବ। ବଞ୍ଚିବା ଅସମ୍ଭବ। ଆମ ରୋଗୀଙ୍କୁ ବାହାରକୁ ଆଣିବା ବେଳକୁ ତାଙ୍କ ଶରୀର ସଂପୂର୍ଣ୍ଣ କଳା ପଡ଼ି ସିଝି ଯାଇଥିଲା। ତାଙ୍କ ଶରୀରରେ ଲାଗିଥିବା ନିଆଁକୁ ପାଣି ମାରି ଲିଭାଇଛନ୍ତି। ଫଳରେ ଶରୀରର ସମ୍ପୂର୍ଣ୍ଣ ଓଦା ଥିଲା।


- ରୋଗୀଙ୍କ ସମ୍ପର୍କୀୟ

### ▸▸ ଦଇବ ଯୋଜନା ଅଲଗା ଥିଲା

ଦୁର୍ଘଟଣାରେ ଭାଇ ଗୁରୁତର ଆହତ ହେବା ପରେ ଦେଢ଼ ମାସ ହେଲାଣି ଆମେ ତାକୁ ଆଣି ଏସସିବି ମେଡିକାଲରେ ଭର୍ତ୍ତି କରିଥିଲୁ। ଭାଇ ଧୀରେଧୀରେ ସୁସ୍ଥ ହୋଇ ଆସୁଥିଲା। ଆଜି ଗୋଟେ ବ୍ଲଡ ଲାଗିବାର ଥିଲା ସେ ନେଇ ଆମେ ରକ୍ତ ଯୋଗାଡ କରିଦେଇଥିଲୁ। ଖୁବ ଶୀଘ୍ର ଆମେ ଭାଇକୁ ନେଇ ଘରକୁ ପଳାଇଥାନ୍ତୁ। ହେଲେ ଦଇବ କିଛି ଅଲଗା ଯୋଜନା କରିଥିଲା। ଅଗ୍ନିକାଣ୍ଡରେ ଭାଇର ଜୀବନ ଚାଲିଗଲା। ଯଦି ଠିକ ସମୟରେ ଉଦ୍ଧାର କାର୍ଯ୍ୟ ହୋଇଥାନ୍ତା ତେବେ ମୋ ଭାଇ ବଞ୍ଚି ପାରିଥା'ନ୍ତା।

- ଜିତେନ୍ଦ୍ର ବାରିକ, ମୃତ ଗୌରାଙ୍ଗଙ୍କ ଭାଇ



# ବିଶ୍ୱର ସବୁଠାରୁ ସଠିକ୍ ଘଣ୍ଟା ନିର୍ମାଣ କଲା ଚୀନ୍

ବେଜିଂ, ୧୬।୩ (ଏଜେନ୍ସି): ବିଶ୍ୱର ସବୁଠାରୁ ସୂକ୍ଷ୍ମ ଅପ୍ଟିକାଲ୍ ଘଣ୍ଟା ମଧ୍ୟରୁ ଗୋଟିଏ ବିକଶିତ କରିଛନ୍ତି ଚୀନ୍ ବୈଜ୍ଞାନିକ। ଏହି ଘଣ୍ଟା ଏତେ ସଠିକ୍ ଯେ ପ୍ରାୟ ୩୦ ଅରବ (୩୦୦୦ କୋଟି) ବର୍ଷରେ ଏହା ମାତ୍ର ୧ ସେକେଣ୍ଡର ତ୍ରୁଟି ଦେଖାଯିବ। ବୈଜ୍ଞାନିକଙ୍କ ମତରେ, ଏହି ସୂକ୍ଷ୍ମ ପ୍ରଯୁକ୍ତିବିଦ୍ୟା ଭବିଷ୍ୟତରେ ସବୁଠାରୁ ଛୋଟ ଏକକ 'ସେକେଣ୍ଡ'ର ନୂଆ ସଂଜ୍ଞା ସ୍ଥିର କରିବାରେ ସାହାଯ୍ୟ କରିପାରେ। ଏହି ଘଣ୍ଟା ପରମାଣୁରେ ଥିବା ଇଲେକ୍ଟ୍ରୋନର ଶକ୍ତି ସ୍ତର ପରିବର୍ତ୍ତନ ସମୟରେ ନିର୍ଗତ ହେଉଥିବା ଆଲୋକର ଫ୍ରିକ୍ୱେନ୍ସି ମାପି ସମୟ ସ୍ଥିର କରିଥାଏ। ଅପ୍ଟିକାଲ୍ ଘଣ୍ଟାକୁ ବର୍ତ୍ତମାନ ବିଶ୍ୱର ସବୁଠାରୁ ସଠିକ୍ ସମୟ ମାପିବା ପ୍ରଯୁକ୍ତିବିଦ୍ୟା ଭାବେ ବିବେଚନା କରାଯାଉଛି। ଏଭଳି ସୂକ୍ଷ୍ମ ଘଣ୍ଟା ସାହାଯ୍ୟରେ ସାଟେଲାଇଟ୍ ନେଭିଗେସନ୍, ଟେଲିକମ୍ ଏବଂ ବୈଜ୍ଞାନିକ ମାପରେ ବଡ଼ ସହାୟତା ମିଳିପାରିବ। ଏହା ବ୍ୟତୀତ ମାଧ୍ୟାକର୍ଷଣ ଶକ୍ତିରେ ସାମାନ୍ୟ ପରିବର୍ତ୍ତନ, ପୃଥିବୀ ପୃଷ୍ଠରେ ହେଉଥିବା ପରିବର୍ତ୍ତନ ଏବଂ ଆଗ୍ନେୟଗିରିର ଗତିବିଧିକୁ ମଧ୍ୟ ପୂର୍ବାପେକ୍ଷା ଅଧିକ ସଠିକ୍ ଭାବରେ ବୁଝିହେବ। ଯଦି ବିଶ୍ୱର ବିଭିନ୍ନ ପ୍ରତିଷ୍ଠାନରେ ଏହିପରି ଅତିକମରେ ତିନୋଟି ଘଣ୍ଟା ସମାନ ସଠିକତା ସହିତ କାମ କରେ, ତେବେ ଭବିଷ୍ୟତରେ 'ସେକେଣ୍ଡ'ର ସଂଜ୍ଞାକୁ ପୁନର୍ବାର ନିର୍ଦ୍ଧାରଣ କରାଯାଇପାରିବ ବୋଲି ବୈଜ୍ଞାନିକ କହିଛନ୍ତି।

# ଛୁଟି ନ ଦେବାରୁ ମ୍ୟାନେଜରଙ୍କୁ ହତ୍ୟା

ଗାଜିଆବାଦ, ୧୬।୩ (ଏଜେନ୍ସି): ଉତ୍ତର ପ୍ରଦେଶ ଗାଜିଆବାଦର ବଳରାମ ନଗର ଅଞ୍ଚଳରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କର ମ୍ୟାନେଜର ଅଭିଷେକ ଶର୍ମାଙ୍କୁ (୩୪) ଜଣେ ଗାର୍ଡ ଗୁଳି କରି ହତ୍ୟା କରିଛନ୍ତି। ଏହି ଗାର୍ଡ ବିହାରର ବାସିନ୍ଦା ଥିଲେ। ସେ ଅନେକ ଦିନ ହେବ ମ୍ୟାନେଜର ଅଭିଷେକଙ୍କୁ ଛୁଟି ମାଗୁଥିଲା। ସୋମବାର ଅପରାହ୍ନ ପ୍ରାୟ ୧:୪୫ ରେ ସେ ମ୍ୟାନେଜରଙ୍କ ପାଖକୁ ଯାଇଥିଲା। ମାତ୍ର ସେଠାରେ ଛୁଟିକୁ ନେଇ ଅଭିଷେକଙ୍କ ସହ ତାର ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ରବୀନ୍ଦ୍ର ବନ୍ଧୁକ ବାହାର କରି ତାଙ୍କ ଛାତିକୁ ଗୁଳି କରିଥିଲା। ଅଭିଷେକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ବ୍ୟାଙ୍କରେ ହଠାତ୍ ଗୁଳିକାଣ୍ଡ ହେବାରୁ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଏହି ସମୟରେ ଅଭିଯୁକ୍ତ ଗାର୍ଡ ନିଜର ଅନ୍ୟ ଜଣେ ସହଯୋଗୀ ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ବ୍ୟାଙ୍କ କର୍ମଚାରୀମାନେ ମ୍ୟାନେଜରଙ୍କୁ ବାଇକ୍ ଯୋଗେ ଦିଲ୍ଲୀର ଗୁରୁ ତେଗ ବାହାଦୁର ଡାକ୍ତରଖାନାକୁ ନେଇଥିଲେ, କିନ୍ତୁ ମାର୍ଗରେ ତାଙ୍କର ମୃତ୍ୟୁ ଘଟିଥିଲା।ଏହି ଘଟଣାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି, ଯେଉଁଥିରେ ଗାର୍ଡ ନିଜ ସହଯୋଗୀ ସହ ଦେଖାଯାଉଛି। ସେ ଫେରାର ହେବାର କିଛି ମିନିଟ୍ ପରେ ଲୋକମାନେ ବ୍ୟାଙ୍କ ମ୍ୟାନେଜରଙ୍କୁ ଟେକି ନେଉଥିବା ଦେଖିବାକୁ ମିଳିଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ ଅଭିଯୁକ୍ତ ଗାର୍ଡ ବାଗପତର ବାସିନ୍ଦା। ଦୀର୍ଘ ଦିନ ଧରି ଛୁଟିକୁ ନେଇ ମ୍ୟାନେଜର ଅଭିଷେକ ଶର୍ମାଙ୍କ ସହ ତାର ବିବାଦ ଲାଗି ରହିଥିଲା। ଏହି କାରଣରୁ ସେ ଏହି କାଣ୍ଡ ଭିଆଇଛି।

# ମୁସଲିମ ଦେଶ କାହା ସହ ଅଛନ୍ତି ସ୍ପଷ୍ଟ କରନ୍ତୁ: ଇରାନ

ତେହରାନ, ୧୬।୩ (ଏଜେନ୍ସି):ସାମ୍ପ୍ରତିକ ଯୁଦ୍ଧ ଉପରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ପାଇଁ ଇରାନର ସୁରକ୍ଷା ମୁଖ୍ୟ ଅଲି ଲାରିଜାନୀ ମୁସଲିମ ଦେଶଗୁଡ଼ିକୁ କହିଛନ୍ତି। ଲାରିଜାନୀଙ୍କ ଅନୁଯାୟୀ, ଆମେରିକା ଏବଂ ଇସ୍ରାଏଲ ବିରୋଧରେ ଚାଲିଥିବା ଲଢ଼େଇରେ ଇରାନକୁ ମୁସଲିମ ବହୁଳ ଦେଶଗୁଡ଼ିକରୁ ଆଶା ଅନୁଯାୟୀ ସମର୍ଥନ ମିଳିନାହିଁ। କିଛି ଦେଶ ତ ଇରାନକୁ ହିଁ ବିରୋଧୀ ଦର୍ଶାଇଛନ୍ତି। କାରଣ ସେ ସେହି ଦେଶ ଗୁଡ଼ିକରେ ଥିବା ଆମେରିକୀୟ ସାମରିକ ଘାଟିକୁ ଟାର୍ଗେଟ କରା ଯାଇଛି। ସଂଘର୍ଷର ଗୋଟିଏ ପଟେ ଆମେରିକା ଓ ଇସ୍ରାଏଲ ଏବଂ ଅନ୍ୟପଟେ ଇରାନ ଓ ରେସିଷ୍ଟାନ୍ସ ଶକ୍ତିଗୁଡ଼ିକ ମଧ୍ୟରେ ଚାଲିଛି। ଲାରିଜାନୀ ସ୍ପଷ୍ଟ କରିଛନ୍ତି ଯେ ଇରାନ ମଧ୍ୟ-ପ୍ରାଚ୍ୟ ଉପରେ ପ୍ରଭୁତ୍ୱ ବିସ୍ତାର କରିବାକୁ ଚାହୁଁନାହିଁ। ମୁସଲିମ ଦେଶଗୁଡ଼ିକ ଏକଜୁଟ ହେବା ଉଚିତ। ଆମେରିକା ବିଶ୍ୱାସଯୋଗ୍ୟ ନୁହେଁ ଏବଂ ଇସ୍ରାଏଲ ମଧ୍ୟ-ପ୍ରାଚ୍ୟ ପାଇଁ ବିପଦ।

# ପରସ୍ପର ଉପରେ ଆକ୍ରମଣ କରୁଛନ୍ତି ପାକିସ୍ତାନ-ଆଫଗାନ

କାବୁଲ, ୧୬।୩ (ଏଜେନ୍ସି): ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଉତ୍ତେଜନା ବନ୍ଦ ହେବାର ନା ଧରୁନି। ଉଭୟ ଦେଶ ପରସ୍ପର ଉପରେ ଆକ୍ରମଣ ଜାରି ରଖିଛନ୍ତି। ପାକିସ୍ତାନ ରବିବାର ରାତିସାରା ଆଫଗାନିସ୍ତାନର କାନ୍ଦାହାର ପ୍ରଦେଶରେ ଏୟାର ଷ୍ଟ୍ରାଇକ୍ କରି ଆତଙ୍କବାଦୀ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ୍ କରିଛି। ପାକିସ୍ତାନ 'ଅପରେସନ୍ ଗଜବ-ଲିଲ୍-ହକ' ଅଧୀନରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହାର ଜବାବରେ ତାଲିବାନ ସରକାର ପାକିସ୍ତାନର ସାମରିକ କ୍ୟାମ୍ପ ଉପରେ ଆକ୍ରମଣ କରିଛନ୍ତି। ପାକ୍ ସୂଚନା ମନ୍ତ୍ରୀ ଅତାଉଲ୍ଲା ତରାରଙ୍କ ଅନୁଯାୟୀ, ଏହି ଆକ୍ରମଣରେ ତେହେରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି)ର ଠିକଣାକୁ ଧ୍ୱଂସ କରାଯାଇଛି। ଏହି ସବୁ ଠିକଣାରୁ ଟିଟିପି ସୀମା ଆରପଟେ ଆକ୍ରମଣ କରୁଥିଲା। ଅନ୍ୟପଟେ ଆଫଗାନିସ୍ତାନର ତାଲିବାନ ସରକାର ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ମୁଖପାତ୍ର ଜବିହୁଲ୍ଲା ମୁଜାହିଦ କହିଛନ୍ତି ଯେ, କୌଣସି ଆତଙ୍କବାଦୀଆଡ୍ଡା ନୁହେଁ, ବରଂ କାନ୍ଦାହାରର ଏକ ନିଶା ନିବାରଣ କେନ୍ଦ୍ର ଏବଂ ଖାଲି କଣ୍ଟେନରଗୁଡ଼ିକ ନିଶାଣ କରାଯାଇଛି।

**ମଧ୍ୟପ୍ରାଚ୍ୟ ମହାଯୁଦ୍ଧ**

# ମୁକୁଳିବାକୁ ବାଟ ପାଉନାହାନ୍ତି ଟ୍ରମ୍ପ

## ଆମେରିକାର ହାତ ଛାଡୁଛନ୍ତି ମିତ୍ର ରାଷ୍ଟ୍ର

ୱାସିଂଟନ, ୧୬।୩ (ଏଜେନ୍ସି): ଇରାନ ଉପରେ ଆକ୍ରମଣ କରି ଆମରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫସି ଯାଇଛନ୍ତି। ଇରାନ ଜବାବୀ ଆକ୍ରମଣକୁ ନେଇ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ, ବିଶେଷ କରି ମୁସଲିମ ଦେଶ ଟ୍ରମ୍ପଙ୍କ ଉପରେ ଚାପ ପକାଇପାରେ ଲାଗିଛନ୍ତି। ଏହି ଯୁଦ୍ଧ ପାଇଁ ହର୍ମୁଜ ଷ୍ଟ୍ରେଟ ବନ୍ଦ ହୋଇଥିବାରୁ ବିଶ୍ୱରେ ଶକ୍ତି ସଙ୍କଟ ସୃଷ୍ଟି ହୋଇଛି। ଏପରି ସ୍ଥିତିରେ ଟ୍ରମ୍ପ କ'ଣ କରିବେ ଜାଣିପାରୁ ନାହାନ୍ତି। ତେଣୁ ସେ ଯୁଦ୍ଧରେ ସାମିଲ ହେବା ପାଇଁ ନାଟୋ ଦେଶ ଏବଂ ଅନ୍ୟ ସହଯୋଗୀ ଦେଶଗୁଡ଼ିକ ଉପରେ ଚାପ ପକାଉଛନ୍ତି। କିନ୍ତୁ ଟ୍ରମ୍ପ କଥା କେହି ଶୁଣିବାକୁ ରାଜି ନାହାନ୍ତି। ଏଭଳି ସ୍ଥିତିରେ ଟ୍ରମ୍ପ ଖୋଲା ଧମକ ଦେଇଛନ୍ତି। ଇରାନ ମାମଲାରେ ସହଯୋଗ ନ ମିଳିଲେ ନାଟୋର ଭବିଷ୍ୟତ ଖରାପ ହେବାର ସେ ଭୟ ଦେଖାଇଛନ୍ତି। ଏକ ସାକ୍ଷାତକାରରେ ଟ୍ରମ୍ପ କହିଥିଲେ ଯେ ଯଦି ସହଯୋଗୀ ଦେଶମାନେ ହର୍ମୁଜ ଷ୍ଟ୍ରେଟକୁ ମୁକ୍ତ ରଖିବାରେ ସାହାଯ୍ୟ ନ କରନ୍ତି, ତେବେ ମେଣ୍ଟର ସ୍ଥିତି ଦୁର୍ବଳ ହୋଇପାରେ। ଏହାକୁ ନେଇ ଟ୍ରମ୍ପ ୟୁକ୍ରେନର ଉଦାହରଣ ମଧ୍ୟ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଆମେରିକାଠାରୁ ହଜାର ହଜାର ମାଇଲ୍ ଦୂରରେ ଥିଲେ ବି ଆମେ ୟୁକ୍ରେନକୁ ସାହାଯ୍ୟ କରୁଛୁ। ଏବେ ସହଯୋଗୀ ଦେଶମାନେ ଆମେରିକାକୁ କି ସାହାଯ୍ୟ କରୁଛନ୍ତି ତାହା ଦେଖିବା ବାକି ରହିଲା। ଅନ୍ୟପଟେ ଜର୍ମାନୀ ଟ୍ରମ୍ପଙ୍କୁ ବଡ଼ ଝଟକା ଦେଇଛି। ଏହି ଦେଶ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଇରାନ ସହ ଜଡ଼ିତ କୌଣସି ଯୁଦ୍ଧରେ ଦେଶ ସାମିଲ ହେବ ନାହିଁ। ସାମରିକ ବଳ ପ୍ରୟୋଗ କରି ହର୍ମୁଜ ଷ୍ଟ୍ରେଟ୍‌କୁ

- ନାଟୋକୁ ଚେତାବନୀ ଦେଲେ ଟ୍ରମ୍ପ
- ସହଯୋଗ ନ ମିଳିଲେ ଭବିଷ୍ୟତ ଖରାପ ହେବ
- ଯୁଦ୍ଧ ଜାହାଜ ପଠାଇବାକୁ ମନାକଲେ ବ୍ରିଟେନ, ଜର୍ମାନୀ

ଖୋଲା ରଖିବା ପାଇଁ କୌଣସି ଅଭିଯାନରେ ଜର୍ମାନୀ ଅଂଶଗ୍ରହଣ କରିବ ନାହିଁ। ସେହିପରି ଗ୍ରୀସର ସରକାରୀ ମୁଖପାତ୍ର ପାଭଲୋସ୍ ମାରିନାକିସ୍ କହିଛନ୍ତି ଯେ ହର୍ମୁଜ୍ ଷ୍ଟ୍ରେଟ୍‌ରେ କୌଣସି ସାମରିକ କାର୍ଯ୍ୟାନୁଷ୍ଠାନରେ ଦେଶ ସାମିଲ ହେବ ନାହିଁ। ବ୍ରିଟେନ ପ୍ରଧାନମନ୍ତ୍ରୀ ମଧ୍ୟ ଟ୍ରମ୍ପଙ୍କ କଟା ଘାରେ ଚୂନ ମାରିଛନ୍ତି। କିର ଷ୍ଟାର୍ମର କହିଛନ୍ତି ଯେ ମଧ୍ୟ-ପ୍ରାଚ୍ୟର ଯୁଦ୍ଧରେ ବ୍ରିଟେନ ସାମିଲ ହେବ ନାହିଁ। ସେହି ଅଞ୍ଚଳରେ ଥିବା ନିଜ ନାଗରିକଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଇଟାଲୀର ବୈଦେଶିକ ମନ୍ତ୍ରୀ ଆଣ୍ଟୋନିଓ ତାଜାନି କହିଛନ୍ତି ଯେ ହର୍ମୁଜ୍ ଷ୍ଟ୍ରେଟ୍ ସହ ଜଡ଼ିତ ସଙ୍କଟର ସମାଧାନ କୂଟନୀତି ଜରିଆରେ ହେବା ଉଚିତ। ଏଠାରେ କୂଟନୀତିକୁ ହିଁ ପ୍ରାଧାନ୍ୟ ଦିଆଯିବା ଉଚିତ।

ଏହାରି ମଧ୍ୟରେ ଇରାନର ବୈଦେଶିକ ମନ୍ତ୍ରୀ ଅବାସ ଆରାଘଚି କହିଛନ୍ତି ଯେ ହର୍ମୁଜ୍ ଷ୍ଟ୍ରେଟ୍ ଦେଶର ଶତ୍ରୁମାନଙ୍କ ପାଇଁ ବନ୍ଦ ରହିଛି। ଯୁଦ୍ଧର ୧୫ ଦିନ ପରେ ମଧ୍ୟ ଇରାନର ବିରୋଧୀ ଦେଶମାନେ ଏବେ ଅନ୍ୟ ଦେଶଙ୍କୁ ଏହି ଷ୍ଟ୍ରେଟ୍‌ର ସୁରକ୍ଷା ନିଶ୍ଚିତ କରିବା ପାଇଁ ସାହାଯ୍ୟ ମାଗୁଛନ୍ତି। ସେମାନେ ସେହି ଦେଶମାନଙ୍କଠାରୁ ସାହାଯ୍ୟ ମାଗୁଛନ୍ତି ଯେଉଁମାନଙ୍କୁ ଗତକାଲି ପର୍ଯ୍ୟନ୍ତ ନିଜର ଶତ୍ରୁ ବୋଲି କହୁଥିଲେ। ଇରାନ ଦୃଷ୍ଟିରୁ ଏହି ଷ୍ଟ୍ରେଟ୍ ଖୋଲା ଅଛି, କିନ୍ତୁ ଇରାନ ବିରୋଧରେ ଆକ୍ରମଣ କରିଥିବା ଦେଶ ଏବଂ ତାର ସହଯୋଗୀଙ୍କ ପାଇଁ ଏହି ଷ୍ଟ୍ରେଟ ବନ୍ଦ ରହିଛି।

# ଭାରତ ବି ମନାକଲା

ନୂଆଦିଲ୍ଲୀ, ୧୬।୩ (ଏଜେନ୍ସି): ହର୍ମୁଜ ଷ୍ଟ୍ରେଟରେ ଯୁଦ୍ଧ ଜାହାଜ ମୁତୟନ ନେଇ ଆମେରିକା ରାଷ୍ଟ୍ରପତି ସବୁ ଦେଶକୁ ଆହ୍ୱାନ ଦେଇଛନ୍ତି। ମାତ୍ର ଏ ନେଇ ଆମେରିକା ସହ କୌଣସି ଆଲୋଚନା ହୋଇନାହିଁ ବୋଲି ଭାରତ ପକ୍ଷରୁ କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲଙ୍କୁ ପଚରା ଯାଇଥିଲା ଯେଏହି ଅଞ୍ଚଳକୁ ନିଜର ଯୁଦ୍ଧ ଜାହାଜ ପଠାଇବା ପାଇଁ ଭାରତ ସହ ଆମେରିକା ଯୋଗାଯୋଗ କରିଛି କି? ଏହି ପ୍ରସଙ୍ଗରେ ନୂଆଦିଲ୍ଲୀର ଆଭିମୁଖ୍ୟ କ'ଣ? ଉତ୍ତରରେ ସେ କହିଥିଲେ ଯେ ଅନେକ ଦେଶ ମଧ୍ୟରେ ଏ ବିଷୟରେ ଆଲୋଚନା ହେଉଥିବା ଜଣାପଡ଼ିଛି। ଇତିମଧ୍ୟରେ ଭାରତ ଅଭିମୁଖେ ଯାଉଥିବା ଜାହାଜକୁ ହର୍ମୁଜ ଷ୍ଟ୍ରେଟ୍‌ରେ ଛାଡ଼ିବା ପ୍ରତି ବଦଳରେ ନୂଆଦିଲ୍ଲୀ ନିକଟରେ ଇରାନ ନୂଆ ଦାବି ରଖିଛି। ଫେବୃଆରୀରେ ଭାରତରେ ଜବତ ତିନି ଟ୍ୟାଙ୍କରୁ ଛାଡ଼ିବା ପାଇଁ ଦାବି କରାଯାଇଛି। ଏହା ବ୍ୟତୀତ ଭାରତରୁ କିଛି ଔଷଧ ଏବଂ ମେଡିକାଲ ଉପକରଣ ପଠାଇବାକୁ ଭାରତକୁ ଇରାନ ଅନୁରୋଧ କରିଛି। ଇରାନ ରାଷ୍ଟ୍ରଦୂତ ନୂଆଦିଲ୍ଲୀରେ ବିଦେଶ ମନ୍ତ୍ରାଳୟର ଅଧିକାରୀଙ୍କୁ ଭେଟି ଏ ବିଷୟରେ ଚର୍ଚ୍ଚା କରିଛନ୍ତି।

ଅନ୍ୟପଟେ ହର୍ମୁଜରେ ଯୁଦ୍ଧ ଜାହାଜ ମୁତୟନ ନେଇ ଟ୍ରମ୍ପ ଦେଇଥିବା ପ୍ରସ୍ତାବ ଉପରେ ଚୀନ୍ କୌଣସି ପ୍ରତିକ୍ରିୟା ଦେଇନାହିଁ। ଏହି କମ୍ୟୁନିଷ୍ଟ ଦେଶ ଯୁଦ୍ଧ ବନ୍ଦ ପାଇଁ ଆମେରିକା ନିକଟରେ ଦାବି କରିଛି। ଚୀନ୍ ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ଲିନ ଜିଆନ କହିଛନ୍ତି ଯେ ସଂଘର୍ଷ ଶୀଘ୍ର ବନ୍ଦ ହେଉ ବୋଲି ଦେଶ ଚାହୁଁଛନ୍ତି। ଏହା ଦ୍ୱାରା ପଡୁଥିବା ଆର୍ଥିକ ପ୍ରଭାବର ମଧ୍ୟ ସେ ଆଲୋକପାତ କରିଛନ୍ତି।

# ହରିଶ ରାଣାଙ୍କୁ ଅଶ୍ରୁଳ ବିଦାୟ



ନୂଆଦିଲ୍ଲୀ, ୧୬।୩ (ଏଜେନ୍ସି): ସୁପ୍ରିମକୋର୍ଟ ଇଚ୍ଛାମୃତ ପ୍ରଦାନ କରିଥିବା ହରିଶ ରାଣାଙ୍କ ଏକ ଭାବପୂର୍ଣ୍ଣ ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ପଞ୍ଜାବ ୟୁନିଭର୍ସିଟିର ପୂର୍ବତନ ଛାତ୍ର ତଥା ୩୨ ବର୍ଷୀୟ ହରିଶ ଆସନ୍ତା କିଛି ସପ୍ତାହ ମଧ୍ୟରେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ମୃତ୍ୟୁବରଣ କରିବେ। ଭିଡିଓରେ ଦେଖିବାକୁ ମିଳୁଛି ଯେ ଦିଲ୍ଲୀ ଏମ୍ସର ପାଲିଏଟିଭ୍ କେୟାର ୟୁନିଟକୁ ହରିଶଙ୍କୁ ସ୍ଥାନାନ୍ତର କରାଯାଇଛି। ଏହା ପୂର୍ବରୁ ପରିବାର ଲୋକେ ତାଙ୍କୁ ଶେଷ ବିଦାୟ ଜଣାଉଛନ୍ତି। ବାପା, ମା ଏବଂ ପରିବାର ସଦସ୍ୟ ତାଙ୍କୁ ବେଡ୍ ଚାରିପଟେ ଘେରି ରହିଛନ୍ତି। ଭିଡିଓରେ ହରିଶ କେବଳ ଆଖି ଧପ ଧପ ଏବଂ କିଛି ଢୋକୁଥିବା ପରି ଦେଖାଯାଉଛି। ଗତ ୧୩ ବର୍ଷ ଧରି ହରିଶ ଏଭଳି ଭାବେ ପଡ଼ି ରହିଛନ୍ତି। ଏକ ଦୁର୍ଘଟଣାରେ ପଡ଼ିଯିବା ପରେ ତାଙ୍କ ମସ୍ତିଷ୍କରେ ଗୁରୁତର ଆଘାତ ଲାଗିଥିଲା। ଏହା ଆଉ ଠିକ ହୋଇ ନ ଥିଲା। ଭିଡିଓରେ ଜଣେ ବ୍ରହ୍ମାକୁମାରୀ ଭଉଣୀ ହରିଶଙ୍କ କପାଳକୁ ଆଉଁସି ଦେଇ ହସୁଥିବା ବେଳେ ମାଆ ପଛରେ ରହି ନୀରବରେ ଚାହିଁ ରହିଥିବା ଦେଖାଯାଉଛି। ବ୍ରହ୍ମାକୁମାରୀ ଲଭଲୀ କହୁଛନ୍ତି ଯେ ସମସ୍ତଙ୍କୁ କ୍ଷମା କରିଦେଇ ଏବଂ ସମସ୍ତଙ୍କଠାରୁ କ୍ଷମା ମାଗି, ତୁମେ ଶାନ୍ତିରେ ଚାଲିଯାଅ।

ରାଣା ପରିବାର ଦୀର୍ଘ ଦିନ ଧରି ବ୍ରହ୍ମାକୁମାରୀ ଆନ୍ଦୋଳନ ସହିତ ଜଡ଼ିତ ଅଛନ୍ତି। ବ୍ରହ୍ମକୁମାରୀ କହିଛନ୍ତି ଯେ ହରିଶଙ୍କ ପରିବାର ପାଇଁ ଏହା ଏକ ଅତ୍ୟନ୍ତ ଭାବପୂର୍ଣ୍ଣ ମୁହୂର୍ତ୍ତ। କେହି ଶରୀର ତ୍ୟାଗ କଲେ ପରିବାର ସଦସ୍ୟଙ୍କ ପାଇଁ ତାହା ଅତ୍ୟନ୍ତ ଯନ୍ତ୍ରଣାଦାୟକ ହୋଇଥାଏ। ସୁପ୍ରିମକୋର୍ଟ ହରିଶ ରାଣାଙ୍କୁ ସମ୍ମାନର ସହ ମୃତ୍ୟୁବରଣ କରିବାକୁ ଅନୁମତି ଦେବାର କିଛି ଦିନ ପରେ ଏହି ଭିଡିଓ ସାମ୍ନାକୁ ଆସିଛି। ଦିଲ୍ଲୀ ଏମ୍ସର ଡାକ୍ତର ଧିରେ ଧିରେ ହରିଶଙ୍କ 'ଲାଇଫ ସପୋର୍ଟ ସିଷ୍ଟମ' କାଢ଼ିବାରେ ଲାଗିଛନ୍ତି।

# ଇରାନରେ ଭାରତୀୟଙ୍କ ପାଇଁ ମାର୍ଗଦର୍ଶିକା: ବିନା ସୂଚନାରେ ସୀମା ପାର୍ ହୁଅନ୍ତୁ ନାହିଁ

ନୂଆଦିଲ୍ଲୀ, ୧୬।୩ (ଏଜେନ୍ସି): ଇରାନରେ ରହୁଥିବା ଭାରତୀୟମାନଙ୍କ ପାଇଁ ତେହେରାନ ସ୍ଥିତ ଭାରତୀୟ ଦୂତାବାସ ସୋମବାର ନୂଆ ପରାମର୍ଶ ଜାରି କରିଛି। ଏଥିରେ ଭାରତୀୟ ନାଗରିକଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଦୂତାବାସକୁ ସୂଚନା ନ ଦେଇ ଇରାନ ସୀମା ପାର୍ କରିବାକୁ ଚେଷ୍ଟା କରନ୍ତୁ ନାହିଁ ବୋଲି କୁହାଯାଇଛି। ଏହି ପରାମର୍ଶରେ କୁହାଯାଇଛି, ଭାରତୀୟ ସମୁଦାୟର ଲୋକଙ୍କ ସହ ଦୂତାବାସ ନିରନ୍ତର ଯୋଗାଯୋଗରେ ଅଛି। ଆବଶ୍ୟକ ସ୍ଥଳେ ମିଳିତ ଭାବେ ଜରୁରୀକାଳୀନ ବ୍ୟବସ୍ଥା କରାଯାଉଛି। ବିନା ସୂଚନାରେ ସୀମା ଆଡ଼କୁ ଅଗ୍ରସର ହେବା ସମ୍ପୂର୍ଣ୍ଣ ମନା। ଯେଉଁ ଭାରତୀୟ ନାଗରିକମାନେ ଦୂତାବାସକୁ ସୂଚନା ନ ଦେଇ ସ୍ଥଳପଥରେ ଇରାନ ଛାଡ଼ିବାକୁ ଚେଷ୍ଟା କରିବେ, ସେମାନଙ୍କୁ ଗୁରୁତର ସମସ୍ୟା ଏବଂ ଇମିଗ୍ରେସନ ସମ୍ବନ୍ଧୀୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଯଦି କୌଣସି ବ୍ୟକ୍ତି ବିନା ସୂଚନାରେ ଇରାନ ସୀମା ପାର୍ କରି ବାହାରକୁ ଚାଲିଯାଆନ୍ତି, ତେବେ ସେଭଳି ପରିସ୍ଥିତିରେ ଦୂତାବାସ ତାଙ୍କୁ କୌଣସି ସାହାଯ୍ୟ କରିପାରିବ ନାହିଁ ବୋଲି ଚେତାବନୀ ଦିଆଯାଇଛି।

# ନେତନ୍ୟାହୁଙ୍କୁ ନେଇ ସସ୍‌ପେନ୍ସ

ଦୁବାଇ, ୧୬।୩ (ଏଜେନ୍ସି): ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ମୃତ୍ୟୁ ଖବର ଭାଇରାଲ ହେବା ପରେ କଫି ସପ୍‌ରେ ସେ କଫି ପିଉଥିବା ଭିଡିଓ ସାମାନାକୁ ଆସିଛି। ମାତ୍ର ଏହି ଭିଡିଓ ସ୍ପଷ୍ଟୀକରଣ ଦେବା ପରିବର୍ତ୍ତେ ଅଧିକ ସଂଶୟ ସୃଷ୍ଟି କରିଛି। ଏହି ନୂଆ ଭିଡିଓ ସେୟାର କରି ନେତନ୍ୟାହୁ ନିଜର ମୃତ୍ୟୁ ଗୁଜବକୁ ଖଣ୍ଡନ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ଏଆଇ ଟୁଲ୍ 'ଗ୍ରୋକ୍' ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଏହି ଭିଡିଓଟି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦ୍ୱାରା ପ୍ରସ୍ତୁତ କରାଯାଇଛି ବୋଲି ଗ୍ରୋକ୍ ଦାବି କରିଛି। ଫଳରେ ଏହାକୁ ନେଇ ଇଣ୍ଟରନେଟରେ ଚର୍ଚ୍ଚା ଧରିଛି। ପ୍ରଥମେ ଇରାନ ଆକ୍ରମଣରେ ନେତନ୍ୟାହୁଙ୍କ ମୃତ୍ୟୁ ଘଟିଥିବା ଖବର ପ୍ରସାର ହୋଇଥିଲା। ମାତ୍ର ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହାକୁ ଖଣ୍ଡନ କରିଦେଇଥିଲା। ପରେ ନେତନ୍ୟାହୁ ଏହି ଭିଡିଓଟି ସେୟାର କରିଥିଲେ।

- କଫି ସପ୍ ଭିଡିଓ ନକଲି!
- ଏଆଇ ଦ୍ୱାରା ହୋଇଛି ପ୍ରସ୍ତୁତ

ଏହି ଭିଡିଓରେ ନେତାନ୍ୟାହୁ ନିଜ ମୃତ୍ୟୁ ଖବରକୁ ପରିହାସ କରି କହିଥିଲେ ଯେ ମୁଁ କଫି ପାଇଁ ପାଗଳ। ତେବେ ଗ୍ରୋକ୍ ଦାବି କରିଛି ଯେ ଏହି ଭିଡିଓଟି ସତ୍ୟ ନୁହେଁ। ଏହା ଏଆଇ ଦ୍ୱାରା ପ୍ରସ୍ତୁତ ଡିପ୍‌ଫେକ କ୍ଲିପ୍। ଏହି ଦାବି ନେତନ୍ୟାହୁଙ୍କ ଅବସ୍ଥିତି ଏବଂ ସ୍ୱାସ୍ଥ୍ୟବସ୍ଥାକୁ ନେଇ ସନ୍ଦେହକୁ ଆହୁରି ବଢ଼ାଇ ଦେଇଛି। ଗ୍ରୋକ୍ ଏହାକୁ ବ୍ୟଙ୍ଗାତ୍ମକ ଭିଡିଓ ବୋଲି କହିଛି। ଏହି ଏଆଇ ଭିଡିଓକୁ ନକଲି ବୋଲି ଦର୍ଶାଇବା ପାଇଁ କିଛି ଉଦାହରଣ ମଧ୍ୟ ଦେଇଛି। କଫିର ସ୍ତର ସ୍ଥିର ରହିବା ଏବଂ ଓଠର ହଲଚଲ ଜଣାପଡୁନାହିଁ ବୋଲି କୁହାଯାଇଛି। ସାମାଜିକ ଗଣମାଧ୍ୟମରେ ଅନେକ ବ୍ୟବହାରକାରୀ ମଧ୍ୟ ଏହି ଭିଡିଓକୁ ଡିପ୍‌ଫେକ୍ ଦାବି କରିଛନ୍ତି। ଇସ୍ରାଏଲ୍ ବିରୋଧୀ ଖବର ପାଇଁ ଜଣାଶୁଣା ଜ୍ୟାକସନ୍



ହିଙ୍କଲ୍ ମଧ୍ୟ ଭିଡିଓରେ ନେତନ୍ୟାହୁଙ୍କ ପକେଟ୍‌ର ଅସ୍ୱାଭାବିକ ହଲଚଲ ହେଉଥିବା ଦର୍ଶାଇଛନ୍ତି। ଏହାର ଜବାବରେ ଅନ୍ୟ ଜଣେ ବ୍ୟବହାରକାରୀ ଏକ ଭିଡିଓ ପୋଷ୍ଟ କରିଛନ୍ତି, ଯେଉଁଥିରେ ନେତାନ୍ୟାହୁ ନିଜ ବାମ ହାତକୁ ପକେଟ୍ ଭିତରେ ରଖୁଥିବା ଦେଖାଯାଉଛି। ଆଉ କିଛି ଲୋକେ ନେତନ୍ୟାହୁଙ୍କ କଫି ମାଧ୍ୟାକର୍ଷଣ ଶକ୍ତିକୁ ମାନୁନାହିଁ ବୋଲି ଲେଖିଛନ୍ତି।

# ୨୪ ଲେଖକଙ୍କୁ ସାହିତ୍ୟ ଅକାଦେମୀ ପୁରସ୍କାର

ନୂଆଦିଲ୍ଲୀ,୧୬।୩ (ଏଜେନ୍ସି): ସାହିତ୍ୟ ଅକାଦେମୀ ସୋମବାର ୨୪ଟି ଭାରତୀୟ ଭାଷା ପାଇଁ ୨୦୨୫ ନିମନ୍ତେ ବାର୍ଷିକ ପୁରସ୍କାର ଘୋଷଣା କରିଛି। ଏହା ସହିତ ଗତ ଡିସେମ୍ବରରୁ ସାହିତ୍ୟ ଜଗତରେ ସୃଷ୍ଟି ହୋଇଥିବା ପ୍ରାୟ ତିନି ମାସର ଅନିଶ୍ଚିତତା ବା ସଂସ୍ଥାଗତ ଅଚଳାବସ୍ଥାର ଅନ୍ତ ଘଟିଛି। ଏହି ପୁରସ୍କାର ପାଇଁ ମୋଟ ୨୪ ଜଣ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଏହା ମଧ୍ୟରେ ୮ଟି କବିତା ବହି, ୪ଟି ଉପନ୍ୟାସ, ୬ଟି କ୍ଷୁଦ୍ର ଗଳ୍ପ ସଂକଳନ, ୨ଟି ପ୍ରବନ୍ଧ, ୧ଟି ସାହିତ୍ୟ ସମାଲୋଚନା, ଗୋଟିଏ ଆତ୍ମଜୀବନୀ ଏବଂ ୨ଟି ସ୍ମୃତିକଥା ରହିଛି। ଆସନ୍ତା ୩୧ରେ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ବିଜେତାଙ୍କୁ ସମ୍ମାନିତ କରାଯିବ। ପ୍ରତ୍ୟେକ ପୁରସ୍କାର ବିଜେତାଙ୍କୁ ଏକ ତାମ୍ର ଫଳକ, ଏକ ଶାଲ୍ ଏବଂ ୧,୦୦,୦୦୦ ଟଙ୍କା ପ୍ରଦାନ କରାଯିବ।

ଇଂରାଜୀ ଭାଷାର ଉପନ୍ୟାସ ପାଇଁ ପୂର୍ବତନ କୂଟନୀତିଜ୍ଞ ନବତେଜ ସର୍ଣ୍ଣାଙ୍କୁ ତାଙ୍କ ପୁସ୍ତକ 'କ୍ରିମସନ୍ ସ୍ପ୍ରିଙ୍ଗ୍' ପାଇଁ ଏହି ପୁରସ୍କାର ମିଳିଛି। ଏହି ଉପନ୍ୟାସଟି ୧୯୧୯ ଏପ୍ରିଲର ଜାଲିଆନାୱାଲା ବାଗ୍ ହତ୍ୟାକାଣ୍ଡ ଉପରେ ଆଧାରିତ। ୬୮ ବର୍ଷୀୟ ସର୍ଣ୍ଣା ଭାରତୀୟ ବୈଦେଶିକ ସେବାରେ (ଆଇଏଫଏସ) ଚାରି ଦଶନ୍ଧି କାର୍ଯ୍ୟ କରିଛନ୍ତି। ସେ ଆମେରିକାରେ ଭାରତର ରାଷ୍ଟ୍ରଦୂତ, ବ୍ରିଟେନରେ ହାଇ କମିଶନର ଏବଂ ଦୁଇଜଣ ପ୍ରଧାନମନ୍ତ୍ରୀଙ୍କ ଅଧୀନରେ ବୈଦେଶିକ ମନ୍ତ୍ରଣାଳୟର ସବୁଠାରୁ ଦୀର୍ଘ ସମୟ ଧରି ମୁଖପାତ୍ର ଭାବରେ କାର୍ଯ୍ୟ କରିଛନ୍ତି। ସେ ୨୦୧୮ ରେ ଅବସର ନେଇ ସମ୍ପୂର୍ଣ୍ଣ ସମୟ ଲେଖାଲେଖିରେ ମନୋନିବେଶ କରିଥିଲେ। ସେହିପରି ୮୫ ବର୍ଷୀୟା ମମତା କାଲିଆଙ୍କୁ 'ଜିତେ ଜୀ ଇଲାହାବାଦ' ପାଇଁ ଚୟନ କରାଯାଇଛି। ପ୍ରୟାଗରାଜ ସହରକୁ ନେଇ ସେ ଏହି ସ୍ମୃତି କଥା ଲେଖିଛନ୍ତି। ୨୦୧୭ ମସିହାରେ ସେ ବ୍ୟାସ ସମ୍ମାନ ଜିତିଥିଲେ।

# ମମତାଙ୍କୁ ନିର୍ବାଚନ କମିସନଙ୍କ ଚୋଟ

## ବଦଳିଲେ ପଶ୍ଚିମବଙ୍ଗ ମୁଖ୍ୟ ସଚିବ, ଗୃହ ସଚିବ, ଡିଜିପି



କୋଲକାତା, ୧୬।୩ (ଏଜେନ୍ସି): ବିଧାନସଭା ନିର୍ବାଚନ ତାରିଖ ଘୋଷଣା ପରେ ପଶ୍ଚିମବଙ୍ଗ ପୁଲିସ ଏବଂ ପ୍ରଶାସନିକ ସ୍ତରରେ ନିର୍ବାଚନ କମିସନ ବଡ଼ ଧରଣର ଅଦଳବଦଳ କରିଛନ୍ତି। ପୁଲିସ ମହାନିର୍ଦ୍ଦେଶକ, ମୁଖ୍ୟ ଶାସନ ସଚିବ ଏବଂ ଗୃହ ସଚିବଙ୍କୁ ହଟାଇ ଦେଇଛନ୍ତି। ସେହି ପଦବୀରେ ନୂତନ ଅଧିକାରୀମାନଙ୍କୁ ନିଯୁକ୍ତ କରିଛନ୍ତି। ନନ୍ଦିନୀ ଚକ୍ରବର୍ତ୍ତୀଙ୍କ ସ୍ଥାନରେ ବରିଷ୍ଠ ଆଇଏଏସ ଅଧିକାରୀ ଦୁଷ୍ୟନ୍ତ ନାରିଆଲା ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବେ।।ଳେ ପୀୟୂଷ ପାଣ୍ଡେଙ୍କ ସ୍ଥାନରେ ବରିଷ୍ଠ ପୋଲିସ ଅଧିକାରୀ ସିଦ୍ଧ ନାଥ ଗୁପ୍ତାଙ୍କୁ ନୂଆ ଡିଜିପି ନିଯୁକ୍ତ କରାଯାଇଛି। ଏହାବ୍ୟତୀତ କୋଲକାତା ପୁଲିସ କମିସନରଙ୍କ ସମେତ ଅନ୍ୟ ତିନିଜଣ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ବଦଳି କରିଛନ୍ତି। ସୁପ୍ରତିମ ସରକାରଙ୍କ ସ୍ଥାନରେ ବରିଷ୍ଠ ଅଧିକାରୀ ଅଜୟ କୁମାର ନନ୍ଦଙ୍କୁ କୋଲକାତା ପୁଲିସ କମିସନର ନିଯୁକ୍ତ କରାଯାଇଛି।

ନଟରାଜନ ରମେଶ ବାବୁଙ୍କୁ ରାଜ୍ୟ ସଂଶୋଧନ ସେବା (ଡିଜିସିଏସ)ର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବା ବେଳେ ଅଜୟ ମୁକୁନ୍ଦ ରାନାଡେଙ୍କୁ ପୁଲିସ ଅତିରିକ୍ତ ମହାନିର୍ଦ୍ଦେଶକ ଏବଂ ପୁଲିସ ମହାନିରୀକ୍ଷକ (ଆଇନ ଶୃଙ୍ଖଳା) ନିଯୁକ୍ତ କରାଯାଇଛି। ନିର୍ବାଚନ ଶେଷ ନ ହେବା ପର୍ଯ୍ୟନ୍ତ ବଦଳି ହୋଇଥିବା ଅଧିକାରୀମାନଙ୍କୁ କୌଣସି ନିର୍ବାଚନ ସମ୍ବନ୍ଧିତ ପଦବୀରେ ଅବସ୍ଥାପିତ ନ କରିବାକୁ କମିସନ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଏହି ନିଯୁକ୍ତିଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଏବଂ ଅଧିକାରୀମାନେ ଅପରାହ୍ନ ୩ଟା ସୁଦ୍ଧା ଦାୟିତ୍ୱ ଗ୍ରହଣ କରିଥିବା ନେଇ ଏକ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରବିବାର ରାତିରେ ରାଜ୍ୟ ସରକାରଙ୍କୁ ପଠାଯାଇଥିବା ଏକ ଚିଠିରେ ନିର୍ବାଚନ କମିସନ ସଂଘମିତ୍ରା ଘୋଷଙ୍କୁ ଗୃହ ଏବଂ ପାର୍ବତ୍ୟ ବ୍ୟାପାର ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା ପରେ ଏହି ଦୁଇ ଅଧିକାରୀଙ୍କୁ ହଟାଇବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି କମିସନ କହିଛନ୍ତି। ଅନ୍ୟପଟେ ଏହି ଅଦଳବଦଳକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିରୋଧ କରିଛନ୍ତି। ସେ ଏହାକୁ ପଶ୍ଚିମବଙ୍ଗ ଏବଂ ମହିଳା ବିରୋଧୀ ବୋଲି କହିଛନ୍ତି।

# ରାଜ୍ୟସଭାରେ ଏଲ୍‌ପିଜି ସଙ୍କଟକୁ ନେଇ ହଙ୍ଗାମା

ନୂଆଦିଲ୍ଲୀ, ୧୬।୩ (ଏଜେନ୍ସି): ଇରାନ ଯୁଦ୍ଧ ପାଇଁ ଦେଶରେ ସୃଷ୍ଟି ହୋଇଥିବା ଏଲ୍‌ପିଜି ସଙ୍କଟକୁ ନେଇ ସୋମବାର ରାଜ୍ୟସଭାରେ ହଙ୍ଗାମା ହୋଇଛି। ବିରୋଧୀ ଦଳଗୁଡ଼ିକ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ସଙ୍କଟ ଜାଣି ବି ସରକାର କାହିଁକି ବ୍ୟବସ୍ଥା କଲେନି ବୋଲି ପ୍ରଶ୍ନ କରିଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟସଭାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଗ୍ୟାସ ସଙ୍କଟକୁ ନେଇ ସରକାରଙ୍କୁ ଘେରି ଥିଲେ। ଖଡଗେ କହିଥିଲେ ଯେ ଏଲ୍‌ପିଜିରେ କୌଣସି ସମସ୍ୟା ନାହିଁ ବୋଲି ପେଟ୍ରୋଲିୟମ ମନ୍ତ୍ରୀ ଲୋକସଭାରେ ଦାବି କରିଥିଲେ। ମାତ୍ର ତୃଣମୂଳସ୍ତରର ସ୍ଥିତି ମନ୍ତ୍ରୀଙ୍କ ଦାବିକୁ ମିଥ୍ୟା ସାବ୍ୟସ୍ତ କରିଦେଇଛି। ଯଦି ସରକାର ସମୟ ପୂର୍ବରୁ ବ୍ୟବସ୍ଥା କରି ଦେଇଥାନ୍ତେ, ତେବେ ସ୍ଥିତି ଏତେ ଖରାପ ହୋଇ ନ ଥାଆନ୍ତା। ଏହାକୁ ନେଇ ଖଡ଼ଗେଙ୍କୁ ବିଜେପି ସାଂସଦ

- ଲୋକସଭାର ୮ ସାଂସଦଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ହେବ

ଜେ.ପି. ନଡ୍ଡା ଅଟକାଇଥିଲେ। ନଡ୍ଡା କହିଥିଲେ ଯେ କଂଗ୍ରେସ ବିପତ୍ତି ସମୟରେ ମଧ୍ୟ ରାଜନୀତି କରୁଛି। ଏହା ସତ୍ତ୍ୱେ ଖଡ଼ଗେ କହିବା ଜାରି ରଖିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ କହିଥିଲେ ଯେ କଂଗ୍ରେସ ନେତାମାନେ ଉତ୍ତର ଶୁଣନ୍ତି ନାହିଁ। ସେହିପରି ଟିଏମସି ସଦସ୍ୟ ରାଜ୍ୟସଭାରୁ କକ୍ଷତ୍ୟାଗ କରିଥିଲେ। ପଶ୍ଚିମବଙ୍ଗର ଅଧିକାରୀଙ୍କୁ ହଟାଇବା ପାଇଁ ନିର୍ବାଚନ କମିଶନଙ୍କ ନିଷ୍ପତ୍ତିକୁ ବିରୋଧ କରି ଟିଏମସି ସଦସ୍ୟ ଏହି ପଦକ୍ଷେପ ନେଇଛନ୍ତି। ଏହା ବ୍ୟତୀତ ଏଲପିଜି ସଙ୍କଟ ପାଇଁ ସରକାର ଦାୟୀ ବୋଲି ଆପ୍ ସଦସ୍ୟ ସଞ୍ଜୟ ସିଂହ କହିଥିଲେ। ହର୍ମୁଜ ସଙ୍କଟକୁ ନେଇ ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀଙ୍କ ପାଖରେ ପୂର୍ବରୁ ସୂଚନା ଥିଲା। ଏହା ସତ୍ତ୍ୱେ ସରକାର ଇରାନ ସହିତ ନିଜର ସମ୍ପର୍କକୁ ସୁଦୃଢ଼ ରଖିଲେ ନାହିଁ, ଯେଉଁ କାରଣରୁ ଏବେ ଦେଶରେ ଏଲପିଜି ସିଲିଣ୍ଡରର ଅଭାବ ସୃଷ୍ଟି ହୋଇଛି।

ଅନ୍ୟପଟେ ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନରେ ଆଜି ପ୍ରଥମ ଥର ପାଇଁ ଲୋକସଭାରେ ପ୍ରଶ୍ନକାଳ ବିନା ହଙ୍ଗାମାରେ ଶେଷ ହୋଇଛି। ବାଚସ୍ପତି ନିଜ ଚ୍ୟାମ୍ବରରେ ସର୍ବଦଳୀୟ ବୈଠକ ମଧ୍ୟ କରିଛନ୍ତି। ଏଥିରେ ୮ ସଦସ୍ୟଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିବା ପାଇଁ ବାଚସ୍ପତି ପ୍ରତିଶ୍ରୁତି ଦେଇଛନ୍ତି। ଆଜି ଲୋକସଭା କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କିଛି ବିରୋଧୀ ସାଂସଦ ନିଜର ପ୍ରସଙ୍ଗଗୁଡ଼ିକୁ ତୁରନ୍ତ ଉଠାଇବା ପାଇଁ ଦାବି କରିଥିଲେ। ଏହା ଉପରେ ବାଚସ୍ପତି ଓମ୍ ବିର୍ଲା କହିଥିଲେ ଯେ ମଧ୍ୟାହ୍ନ ୧୨ଟାରେ ପ୍ରଶ୍ନକାଳ ଶେଷ ହେବା ପରେ ସେମାନଙ୍କୁ କହିବା ପାଇଁ ସୁଯୋଗ ଦିଆଯିବ।

## ନେତୃତ୍ୱ ନେବେ ଇଶାନ



ହାଇଦରାବାଦ୍,୧୬।୩(ଏଜେନ୍ସି): ଚଳିତ ଆଇପିଏଲ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍‌ର ନିୟମିତ ଅଧିନାୟକ ପ୍ୟାଟ କମିନ୍ସଙ୍କର ଭାରତ ଆସିବା ନେଇ କିଛି ସ୍ପଷ୍ଟ ସୂଚନା ନାହିଁ। ଏଣୁ ସେ ନିଶ୍ଚିତଭାବେ ଚଳିତ ଆଇପିଏଲ୍‌ର ପ୍ରଥମ ସପ୍ତାହରେ ଅନୁପସ୍ଥିତ ରହିବେ ବୋଲି କୁହାଯାଉଛି। ଏଣୁ ତାଙ୍କ ଅନୁପସ୍ଥିତିରେ ଇଶାନ କିଶାନ ସନ୍‌ରାଇଜର୍ସର ନେତୃତ୍ୱ ନେବେ ବୋଲି ଜଣାଯାଇଛି। ଏ ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା ଖୁବ୍ ଶୀଘ୍ର ହେବ।

## ଗେଲ୍‌ଙ୍କୁ ଟପିବା ବୈଭବଙ୍କ ଲକ୍ଷ୍ୟ



ନୂଆଦିଲ୍ଲୀ, ୧୬।୩ (ଏଜେନ୍ସି): ଗତବର୍ଷ ଆଇପିଏଲ୍ ପଦାର୍ପଣ କରି ୧୪ ବର୍ଷ ବୟସ୍କ ବୈଭବ ସୂର୍ଯ୍ୟବଂଶୀ ଗୁଜରାଟ ଟାଇଟାନ୍‌ସ ବିପକ୍ଷରେ ମାତ୍ର ୩୫ ବଲ୍‌ରୁ ଶତକ ହାସଲ କରିଥିଲେ। ତାଙ୍କର ଏହି ଶତକ ସାରା କ୍ରିକେଟ୍ ଦୁନିଆରେ ଚହଳ ପକାଇଥିଲା। ଆଉ ୧୦ ଦିନ ପରେ ୧୫ତମ ଜନ୍ମଦିନ ପାଳନ କରିବାକୁ ଯାଉଥିବା ରାଜସ୍ଥାନ ରୟାଲ୍‌ସର ବୈଭବ ସୂର୍ଯ୍ୟବଂଶୀଙ୍କର ୨୦୨୬ ଆଇପିଏଲ୍ ପାଇଁ କ'ଣ ଲକ୍ଷ୍ୟ ରହିଛି ? ଦ୍ରୁତତମ ଆଇପିଏଲ୍ ଶତକ। ଏକ ଓଭରରେ ୬ଟି ଛକା। କ୍ରିସ୍ ଗେଲ୍‌ଙ୍କ ଆଇପିଏଲ୍ ରେକର୍ଡ ୧୭୫ ରନ୍‌ର ସର୍ବାଧିକ ବ୍ୟକ୍ତିଗତ ସ୍କୋର୍? ବିସିସିଆଇର ବାର୍ଷିକ ଉତ୍ସବରେ ବୈଭବଙ୍କୁ ଭାଷ୍ୟକାର ହର୍ଷ ଭୋଗ୍‌ଲେ ଉପରୋକ୍ତ ପ୍ରଶ୍ନ କରିଥିଲେ। ତାଙ୍କର ସଂକ୍ଷିପ୍ତ କ୍ରିକେଟ୍ ଜୀବନରେ ବୈଭବ ସୂର୍ଯ୍ୟବଂଶୀ ଯେତିକି ପ୍ରତିଭା ଦେଖାଇଛନ୍ତି; ତାହା ଦେଖି କହିହେବ ଯେ ଉପରୋକ୍ତ ସମସ୍ତ କୀର୍ତ୍ତିମାନ ହାସଲ କରିବାକୁ ସେ ସମର୍ଥ।

## ଦକ୍ଷିଣ ଆଫ୍ରିକା ଶୃଙ୍ଖଳାରୁ ସୋଧି ବାଦ୍



ମାଉଣ୍ଟ ମାଉଙ୍ଗାନୁଇ, ୧୬।୩ (ଏଜେନ୍ସି): ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷ ଟ୍ୱେଣ୍ଟି୨୦ ଶୃଙ୍ଖଳାରୁ ନ୍ୟୁଜିଲାଣ୍ଡର ବରିଷ୍ଠ ଲେଗସ୍ପିନର ଇସ୍ ସୋଧି ବାଦ୍ ପଡ଼ିଛନ୍ତି। ରବିବାର ପ୍ରଥମ ମ୍ୟାଚ୍ ପୂର୍ବରୁ ଅଭ୍ୟାସ କରିବା ବେଳେ ସୋଧିଙ୍କ ହାତରେ ବଲ୍ ବାଜିଥିଲା। ଫଳରେ ତାଙ୍କ ବୁଢ଼ା ଆଙ୍ଗୁଠି ଭାଙ୍ଗିଯାଇଛି। ସୁସ୍ଥହେବା ପାଇଁ ସୋଧିଙ୍କୁ ଅତିକମ୍‌ରେ ୪ ସପ୍ତାହ ସମୟ ଲାଗିବ। ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ମାତ୍ର ୯୧ ରନ୍‌ରେ ଅଲଆଉଟ୍ ହୋଇ ପରାସ୍ତ ହୋଇଥିଲା। ଦକ୍ଷିଣ ଆଫ୍ରିକା ୫ ମ୍ୟାଚ୍‌ର ଟ୍ୱେଣ୍ଟି୨୦ ଶୃଙ୍ଖଳାରେ ୧-୦ରେ ଆଗୁଆ ରହିଛି। ବାକି ୪ଟି ଟ୍ୱେଣ୍ଟି୨୦ ମ୍ୟାଚ୍ ପାଇଁ ନ୍ୟୁଜିଲାଣ୍ଡ ସୋଧିଙ୍କର ବଦଳ ଖେଳାଳିଙ୍କ ନାମ ଘୋଷଣା କରିନାହିଁ। କାରଣ ଦଳରେ ଆଉ ଦୁଇ ସ୍ପିନର ମିଚେଲ ସାଣ୍ଟନର ଓ କୋଲ୍ ମ୍ୟାକ୍‌କୋଞ୍ଚି ରହିଛନ୍ତି। ଫାଷ୍ଟବୋଲର ଲୋକି ଫର୍ଗୁସନ୍ ମଧ୍ୟ ଶୃଙ୍ଖଳାର ବାକି ମ୍ୟାଚ୍ ପାଇଁ ନ୍ୟୁଜିଲାଣ୍ଡ ଦଳରେ ସାମିଲ ହୋଇଛନ୍ତି।

## ପାକିସ୍ତାନ ଚୟନ କମିଟିକୁ ଆଫ୍ରିଦୀଙ୍କ ତୀବ୍ର ସମାଲୋଚନା

କରାଚି,୧୬।୩(ଏଜେନ୍ସି): ଟି-୨୦ ବିଶ୍ୱକପ୍‌ରେ ନିରାଶାଜନକ ଓ ଏବେ ଦିନିକିଆ ସିରିଜ୍‌ରେ ବାଂଲାଦେଶଠାରୁ ୨-୧ ବ୍ୟବଧାନରେ ପରାଜିତ ହେବା ପରେ ପାକିସ୍ତାନ କ୍ରିକେଟ ଚୟନ କମିଟିକୁ ଦେଶର ତାରକା ଖେଳାଳି ସାହିଦ୍ ଆଫ୍ରିଦୀ ତୀବ୍ର ସମାଲୋଚନା କରିଛନ୍ତି। ପାକିସ୍ତାନର ଏପରି ଦୟନୀୟ ପ୍ରଦର୍ଶନ ଲାଗି ଚୟନ କମିଟି ଦାୟୀ ବୋଲି ସେ ଏକ ଭିଡିଓ ବାର୍ତ୍ତାରେ ଜଣାଇଛନ୍ତି। ତାଙ୍କ ମତରେ ଚୟନ କମିଟିରେ ଥିବା ସଦସ୍ୟମାନେ ଅନେକ କ୍ରିକେଟ ଖେଳିଛନ୍ତି। ଏତେ ଅଭିଜ୍ଞତା ସତ୍ତ୍ୱେ କେଉଁ ଖେଳାଳିଙ୍କୁ କେଉଁ ଫର୍ମାଟରେ ନେତୃତ୍ୱ ପ୍ରଦାନ କରାଯିବ, କାହାକୁ ଦଳରେ ସାମିଲ କରାଯିବ, ତାହା ଜାଣିପାରୁ ନାହାନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବାବର ଆଜମଙ୍କ ପରି ଖେଳାଳିଙ୍କୁ ବାଦ୍ ଦେବାକୁ ସେ ଆଦୌ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ପାକିସ୍ତାନ ଘରୋଇ କ୍ରିକେଟରେ ୫ରୁ ୭ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ପାକିସ୍ତାନକୁ ପ୍ରତିନିଧିତ୍ୱ କରିବା ନିହାତି ହାସ୍ୟାସ୍ପଦ ଘଟଣା। ଅଭିଜ୍ଞତା ନ ଥାଇ ଅନ୍ତର୍ଜାତୀୟ କ୍ରିକେଟ ଖେଳିଲେ ବାଂଲାଦେଶଠାରୁ ହାରିବା କଥା ନିୟମିତ ଦେଖିବାକୁ ମିଳିବ ବୋଲି ଆଫ୍ରିଦୀ କହିଛନ୍ତି।

# ଚିନ୍ନାସ୍ୱାମୀରେ ଖେଳାଯିବ ଆଇପିଏଲ୍ ମ୍ୟାଚ୍

ବେଙ୍ଗାଲୁରୁ, ୧୬।୩ (ଏଜେନ୍ସି)



ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୯ଶ ସଂସ୍କରଣର ମ୍ୟାଚ୍ ଖେଳାଯିବା ପାଇଁ ସବୁଜ ସଙ୍କେତ ମିଳିଛି। କର୍ଣ୍ଣାଟକ ସରକାରଙ୍କ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ କମିଟି ସୋମବାର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛି ଯେ ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ଆଇପିଏଲ୍ ସହ ଅନ୍ୟ ସମସ୍ତ ମ୍ୟାଚ୍ ଆୟୋଜନ ପାଇଁ ସମର୍ଥ। ଫଳରେ ଦେଶର ଅନ୍ୟତମ ପ୍ରମୁଖ ଷ୍ଟାଡିୟମ୍‌ରେ ଆଇପିଏଲ୍ ମ୍ୟାଚ୍ ଖେଳାଯିବାକୁ ନେଇ ଥିବା ଦ୍ୱନ୍ଦ୍ୱ ଦୂରହୋଇଛି। ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ୫ଟି ଘରୋଇ ଲିଗ୍ ମ୍ୟାଚ୍ ସହ ଗୋଟିଏ ପ୍ଲେ ଅଫ୍ ମ୍ୟାଚ୍ ଓ ଫାଇନାଲ ମ୍ୟାଚ୍ ଖେଳାଯିବାର ଅଛି। ମାର୍ଚ୍ଚ ୨୮ରେ ଏହି ଷ୍ଟାଡିୟମ୍‌ରେ ଆର୍‌ସିବି ଓ ସନ୍‌ରାଇଜର୍ସ ହାଇଦରାବାଦ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ମଧ୍ୟ ଖେଳାଯିବ। କର୍ଣ୍ଣାଟକ ସରକାରଙ୍କ ଦ୍ୱାରା ଗଠିତ ତଦନ୍ତ କମିଟିର ରିପୋର୍ଟକୁ ତର୍ଜମା କରିବା ପରେ ଏହିନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ ଆର୍‌ସିବି ଏଠାରେ ବିଜୟ ଉତ୍ସବ ପାଳନ କଲାବେଳେ ଦର୍ଶକମାନେ ସେମାନଙ୍କ ଷ୍ଟାରଙ୍କୁ ଦେଖିବାକୁ ଯାଇଥିବାବେଳେ ଦଳାଚକଟରେ ଅଧା ଡଜନରୁ ଉର୍ଦ୍ଧ୍ୱ ସମର୍ଥକ ମୃତ୍ୟୁ ବରରଣ କରିଥିଲେ।

କର୍ଣ୍ଣାଟକର ସରକାରଙ୍କ ଗୃହ ମନ୍ତ୍ରୀ ଜି. ପରମେଶ୍ୱର ବିଶେଷଜ୍ଞ କମିଟି ନିଯୁକ୍ତ କରିଥିଲେ। ଉକ୍ତ କମିଟି ଶୁକ୍ରବାର ସାରାଦିନ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଦର୍ଶକଙ୍କ ନିରାପତ୍ତା ଓ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥାର ତନଖି କରିଥିଲେ। ସୋମବାର କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ଆସୋସିଏସନ୍ (କେଏସ୍‌ସିଏ), ଆର୍‌ସିବିର ଉଚ୍ଚ ଅଧିକାରୀ ଓ ବିଶେଷଜ୍ଞ କମିଟିର ସଦସ୍ୟଙ୍କ ମଧ୍ୟରେ ବୈଠକ ପରେ ଚିନ୍ନାସ୍ୱାମୀରେ ଆଇପିଏଲ୍ ମ୍ୟାଚ୍ ଆୟୋଜନ ପାଇଁ ସରକାର ଅନୁମତି ଦେଇଛନ୍ତି। ଆର୍‌ସିବିର ୭ଟି ଘରୋଇ ମ୍ୟାଚ୍ ମଧ୍ୟରୁ ବେଙ୍ଗାଲୁରୁରେ ୫ଟି ଏବଂ ରାୟପୁରରେ ୨ଟି ମ୍ୟାଚ୍ ଖେଳାଯିବ। ମ୍ୟାଚ୍ ବେଳେ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଯେପରି ଅତ୍ୟଧିକ ଭିଡ଼ ନହୁଏ; ତାହା ନିଶ୍ଚିତ କରିବା ଲାଗି କେଏସ୍‌ସିଏ ସହ ମିଶି ଆର୍‌ସିବି ଏକ ଯୋଜନା କରିଛି। ସମସ୍ତ ଟିକଟରେ କ୍ୟୁଆର୍ କୋଡ୍ ରହିବ। ଏହାକୁ ସ୍କାନ୍ କରି ଦର୍ଶକଙ୍କୁ ଷ୍ଟାଡିୟମ୍ ମଧ୍ୟକୁ ଛଡ଼ାଯିବ। ପୁଣି ଷ୍ଟାଡିୟମ୍‌କୁ ଦର୍ଶକଙ୍କ ଯିବାଆସିବା ଲାଗି ବେଙ୍ଗାଲୁରୁ ମେଟ୍ରୋ ସହ ମଧ୍ୟ ଆର୍‌ସିବି ଆଲୋଚନା କରିଛି। ଯେଉଁଦିନ ରାତିରେ ଚିନ୍ନାସ୍ୱାମୀରେ ମ୍ୟାଚ୍ ଥିବ; ସେହିଦିନ ରାତି ଗୋଟାଏ ପର୍ଯ୍ୟନ୍ତ ମେଟ୍ରୋ ଟ୍ରେନ୍ ଚଳାଚଳ କରିବ। ମ୍ୟାଚ୍ ଦିନ ଅଧିକ ସଂଖ୍ୟକ ମେଟ୍ରୋ ଚାଲିବ। ଏହା ମଧ୍ୟ ଜାଣିବାକୁ ମିଳିଛି ଯେ ଯେଉଁମାନଙ୍କ ପାଖରେ ମ୍ୟାଚ୍‌ର ଟିକଟ ଥିବ; ସେମାନେ ଏହା ଦେଖାଇ ନିଃଶୁଳ୍କରେ ମେଟ୍ରୋରେ ଯିବାଆସିବା କରିପାରିବେ। ପୁଣି ଫାଟକରେ ଭିଡ଼ ଏଡ଼ାବା ପାଇଁ କେଏସ୍‌ସିଏ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଆଉ ୬ଟି ଅତିରିକ୍ତ ଫାଟକ ନିର୍ମାଣ କରିଛି। ଦର୍ଶକ ପ୍ରସ୍ଥାନ କରିବାକୁ ଥିବା ଫାଟକ ଅଧିକ ଚଉଡାର ରହିଛି। ୫ ଦିନ ତଳେ ଆଇପିଏଲ୍-୨୦୨୬ର ପ୍ରଥମ ୨୦ଟି ମ୍ୟାଚ୍‌ର ଖେଳସୂଚୀ ଘୋଷଣା ହୋଇଛି। ଏଥିରେ ବେଙ୍ଗାଲୁରୁରେ ୨ଟି ମ୍ୟାଚ୍ ରହିଛି। ୨୦୨୫ ଆଇପିଏଲ୍ ପରଠାରୁ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ୍ ଖେଳା ଯାଇନାହିଁ। ଗତବର୍ଷ ଆଇପିଏଲ୍ ଚମ୍ପିଆନ୍ ହେବା ପରେ ଆର୍‌ସିବି ଦଳର ବିଜୟ ଶୋଭାଯାତ୍ରା ବେଳେ ୧୧ ଜଣ ପ୍ରାଣ ହରାଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଥିଲେ। ଏହା ପରଠାରୁ ଚିନ୍ନାସ୍ୱାମୀରେ ମ୍ୟାଚ୍ ହୋଇନାହିଁ। ଏଠାରେ ଆଇପିଏଲ୍ ମ୍ୟାଚ୍ ଆୟୋଜନ ପାଇଁ ସରକାରଙ୍କ ସବୁଜ ସଙ୍କେତ ମିଳିବା ପରେ ଆର୍‌ସିବିକୁ ଷ୍ଟାଡିୟମ୍ ହସ୍ତାନ୍ତର କରାଯିବ।

# ସିନ୍ନର, ସାବାଲେଙ୍କା ଚାମ୍ପିଅନ





ଇଣ୍ଡିଆନ୍ ୱେଲ୍ସ,୧୬।୩(ଏଜେନ୍ସି): ବିଶ୍ୱର ଦୁଇ ତାରକା ଖେଳାଳି ଯଥା ପୁରୁଷ ବିଭାଗରେ ପୂର୍ବତନ ନଂ-୧ ଖେଳାଳି ଜାନିକ ସିନ୍ନର ଓ ମହିଳା ବିଭାଗରେ ବିଶ୍ୱର ନଂ-୧ ଖେଳାଳି ଆରିନା ସାବାଲେଙ୍କା ଏଠାରେ ଆଜି ଶେଷ ହୋଇଥିବା ଇଣ୍ଡିଆନ୍ ୱେଲ୍ସ ଏଟିପି ମାଷ୍ଟର୍ସ-୧୦୦୦ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଆମେରିକା ସମୟ ରବିବାର ରାତି ଓ ଭାରତୀୟ ସମୟ ସୋମବାର ସକାଳେ ଅନୁଷ୍ଠିତ ପୁରୁଷ ବିଭାଗ ଫାଇନାଲରେ ଇଟାଲୀର ସିନ୍ନି ୭-୬, ୭-୬ ସିଧାସଳଖ ସେଟ୍‌ରେ ରୁଷିଆର ଦାନିଲ ମେଦଭେଦେଭଙ୍କୁ ହରାଇ ଚତୁର୍ଥଥର ସକାଶେ ଏଠାରେ ଟାଇଟଲ ବିଜୟୀ ହୋଇଥିଲେ। ଉଭୟ ସେଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହୋଇଥିଲା ଓ ଏହି ଟୁର୍ଣ୍ଣାମେଣ୍ଟକୁ ସିନ୍ନର ସବୁଠାରୁ କଷ୍ଟକର ବୋଲି କହିଥିଲେ। ପୂର୍ବରୁ ମହିଳା ବିଭାଗରେ ଫାଇନାଲରେ ଆରିନା ସାବାଲେଙ୍କା କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଏଲିନା ରିବାକିନାଙ୍କୁ ପରାସ୍ତ କରିଥିଲେ। ଏହା ଫଳରେ ସାବାଲେଙ୍କାଙ୍କୁ ଟାଇଟଲ ସହ ରିବାକିନାଙ୍କ ବିପକ୍ଷରେ ପରାଜୟର ଧାରା ଭାଙ୍ଗିବାରେ ସମର୍ଥ ହୋଇଛନ୍ତି। ଚଳିତ ସିଜନରେ ରିବାକିନା କ୍ରମାଗତ ୧୨ଟି ମ୍ୟାଚ୍ ଜିତିବା ପରେ ପ୍ରଥମଥର ଏଠାରେ ପରାଜିତ ହୋଇଛନ୍ତି।

## ଜାତୀୟ ଯୁବ ଭଲିବଲ | ଓଡ଼ିଶା ଦଳର ଚମତ୍କାର ବିଜୟ



ଭୁବନେଶ୍ୱର,୧୬।୩(ସମିସ): କିଟ୍ ୟୁନିଭର୍ସିଟିଜ୍ ପରିସରରେ ଚାଲିଥିବା ୨୬ତମ ଜାତୀୟ ଯୁବ୍ ଭଲିବଲ ଚାମ୍ପିଅନସିପ୍‌ର ପ୍ରଥମ ଦିନରେ ଓଡ଼ିଶା ଦଳ ଚମତ୍କାର ବିଜୟ ହାସଲ କରିଛି। ଆଜି ଖେଳାଯାଇଥିବା ପୁରୁଷ ବିଭାଗ ଦ୍ୱିତୀୟ ମ୍ୟାଚ୍‌ଟି ଓଡ଼ିଶା ଓ ହରିୟାଣା ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଏଥିରେ ଉଭୟ ଦଳ ୨ଟି ଲେଖାଏଁ ସେଟ୍ ଜିତି ସମାନ ସ୍ତରରେ ରହିଥିଲେ। ଓଡ଼ିଶା ଦଳ ପ୍ରଥମ ଦୁଇ ସେଟ୍‌କୁ ୨୫-୧୮, ୨୮-୨୬ରେ ଜିତିଥିଲା। ଏହାର ପରବର୍ତ୍ତୀ ଦୁଇଟି ସେଟ୍‌କୁ ହରିୟାଣା ୨୫-୨୨, ୨୫-୧୭ରେ ଜିତି ଖେଳକୁ ସମାନସ୍ତରକୁ ଆଣିଥିଲା। ଏହା ପରେ ୫ମ ତଥା ନିର୍ଣ୍ଣାୟକ ସେଟ୍‌ରେ ଓଡ଼ିଶା ଧୈର୍ଯ୍ୟର ସହ ଖେଳି ୧୬-୧୪ରେ ଜିତିବା ସହ ମ୍ୟାଚ୍‌କୁ ୩-୨ ସେଟ୍‌ରେ ଜିତିନେଇଥିଲା। ପୂର୍ବରୁ ପୁରୁଷ ଦଳ ପ୍ରଥମ ମ୍ୟାଚରେ ଓଡ଼ିଶା ଦଳ ୩-୦ ସେଟ୍‌ରେ ସହଜରେ ଉତ୍ତରାଖଣ୍ଡକୁ ପରାସ୍ତ କରିଥିଲା। ପୁରୁଷଙ୍କ ଭଳି ମହିଳା ଦଳ ମଧ୍ୟ ପ୍ରଥମ ଦିନରେ ବିଜୟୀ ହୋଇଛନ୍ତି। ମହିଳା ଦଳ ପ୍ରଥମ ମ୍ୟାଚ୍‌ରେ ପଡୋଶୀ ଛତିଶଗଡ଼କୁ ୩-୦ ସେଟ୍‌ରେ ହରାଇ ବିଜୟ ଅଭିଯାନ ଆରମ୍ଭ କରିଛି। ବିଜୟୀ ଦଳକୁ ଓଡ଼ିଶା ଭଲିବଲ ସଂଘ ସଭାପତି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

## ଇଣ୍ଟର ୟୁନିଭରସିଟି ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଜେଏମ୍ ରିତିକାଙ୍କ ସଫଳତା



ଭୁବନେଶ୍ୱର, ୧୬।୩ (ସମିସ): ଚଣ୍ଡିଗଡର ପଞ୍ଜାବ ୟୁନିଭରସିଟି ରେ ଅନୁଷ୍ଠିତ ହୋଇଥିବା ଅଲ ଇଣ୍ଡିଆ ଇଣ୍ଟର ୟୁନିଭରସିଟି ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ପ୍ରତିଯୋଗିତାରେ ଜେଏମ ରିତିକା ଦାସ ପଞ୍ଜାବ ୟୁନିଭରସିଟି ତରଫରୁ ଅଂଶ ଗ୍ରହଣ କରି ବ୍ୟକ୍ତିଗତ ଭାବେ ବାଲାନ୍ସିଂ ବିମ ରେ ୧୦.୨୦୦ ପଏଣ୍ଟ ରଖି ରୌପ୍ୟ ପଦକ ହାସଲ କରିଥିବା ବେଳେ ୧୯୬.୬୦୦ ପଏଣ୍ଟ ରେ ଦଳଗତ ଭାବେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରିତିକା ମାତ୍ର ୬ ବର୍ଷ ବୟସ ରୁ ଜେଏମ ସ୍ପୋର୍ଟସ ଏକାଡେମୀ ରେ ଜିମ୍ନାଷ୍ଟିକ ପ୍ରଶିକ୍ଷଣ ଆରମ୍ଭ କରି ଏବେ କଳିଙ୍ଗ ଷ୍ଟାଡିୟମ ହାଇ ପରଫରମାନ୍ସ ସେଣ୍ଟରେ ଅଭ୍ୟାସରତ ଅଛନ୍ତି। ତାଙ୍କର ଏହି ସଫଳତା ପାଇଁ ଓଡ଼ିଶା ଜିମ୍ନାଷ୍ଟିକ ଆସୋସିଏସନର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ଏବଂ ଅନ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି। ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନ ର ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ସହ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ, ଉପସଭାପତି ତଥା ଜେଏମ ସ୍ପୋର୍ଟସ ଏକାଡେମୀ ର ଅଧକ୍ଷା ମୀରାରାଣି ଦାସ, କାର୍ଯ୍ୟକାରୀ କମିଟି ସଦସ୍ୟ ତଥା ଜେଏମ ସ୍ପୋର୍ଟସ ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ, ଚିଫ ପାଟ୍ରନ ଅତିଶ କୁମାର ରାଉତ, ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ର, ଏକାଡେମୀର ସମସ୍ତ କର୍ମକର୍ତ୍ତା ଏବଂ ଅଭିଭାବକବୃନ୍ଦ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଓଡ଼ିଶାର ଉଦୀୟମାନ କ୍ରିକେଟର ଅଲିପ୍ସା ବିଶ୍ୱାଳ

ଭୁବନେଶ୍ୱର,୧୬।୩ (ସମିସ)



ଓଡ଼ିଶା ମହିଳା କ୍ରିକେଟରେ ନୂଆ ଆଶା ନେଇ ଆସିଛନ୍ତି ବାମହାତୀ ବ୍ୟାଟର ଅଲିପ୍ସା ବିଶ୍ୱାଳ। ନିକଟରେ ଶେଷ ହୋଇଥିବା ୨୩ ବର୍ଷରୁ କମ୍ ବିସିସିଆଇ ମହିଳା ସୀମିତ ଓଭର କ୍ରିକେଟରେ ଓଡ଼ିଶା ଦଳର ନେତୃତ୍ୱ ନେଇ ସେ ଦୁଇଟି ବିଭାଗରେ ତାଙ୍କ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ମେଣ୍ଟର ଜ୍ଞାନଚାନ୍ଦ ଦାସଙ୍କ ଅନୁଯାୟୀ ଅଲିପ୍ସାଙ୍କ ନିକଟରେ ଇଶ୍ୱରଦତ୍ତ ପ୍ରତିଭା ରହିଛି। ଗୋଟିଏ ହେଉଛି ତାଙ୍କ ଖେଳ ଏବଂ ଅନ୍ୟଟି ହେଉଛି ନେତୃତ୍ୱ ନେବାର ଦକ୍ଷତା। ଉଭୟ ବିଭାଗରେ ସେ ବେଶ ପାରଙ୍ଗମ ବୋଲି ତାଙ୍କ ଦଳର କୋଚ୍ ତଥା ଅନ୍ୟତମ ମେଣ୍ଟର ସ୍ୱାଗତିକା ରଥ ସ୍ୱୀକାର କରିଛନ୍ତି। ଚଳିତବର୍ଷ ଅଲିପ୍ସା ୨୩ ବର୍ଷରୁ କମ୍ କ୍ରିକେଟରେ ଓଡ଼ିଶାର ନେତୃତ୍ୱ ନେଇ ୫ଟି ମ୍ୟାଚ୍ ଖେଳିଥିଲେ। ଏଥିରେ ଓଡ଼ିଶା ୨ଟିରେ ଜିତିଥିଲାବେଳେ ୩ଟିରେ ପରାଜିତ ହୋଇଛି। ଶେଷ ମ୍ୟାଚ୍‌ଟି କେରଳ ବିପକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଓଡ଼ିଶା ବିଜୟୀ ହୋଇଥିଲେ ନକ୍‌ଆଉଟ ଖେଳିଥାନ୍ତା ଏବଂ ଓଡ଼ିଶାର ଖେଳାଳିମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବାକୁ ଆଉ କିଛି ସୁଯୋଗ ପାଇଥାନ୍ତେ।

କେରଳରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଅଲିପ୍ସା ଉତ୍ତରପ୍ରଦେଶ ବିପକ୍ଷରେ ୪୮, ଉତ୍ତରାଖଣ୍ଡ ବିପକ୍ଷରେ ୭୮ ଓ ଗୁଜରାଟ ବିପକ୍ଷରେ ଅପରାଜିତ ୧୦୦ ରନ୍ କରିଥିଲେ। ଅଲିପ୍ସାଙ୍କ କ୍ରିକେଟ କ୍ୟାରିୟରରେ ଏହା ପ୍ରଥମ ଶତକ ଓ ଏହି ସ୍କୋର ବଳରେ ଗୁଜରାଟକୁ ହରାଇବାରେ ଓଡ଼ିଶା ସଫଳ ହୋଇଥିଲା। କ୍ରିକେଟ ଖେଳ ଲାଗି ବିଶେଷ ସୁବିଧା ସୁଯୋଗ ନ ଥିବା ଏକ ଯାଜପୁର ଜିଲ୍ଲା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅଲିପ୍ସା ଓଡ଼ିଶାର ୧୯ ଓ ୨୩ ବର୍ଷରୁ କମ୍ ଦଳରୁ ୨୦୨୦ରୁ ଖେଳିଆସୁଛନ୍ତି। ଏହି ୫ ବର୍ଷ ମଧ୍ୟରେ ସେ ତାଙ୍କ ପ୍ରତିଭାବଳରେ ଏତେବାଟ ଆସିଛନ୍ତି ବୋଲି କହନ୍ତି ଶ୍ରୀ ଦାସ୍। ଅଲିପ୍ସା ଏଭଳି ଜଣେ ବ୍ୟାଟର ଯାହାଙ୍କ ନିକଟରେ ସବୁପ୍ରକାର ସଟ ରହିଛି। ସେ ଦୀର୍ଘ ସମୟ ବ୍ୟାଟିଂ କରିପାରିବାର ଦକ୍ଷତା ରଖନ୍ତି। ଯେ କୌଣସି ପିଚ୍ ଓ ବୋଲିଂ ବିପକ୍ଷରେ ଖେଳିବାରେ ତାଙ୍କର ଦକ୍ଷତା ରହିଛି। ଏବେ ତାଙ୍କୁ କିଛି ଅଧିକ ପରିଶ୍ରମ କରି ସିନିୟର ଦଳରେ ସ୍ଥାନ ହାସଲ କରିବାକୁ ହେବ। ସିନିୟର ଦଳରେ ଖେଳିଲେ ତାଙ୍କ ପ୍ରତିଭାର ଉପଯୁକ୍ତ ମୂଲ୍ୟାୟନ ହୋଇପାରିବ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା ଲାଭ କରିବାକୁ ଚେଷ୍ଟା କରିବେ।

ଗତ ଦୁଇବର୍ଷ ଧରି ଏହି ୨୨ ବର୍ଷୀୟା ଗ୍ରାଜୁଏଟ ୨୩ ବର୍ଷରୁ କମ୍ ଦଳରୁ ଖେଳିଆସୁଛନ୍ତି। ଏହା ପୂର୍ବରୁ ସେ ମଧ୍ୟ ୧୯ ବର୍ଷରୁ କମ୍ ଦଳ ଲାଗି ଉଭୟ ଟି-୨୦ ଓ ଦିନିକିଆ ଫର୍ମାଟରେ ଖେଳିଛନ୍ତି। ଚଳିତ ସିଜନ ପୂର୍ବରୁ ଗୁଜରାଟ ବିପକ୍ଷରେ ୬୩, ହରିୟାଣା ବିପକ୍ଷରେ ୫୪ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ ୨୩ ବର୍ଷରୁ କମ୍ ଦଳ ଲାଗି ଖେଳିଥିଲେ। ସେହିପରି ୧୯ ବର୍ଷରୁ କମ୍ ଦଳ ଲାଗି ବେଙ୍ଗଲ ବିପକ୍ଷରେ ୫୪, ଚଣ୍ଡିଗଡ ବିପକ୍ଷରେ ୪୯ ଓ ତ୍ରିପୁରା ବିପକ୍ଷରେ ୪୭ ରନ୍‌ର ଇନିଂସ ଉଲ୍ଲେଖନୀୟ।

ଯାଜପୁର ଜିଲ୍ଲା ତଥା ବ୍ଲକ୍‌ର କମଳପୁର ଗାଁ ମେଲଣ ପଡ଼ିଆରୁ ପୁଅ ପିଲାଙ୍କ ସହ ଖେଳି କ୍ରିକେଟ ଜୀବନ ଆରମ୍ଭ କରିଥିବା ଅଲିପ୍ସା ମା ମଞ୍ଜୁଲତା ଓ ପିତା ସୁବାସ ବିଶ୍ୱାଳଙ୍କ ସହ ଯାଜପୁର ଟାଉନ ଆସିବା ପରେ ତାଙ୍କ ଖେଳରେ ଉନ୍ନତି ହୋଇଥିଲା। ଯାଜପୁର ଜିଲ୍ଲା କ୍ରିକେଟ ସଂଘ ଏହି ପ୍ରତିଭାକୁ ଚିହ୍ନଟ କରିଥିଲେ ଓ ଖେଳିବା ଲାଗି ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେଇଥିଲେ। କୁସୁମା ପଡ଼ିଆରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ ଏବେ ଅଡଙ୍ଗ ନିକଟସ୍ଥ ନୂଆପଡ଼ା ଖେଳପଡ଼ିଆକୁ ସ୍ଥାନାନ୍ତରିତ ହୋଇଛି। ନୂଆପଡ଼ା ଖେଳ ପଡ଼ିଆ ଜିଲ୍ଲା କ୍ରିକେଟ ସଂଘ ତତ୍ତ୍ୱାବଧାନରେ ରହିଛି ଓ ଏଠାରେ ସେ, ସୁଚିସ୍ମିତା ପଣ୍ଡାଙ୍କ ସହ ସମସ୍ତ ଖେଳାଳି ପ୍ରଶିକ୍ଷଣ ନେଉଛନ୍ତି। ଫିଟ ରହିବା ଲାଗି ଅତ୍ୟାଧୁନିକ ଜିମ୍‌ର ଆବଶ୍ୟକତା ରହିଛି। ଏସବୁ ଆଧୁନିକ କ୍ରିକେଟରେ ଏକ ଆବଶ୍ୟକତା। ପୁରୁଷରେ ବିରାଟ କୋହଲି ଓ ମହିଳାରେ ସ୍ମୃତି ମନ୍ଧାନାଙ୍କୁ ଆଦର୍ଶ ମାନୁଥିବା ଅଲିପ୍ସାଙ୍କ ଲକ୍ଷ୍ୟ ହେଉଛି ଭାରତ ଲାଗି ଖେଳିବା। ଏହି ଲକ୍ଷ୍ୟରେ ସେ ଖୁବ୍‌ଶୀଘ୍ର ପହଞ୍ଚନ୍ତୁ ବୋଲି ଆମେ ଆଶା କରୁଛୁ।

**ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ କ୍ରିକେଟ**

# ସେମିଫାଇନାଲ୍‌ରେ ପ୍ରଗତି ସ୍ପୋର୍ଟିଂ




ଭୁବନେଶ୍ୱର,୧୬।୩(ସମିସ): ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ଦ୍ୱିତୀୟ ଦଳ ଭାବେ ଏଠାରେ ଚାଲିଥିବା ପ୍ରଶାନ୍ତ ମହାପାତ୍ର- ଶୁଭାଶିଷ ଭୂୟାଁ ସ୍ମାରକୀ ଖୀମଜୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଆଜି ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ପ୍ରଗତି ସ୍ପୋର୍ଟିଂ ୩ ୱିକେଟରେ ପୁରୀର ପାୟୋନିୟର କ୍ଲବ୍‌କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ସୁନ୍ଦର ବୋଲିଂ କରି ୨୩ ରନ୍ ବିନିମୟରେ ୫ଟି ୱିକେଟ ଅକ୍ତିଆର କରିଥିବା ପ୍ରଗତି ସ୍ପୋର୍ଟିଂର ମିଲନ ସାମଲଙ୍କ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ଆୟୋଜକ ମୁକ୍ତେଶ୍ୱର କ୍ଲବର ସଦସ୍ୟ ଆଶିଷ ପ୍ରତିହାରୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାକାଲି ତୃତୀୟ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱରର ଦୁଇ ଦଳ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍‌ରେ ସହିଦ୍ ସ୍ପୋର୍ଟିଂ ସହ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌ର ମୁକାବିଲା ହେବ।

ସୋମବାର ଖେଳାଯାଇଥିବା ଏହି କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାୟୋନିୟର କ୍ଲବ୍ ୩୮.୫ ଓଭରରେ ୧୯୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କୁମାର ଅଶ୍ୱିନ ସର୍ବାଧିକ ୭୨ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ମିଲନଙ୍କୁ ୫ ୱିକେଟ ସଫଳତା ମିଳିଥିଲା। ଜବାବରେ ପ୍ରଗତି ସ୍ପୋର୍ଟିଂ ୩୮.୨ ଓଭରରେ ୭ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ କୁଲଦୀପ ଯାଦବ ୯୧ ବଲ୍ ଖେଳି ଅପରାଜିତ ୭୯, ଶାନ୍ତନୁ ମିଶ୍ର ୫୨ ବଲ୍‌ରୁ ୪୭ ରନ୍ କରିଥିଲେ। ପାୟୋନିୟରର ଅବ୍‌ଦୁଲ ଏମ୍ ଖାନ ୩ଟି ଓ ଲାଲୁ ମହାନ୍ତି ୨ଟି ୱିକେଟ ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS